ବର୍ଷ-୨୬, ସଂଖ୍ୟା-୨୯୦
ଭୁବନେଶ୍ୱର
ଅକ୍ଟୋବର, ୩୦, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 290
Bhubaneswar
October, 30, 2026, Friday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ନବିକାଙ୍କ ନିର୍ବନ୍ଧ ଭାଙ୍ଗିଲା !

ଗଞ୍ଜାମ ଓ ଗଜପତିରେ ବର୍ଷା ବିପ୍ୟାତ



ଆଜି ପ୍ରଭାବିତ ଅଞ୍ଚଳ ବୁଲିବେ ମୁଖ୍ୟମନ୍ତ୍ରୀ

- ଗଞ୍ଜାମ ଓ ଗଜପତିରେ ୧ହଜାର ଗାଁ ପ୍ରଭାବିତ
- ଅନୁଧାନ ପାଇଁ ଆସିବେ କେନ୍ଦ୍ରୀୟ ଟିମ୍
- ହେଲିକପ୍ଟର ଯୋଗେ ଅଧିକ ପ୍ରଭାବିତ ଗଞ୍ଜାମ ଜିଲ୍ଲାରେ ସୁରକ୍ଷିତ ସ୍ଥାନକୁ ଜନସାଧାରଣଙ୍କୁ ସ୍ଥାନାନ୍ତରଣ
- ୩୦୦୧ ମହିଳା ଚିକିତ୍ସାଳୟକୁ ସଠିକ୍ ସମୟରେ ସ୍ଥାନାନ୍ତରିତ, ଏପର୍ଯ୍ୟନ୍ତ ୧୧୮୮ ସୁରକ୍ଷିତ ପ୍ରସବ

ଭୁବନେଶ୍ୱର,୨୯।୧୦(ମହାଭାରତ): ଚାଲିଗଲା ବାତ୍ୟା ଅର୍ଣ୍ଣବ, ଛାଡ଼ିଗଲା ବର୍ଷା ବିପ୍ୟାତ। ବର୍ତ୍ତମାନ ଅବିଶ୍ରାନ୍ତ ବର୍ଷା ପ୍ରଭାବରେ ଦକ୍ଷିଣ ଓଡ଼ିଶା ଉବୁଟୁବୁ ହେଉଛି। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଠାରୁ ମିଳିଥିବା ସୂଚନାନୁସାରେ, ଗଞ୍ଜାମ ଓ ଗଜପତିରେ ୨୦୦ରୁ ୪୦୦ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ। ଉଭୟ ଜିଲ୍ଲାରେ ୧ ହଜାର ଗାଁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଜଳଘେରିରେ ରହିଛନ୍ତି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବନ୍ୟାଞ୍ଚଳ ବୁଲି ଦେଖିବେ। ତାଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ରହିବେ।

ଆଜି (ଗୁରୁବାର) ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ରିଲିଫ କମିସନରଙ୍କ କାର୍ଯ୍ୟାଳୟରେ ସ୍ଥିତ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷଠାରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ,ଏସଆରସି , ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ବର୍ଷା ଜନିତ ବିପ୍ୟାତର ସ୍ଥିତିର ସମୀକ୍ଷା କରିଛନ୍ତି।

ବୈଠକରୁ ମିଳିଥିବା ସୂଚନାନୁସାର, ବାତ୍ୟା ଅର୍ଣ୍ଣବ୍ ପ୍ରଭାବରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି । ଗଞ୍ଜାମ ଜିଲ୍ଲାର ପାତ୍ରପୁରଠାରେ ୫୪୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାର ଜି ଉଦୟଗିରିଠାରେ ୪୬୨.୪ ମିମି ବର୍ଷା ରେକର୍ଡ଼ କରାଯାଇଛି। ସେହିପରି ଗଞ୍ଜାମ, ଗଜପତି, କନ୍ଧମାଳ ଆଦି ଜିଲ୍ଲାର ଅନେକ ଅଞ୍ଚଳରେ ୨୦୦ ମିମିରୁ ଅଧିକ ଅର୍ଥାତ୍ ଅତି ପ୍ରବଳ ବର୍ଷା ରେକର୍ଡ଼ ହୋଇଛି। ଦୁଇ ଜିଲ୍ଲା ବ୍ୟତୀତ ମାଲାକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ ଜିଲ୍ଲାର ଅନେକ ଅଞ୍ଚଳ ଅଳ୍ପବହୁତ ପ୍ରଭାବିତ ହୋଇଛି।

ଗଞ୍ଜାମ ଜିଲ୍ଲାରେ ୯୨୨ ଟି ସମ୍ବେଦନଶୀଳ ଗ୍ରାମ ଚିହ୍ନଟ (୨୨ଟି ବ୍ଲକରେ ୨୯୯ଟି ଗ୍ରାମ ପ୍ରଭାବିତ) ସହ ୪ଟି ଏସଆରସି ପାୱାର୍ ବୋଟ୍ ନିୟୋଜିତ ହୋଇଛି। ଉଦ୍ଧାରକାରୀ ବୋଟରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ୫୫୦ ଜଣ ଗର୍ଭବତୀ ମହିଳା ସ୍ଥାନାନ୍ତରିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୯୩ଜଣ ସୁରକ୍ଷିତ ପ୍ରସବ କରିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାରେ ୪୫ଓଡ୍ରାଫ୍), ୭ଏନଡିଆରଏଫ୍), ୨୪ ଅଗ୍ନିଶମ ଦଳ ନିୟୋଜିତ ଥିବା ବେଳେ ୧୧୦ ସ୍ଥାୟୀ ଆଶ୍ରୟସ୍ଥଳୀ ସହ ଅନେକ ଅସ୍ଥାୟୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା ସହିତ ପ୍ରାଥମିକ ପର୍ଯ୍ୟାୟରେ ଚୁଡ଼ା,ଗୁଡ଼ ଓ ପଲିଥିନ୍ ରୋଲ୍ ବ୍ୟବସ୍ଥା କରାଯାଇଛି।

ଗଜପତି ଜିଲ୍ଲାର ୭ଟି ବ୍ଲକରେ ୧୧୯ଟି ଗ୍ରାମ ସମ୍ବେଦନଶୀଳ ଥିବା ବେଳେ (୭୧୧ଟି ଗ୍ରାମ ପ୍ରଭାବିତ) ଗୋଟା ବ୍ୟାରେଜ୍, ବଡ଼ନାଳ ଏବଂ ଡ୍ରେନେଜ୍ ନିରୀକ୍ଷଣ କରାଯାଉଛି।ବଂଶଧାରାରେ ଜଳସ୍ତର ୫୨.୫ ମିଟର ; ଯାହା ବିପଦ ସଙ୍କେତ (୫୪.୧୦ ମିଟର) ଠାରୁ ବହୁତ କମ୍ ଅଛି । ୭ଟି ଉଦ୍ଧାରକାରୀ ବୋଟ୍ ନିୟୋଜିତ ଥିବା ବେଳେ ୪୨୦ ଜଣ ଗର୍ଭବତୀ ମହିଳା ସ୍ଥାନାନ୍ତରିତ ହୋଇଛନ୍ତି ଓ ସେମାନଙ୍କ ମଧ୍ୟରୁ ୩୩ଜଣସୁରକ୍ଷିତ ସନ୍ତାନ ଜନ୍ମ ଦେଇଛନ୍ତି। ଗଜପତି ଜିଲ୍ଲାରେ ୧୨ ଓଡ୍ରାଫ୍, ୧ ଏନଡିଆରଏଫ୍ ଏବଂ ୧୨ ଅଗ୍ନିଶମ ଦଳ ପ୍ରସ୍ତୁତ ଥିବା ବେଳେ ଉଭୟ ସ୍ଥାୟୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା ସହ ରିଲିଫ୍ ସାମଗ୍ରୀ ପ୍ରସ୍ତୁତ ରଖାଯାଇଛି।

ଭାରତୀୟ ତଟରକ୍ଷୀ ବାହିନୀ ସହ ଯୋଗାଯୋଗ କରି ପ୍ରଭାବିତ ଅଞ୍ଚଳରେ ଯେଉଁଠି ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ପହଁଚିବା ସମ୍ଭବପର ହେଉ ନାହିଁ ସେଠାରେ ହେଲିକପ୍ଟର ଯୋଗେ ଜଳବନ୍ଦୀ ଜନସାଧାରଣଙ୍କ ସ୍ଥାନାନ୍ତରଣ ସୁନିଶ୍ଚିତ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଗଞ୍ଜାମ ଜିଲ୍ଲାର ବିପଦଜନକ ସ୍ଥାନରେ ଥିବା ପ୍ରଭାବିତ ଜନସାଧାରଣଙ୍କୁ ପର୍ଯ୍ୟାୟକ୍ରମେ କୋଷ୍ଟଗାର୍ଡ଼ ହେଲିକପ୍ଟର ଯୋଗେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଉଛି।

ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪୫ଟି ଓଡ୍ରାଫ୍ ଏବଂ ୭ଟି ଏନ୍.ଡି.ଆର୍.ଏଫ୍. ଦଳ ସମେତ ମୋଟ ୫୨ଟି ଦଳ ନିୟୋଜିତ ଅଛନ୍ତି। ଗଜପତି ଜିଲ୍ଲାରେ ୧୨ଟି ଓଡ୍ରାଫ୍ ଏବଂ ୧ଟି ଏନ୍.ଡି.ଆର୍.ଏଫ୍. ଦଳ ସହ ମୋଟ ୧୩ଟି ଦଳ କାର୍ଯ୍ୟରତ ଅଛନ୍ତି। ସମସ୍ତ ସ୍ଥାନକୁ ମିଶାଇ ସମଗ୍ର ରାଜ୍ୟରେ ୬୦ଟି ଓଡ୍ରାଫ୍ ଏବଂ ୯ଟି ଏନ୍.ଡି.ଆର୍.ଏଫ୍. ଦଳ (ସମୁଦାୟ ୬୯ଟି ଦଳ) ସମ୍ପୂର୍ଣ୍ଣ ଭାବେ ନିୟୋଜିତ ରହି ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରୁଛନ୍ତି। ସେହିପରି ମୋଟ୍ ୨୪୪ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବାହିନୀ ସମଗ୍ର ରାଜ୍ୟରେ ନିୟୋଜିତ ରହି ଗଛ କାଟି ରାସ୍ତା ସଫା କରିବା, ଯୋଗାଯୋଗ ପୁନଃସ୍ଥାପନ କରିବା,ଉଦ୍ଧାର ଏବଂ ସ୍ଥାନାନ୍ତରଣ କାର୍ଯ୍ୟ ସୁନିଶ୍ଚିତ କରୁଛନ୍ତି। ସମସ୍ତ ଉଦ୍ଧାରକାରୀ ଦଳ ୨୪ଘଣ୍ଟିଆ କାର୍ଯ୍ୟରେ ନିୟୋଜିତ ରହିଛନ୍ତି।

ବିପଦସଙ୍କୁଳ ଅଞ୍ଚଳରୁ ମୋଟ୍ ? ୫୯,୦୨୮ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିପାଇଁ ୮୩୦ଟି ଆଶ୍ରୟସ୍ଥଳୀର ବ୍ୟବସ୍ଥା ହୋଇଛି । ବନ୍ୟାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ଗଞ୍ଜାମ ,ଗଜପତି ଜିଲ୍ଲା । ଗଜପତି ଜିଲ୍ଲାରେ ୧୭,୪୪୧ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିପାଇଁ ୨୯୮ଟି ଆଶ୍ରୟସ୍ଥଳୀ ଖୋଲାଯାଇଛି । ଏହା ପଛକୁ ମାଲକାନଗିରିରେ ୧୫,୪୭୭, ଗଞ୍ଜାମରେ ୧୧,୮୮୨ ଏବଂ ନବରଙ୍ଗପୁରରେ ୧୦,୫୧୯ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । କୋରାପୁଟ ଜିଲ୍ଲାରେ ପଟ୍ଟାଙ୍ଗି-ଗାଲିଗବଦର ରାସ୍ତାରେ ବନ୍ୟା ଜଳ ପ୍ରବାହିତ ହେବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା, ଯାହାକି ବର୍ତ୍ତମାନ ସ୍ୱାଭାବିକ ହୋଇଛି । ଗଜପତି ଜିଲ୍ଲାର ମୋହନା, ଉଦୟଗିରି ଏବଂ ରାୟଗଡ଼ ବ୍ଲକରେ ପ୍ରବଳ ବର୍ଷା ଯୋଗୁଁ ୪ଟି ସ୍ଥାନରେ ରାସ୍ତା ବନ୍ଦ ହୋଇଯାଇଥିବା ବେଳେ ଜଳସ୍ତର ଅନୁଧ୍ୟାନ କରାଯାଇ ଆବଶ୍ୟକ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ସେହିପରି ବିଶାଖାପାଟଣା ଡ଼ିଭିଜନର ଇଚ୍ଛାପୁରମ - ଝଡୁପୁଡ଼ି ସେକ୍ସନ ମଧ୍ୟରେ ଅନେକ ସ୍ଥାନରେ ରେଳପଥ ଜଳବନ୍ଦୀ ହୋଇଥିବା ବେଳେ ୯ ଟି ଟ୍ରେନର ଯାତ୍ରା ସ୍ଥଗିତ ରଖାଯାଇଥିବା ବେଳେ ୧୪ଟି ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି। ସେହିପରି ଓଡ଼ିଶାର ପାଞ୍ଚଟି ସ୍ଥାନରେ ପ୍ରଭାବିତ ଗତିପଥ ଟ୍ରେନ୍ ଅଟକି ରହିଥିବା ବେଳେ ଯାତ୍ରୀମାନଙ୍କ ପାଇଁ ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯାଉଛି। ସମଗ୍ର ରାଜ୍ୟରେ ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ପୁନଃସ୍ଥାପନକୁ ଗୁରୁତ୍ୱ ଦିଆଯାଇ ପ୍ରଭାବିତ ୩୧୬ ୩୩କେଭି ଷ୍ଟେସନରୁ ୨୯୮ଟି ଷ୍ଟେସନରେ ପୁନଃସ୍ଥାପନ ହୋଇ ଇତିମଧ୍ୟରେ ପ୍ରାୟ ୮୪% ବିଦ୍ୟୁତ୍ ସଂଯୋଗ ହୋଇଯାଇଛି। ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରକାର ମୌଳିକ ସୁବିଧା ତ୍ୱରିତ ଉପଲବ୍ଧ କରାଯାଉଛି ।

ଆଜି ମିଳିବ ପିଏମ୍ କିଷାନ କିସ୍ତି

ଭୁବନେଶ୍ୱର,୨୯।୧୦(ମହାଭାରତ): ଶୁକ୍ରବାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍ କିଷାନ) ଯୋଜନାର ୨୪ତମ କିସ୍ତି ପ୍ରଦାନ କରାଯିବ। ଓଡିଶାର ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଏଥିରେ ଉପକୃତ ହେବେ। ମୋଟ ୭୦୦ କୋଟିରୁ ଅଧିକ ଟଙ୍କା ଚାଷୀଙ୍କୁ ମିଳିବ। ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଗୁଜୁରାଟର ବନାସକାଣ୍ଠାଠାରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶବ୍ୟାପୀ ଚାଷୀଙ୍କୁ ଏହି କିସ୍ତି ପ୍ରଦାନ କରିବେ।ଓଡ଼ିଶା ପାଇଁ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୫ ଲକ୍ଷ ୩୯ ହଜାର ୨୯୭ ଜଣ ଚାଷୀଙ୍କ ଖାତାକୁ ମୋଟ ୭୦୭,୮୫, ୯୪,୦୦୦ ଟଙ୍କା ହସ୍ତାନ୍ତର କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ସୃଷ୍ଟି ହେଲା ଲଘୁଚାପ

ଭୁବନେଶ୍ୱର,୨୯।୧୦(ମହାଭାରତ):ଦକ୍ଷିଣ ଆଣ୍ଡାମାନ ସାଗର ସୃଷ୍ଟି ହେଲା ଲଘୁଚାପ। ଆଗାମୀ ୨୪ ଘଣ୍ଟାରେ ଏହା ଘନୀଭୂତ ହୋଇ ସ୍ୱଷ୍ଟଚିହ୍ନିତ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ସେହିପରି ପରବର୍ତ୍ତୀ ୨୪ଘଣ୍ଟାରେ ଏହା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ କଣ ରହିବ, ତାହା ସ୍ପଷ୍ଟ ହୋଇନାହିଁ।

ଏକ ଘୂର୍ଣ୍ଣିବଳୟ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଦୁଇ ଦିନ ତଳେ ସୃଷ୍ଟି ହୋଇ ସକ୍ରିୟ ରହିବା ପରେ ଆଜି ଲଘୁଚାପରେ ପରିଣତ ହୋଇଛି ।ଲଘୁଚାପ କ୍ଷେତ୍ରଟି ଏବେ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସକ୍ରିୟ ରହିଥିବା ବେଳେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ୩୧ ଅକ୍ଟୋବର ପାଖାପାଖି ଏହା ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ତଥା ସଂଲଗ୍ନ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗରର ଅଞ୍ଚଳରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପରେ ଏହା ଆହୁରି ଅଧିକ ଘନୀଭୂତ ହୋଇ ପରବର୍ତ୍ତୀ ୨ ଦିନ ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଓଡ଼ିଶା ଉପରେ ଏହାର କ'ଣ ପ୍ରଭାବ ରହିବ, ସେ ନେଇ କିଛି ସୂଚନା ଆସିନାହିଁ। ଅନ୍ୟପକ୍ଷରେ 'ଅର୍ଣ୍ଣବ' ଆହୁରି ଦୁର୍ବଳ ହୋଇ ଗଭୀର ଅବପାତରୁ ଅବପାତରେ ପରିଣତ ହୋଇ ଦକ୍ଷିଣ ଛତିଶଗଡ଼ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଓଡ଼ିଶା ନିକଟରେ କେନ୍ଦ୍ରୀଭୂତ ହୋଇଛି। ଆଜି ସନ୍ଧ୍ୟା ସୁଦ୍ଧା ଏହା ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶା ଓ ଛତିଶଗଡ଼ର କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ବଲାଙ୍ଗିର, ନୂଆପଡ଼ା, ସୋନପୁର, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହି ସବୁ ଜିଲ୍ଲାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଦିଲ୍ଲୀରେ ସମ୍ପୂର୍ଣ୍ଣ ବ୍ୟାନ୍ ହେବନି ବାଣ

ନୂଆଦିଲ୍ଲୀ,୨୯।୧୦(ମହାଭାରତ): ଦିଲ୍ଲୀ-ଏନସିଆରରେ ବଢୁଥିବା ବାୟୁ ପ୍ରଦୂଷଣ ଓ ଦୀପାବଳିରେ ବାଣ ଫୁଟାଇବା ଉପରେ କଟକଣାକୁ ନେଇ ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ବାଣ ଉପରେ ସମ୍ପୂର୍ଣ୍ଣ ନିଷେଧ ଲଗାଇବା ସପକ୍ଷରେ କୋର୍ଟ ନଥିବା କହିବା ସହ ଲୋକଙ୍କ ଭାବନାକୁ ଆଘାତ ଦେବା ଏହାର ଉଦ୍ଦେଶ୍ୟ ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିୟମର କଡ଼ାକଡ଼ି ପାଳନ ଉପରେ କୋର୍ଟ ଗୁରୁତ୍ୱ ଦେଇଛନ୍ତି।

ଦୀପାବଳି ଏକ ସକାରାତ୍ମକ ମାହୋଲ ସୃଷ୍ଟି କରୁଥିବା ପର୍ବ। ତେଣୁ ପର୍ବର ଆନନ୍ଦ ସହ ପ୍ରଦୂଷଣ ନିୟନ୍ତ୍ରଣ ମଧ୍ୟ ଜରୁରୀ ବୋଲି କୋର୍ଟ କହିଛନ୍ତି। ଦୀପାବଳିର ଦୁଇ ଦିନ ଅଧିକ ସତର୍କ ରହିବା ସହ ନିୟମ ପାଳନ ଉପରେ ନଜର ରଖିବାକୁ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି ।ଶୁଣାଣି ସମୟରେ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ ପ୍ରଦୂଷଣ ବିରୋଧରେ ଜନସଚେତନତା ସୃଷ୍ଟି କରିବା ପାଇଁ ବିରାଟ କୋହଲିଙ୍କ ଭଳି ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ସହାୟତା କାହିଁକି ନିଆଯାଉନାହିଁ। ପ୍ରତ୍ୟେକ ବ୍ୟକ୍ତିଙ୍କ ଚିନ୍ତାଧାରା ଓ ଅଭ୍ୟାସକୁ ତୁରନ୍ତ ବଦଳାଇବା ସମ୍ଭବ ନୁହେଁ। ଏଥିପାଇଁ ସମୟ ଲାଗିବ ବୋଲି କୋର୍ଟ ମତ ଦେଇଛନ୍ତି। ତେଣୁ ଲୋକଙ୍କୁ ସଚେତନ କରିବା ସହ ନିୟମର କଡ଼ାକଡ଼ି କାର୍ଯ୍ୟକାରିତା ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ। ବିଶେଷକରି ଶିଶୁ, ବୟସ୍କ ଓ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଦୂଷଣର ପ୍ରଭାବକୁ ନେଇ କୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି ।ଶୁଣାଣି ସମୟରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ଉପସ୍ଥିତ ଆଡିସନାଲ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ କୋର୍ଟଙ୍କୁ ଅବଗତ କରାଇଥିଲେ।

ପୁଲିସ ଏସଆଇ ପରୀକ୍ଷାର୍ଥୀ

ବଢ଼ିଲା ତଥ୍ୟ ଯାଞ୍ଚ ଅବଧି

ଭୁବନେଶ୍ୱର,୨୯।୧୦(ମହାଭାରତ):ଓଡ଼ିଶା ପୁଲିସ ଏସଆଇ ଚାକିରି ଆବେଦନକାରୀଙ୍କୁ ନିଜର ତଥ୍ୟ ଯାଂଚ ପାଇଁ ନଭେମ୍ବର ୮ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ପୂର୍ବରୁ ଏହି ତଥ୍ୟ ଯାଂଚ ଅବଧି ଅକ୍ଟୋବର ୨୯ତାରିଖ ପର୍ଯ୍ୟନ୍ତ ବୈଧ ରହିଥିଲା।

ଓଡ଼ିଶା ୟୁନିଫର୍ମଡ ସର୍ଭିସେସ ଷ୍ଟାଫ ସିଲେକସନ କମିଶନ (ଓୟୁଏସଏସଏସସି) ପକ୍ଷରୁ ଜାରି ସୂଚନା ଅନୁସାରେ, ମିଳିତ ପୁଲିସ ସେବା ପରୀକ୍ଷା-୨୦୨୪ (ସିପିଏସଇ-୨୦୨୪) ସବଇନସପେକ୍ଟର ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀଙ୍କ ତଥ୍ୟ ସଂଶୋଧନ ଓ ବୈଧିକରଣ ସମୟସୀମାକୁ ଆସନ୍ତା ନଭେମ୍ବର ୮ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ କୁହାଯାଇଛି । ତେଣୁ ଶେଷ ମୁହୂର୍ତ୍ତର ବୈଷୟିକ ଅସୁବିଧାରୁ ବର୍ତ୍ତିବା ନିମନ୍ତେ ନଭେମ୍ବର ୮ ତାରିଖ ପୂର୍ବରୁ ହିଁ ଯାଂଚ ପ୍ରକ୍ରିୟା ଶେଷ କରିବାକୁ ପରାମର୍ଶ ଦିଆଯାଇଛି। କମିଶନ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୫ ମସିହାରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଆଧାରରେ ଆବେଦନ କରିଥିବା ସମସ୍ତ ପରୀକ୍ଷାର୍ଥୀ ଓ ବୟସ କୋହଳ ସୁବିଧା ପାଇବାକୁ ଯୋଗ୍ୟ ପ୍ରାର୍ଥୀଙ୍କ ନିମନ୍ତେ ୧୦ଦିନିଆ ଅବଧି ବୃଦ୍ଧି ଲାଗୁ ହେବ। ଚାକିରି ଆଶାୟୀମାନେ କମିଶନଙ୍କ ୱେବସାଇଟକୁ ଯାଇ ନିଜ ଆକାଉଣ୍ଟରେ ଲଗଇନ୍ କରି ନିର୍ଦ୍ଧାରିତ ଅବଧି ମଧ୍ୟରେ ତଥ୍ୟ ଅପଡେଟ୍ ଓ ବୈଧିକରଣ ସମ୍ପନ୍ନ କରିପାରିବେ। ଏହି ପର୍ଯ୍ୟାୟରେ ପରୀକ୍ଷାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଉଥିବା ତଥ୍ୟକୁ ପରବର୍ତ୍ତୀ ସମସ୍ତ ଚୟନ ପର୍ଯ୍ୟାୟ ପାଇଁ ଚୂଡ଼ାନ୍ତ ଭାବେ ବିବେଚନା କରାଯିବ ବୋଲି କମିଶନ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ବହୁଚର୍ଚ୍ଚିତ ପୁଲିସ ଏସଆଇ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇ ତଦନ୍ତ ଜାରି ରହିଥିବାବେଳେଏହି ପରୀକ୍ଷାକୁ ପୁଣିଥରେ କରିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଚାକିରି ଆଶାୟୀ ସମସ୍ତ ଆବେଦନକାରୀଙ୍କୁ ଅକ୍ଟୋବର ୧୫ ତାରିଖ ସକାଳ ୧୦ଟାରୁ ୨୯ ତାରିଖ ରାତି ୧୦ଟା ମଧ୍ୟରେ ଅନଲାଇନରେ କମିଶନଙ୍କ ୱେବସାଇଟକୁ ଯାଇ ନିଜ ତଥ୍ୟ ଯାଂଚ ଓ ବୈଧିକରଣ କରିବାକୁ କୁହାଯାଇଥିଲା। ଆଜି ଏହି ଅବଧି ଶେଷ ହେଉଥିବାରୁ କମିଶନ ନଭେମ୍ବର ୮ତାରିଖ ପର୍ଯ୍ୟନ୍ତ ସମୟ ବଢ଼ାଇ ଦେଇଛନ୍ତି। ପୁଲିସ ଏସଆଇ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିବାଦ ମାମଲା ଏବେ ସିବିଆଇ ତଦନ୍ତ ପରିସରଭୁକ୍ତ ରହିଛି। ଓପିଆରବି ପରିବର୍ତ୍ତେ ୟୁନିଫର୍ମ ସେବା ଚାକିରିଗୁଡ଼ିକ ପାଇଁ ନୂତନ ଭାବେ କମିଶନ ଗଠନ ହୋଇଛି। ଏହି କମିଶନ ମାଧ୍ୟମରେ ପରୀକ୍ଷା କରାଇବାକୁ ପ୍ରୟାସ ଚାଲିଥିବା ଜଣାପଡ଼ିଛି।

ପୁଣି ପରିବର୍ତ୍ତନ ହେଲା ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ

ରାଇରଙ୍ଗପୁର,୨୯।୧୦(ମହାଭାରତ): ପୁଣି ପରିବର୍ତ୍ତନ ହେଲା ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ। ଦୁଇ ଦିନ ପରିବର୍ତ୍ତେ ତିନି ଦିନ ହେଲା କାର୍ଯ୍ୟକ୍ରମ। ଓଡିଶାକୁ ମହାମହିମଙ୍କ ତିନିଦିନିଆ ଗସ୍ତ କାର୍ଯ୍ୟକ୍ରମ। ନଭେମ୍ବର ୩ରୁ ୫ ତାରିଖ ଯାଏଁ ରାଇରଙ୍ଗପୁରରେ ରହିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଗସ୍ତ ଅବସରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ, ଲୋକାର୍ପଣ ସହ ରେଳ ଯୋଗାଯୋଗ, ସ୍ୱାସ୍ଥ୍ୟସେବା, କ୍ରୀଡ଼ା ଓ ଆଦିବାସୀ ସଂସ୍କୃତିକୁ ମିଳିବ ଗୁରୁତ୍ୱ। ମା' କିଚେକେଶ୍ୱରୀଙ୍କ ଦର୍ଶନରୁ ଆରମ୍ଭ କରି ଜାହେର ଥାନର ବିକାଶ ଏବଂ ନୂତନ ଏକ୍ସପ୍ରେସ ଟ୍ରେନ୍‌ର ଶୁଭାରମ୍ଭ ଯାଏଁ ରହିଛି ଅନେକ କାର୍ଯ୍ୟକ୍ରମ ରହିଛି। ନିଜ ଜନ୍ମମାଟି ମୟୂରଭଞ୍ଜ ଜିଲ୍ଲାକୁ ଆସୁଛନ୍ତି ଦେଶର ପ୍ରଥମ ନାଗରିକ ତଥା ଓଡ଼ିଶାର ଗୌରବ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ନଭେମ୍ବର ୩ ତାରିଖରୁ ଆରମ୍ଭ ହେବ ତାଙ୍କର ତିନିଦିନିଆ ମୟୂରଭଞ୍ଜ ଗସ୍ତ।

ରାଜ୍ୟସଭା କ୍ରସଭୋଟିଂ ବିବାଦ

ନିଲମ୍ବିତ ୫ ବିଜେଡି ବିଧାୟକଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ,୨୯।୧୦(ମହାଭାରତ): ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ବିଜେଡି ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ମାମଲା ଏବେ ନୂଆମୋଡ଼ ନେଇଛି। ହାଇକୋର୍ଟ ଏହି ମାମଲାରେ ବିଜେଡିରୁ ନିଲମ୍ବିତ ୫ଜଣ ବିଧାୟକଙ୍କୁ ନୋଟିସ୍ ଜାରି କରି ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପଟେ ହାଇକୋର୍ଟଙ୍କ ଏହି ନୋଟିସ୍ ପରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ଏକ ସାମ୍ବାଦିକ ସମ୍ମିଳନୀ କରି ବିଧାନସଭା ବାଚସ୍ପତିଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି।

ହାଇକୋର୍ଟ ବିଚାରପତି ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କ ଖଣ୍ଡପୀଠ ରାଜ୍ୟସଭା କ୍ରସଭୋଟିଂ ମାମଲାର ଶୁଣାଣି କରି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଏବଂ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ନୋଟିସ ଜାରି କରିଛନ୍ତି ।ସେମାନଙ୍କୁ ଡିସେମ୍ବର ୪ତାରିଖ ସୁଦ୍ଧା ନିଜର ଜବାବ ରଖିବାକୁ କୁହାଯାଇଥିବା ଜଣାପଡ଼ିଛି। ଖଣ୍ଡପୀଠ ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୭ ଜାନୁୟାରୀ ୧୧ତାରିଖକୁ ଧାର୍ଯ୍ୟ କରିଛନ୍ତି।

ଏପଟେ ହାଇକୋର୍ଟଙ୍କ ଏହି ନୋଟିସ୍ ପରେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସାମ୍ବାଦିକ ସମ୍ମିଳନୀ କରି କଡ଼ା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ,ବିଜେଡି ଟିକେଟରେ ଜିତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ଦଳ ସହିତ ବେଇମାନି କରି ଅନ୍ୟ ଦଳକୁ ଭୋଟ୍ ଦେଇଥିବା ବିଧାୟକଙ୍କ ବିରୋଧରେ ହାଇକୋର୍ଟ ନିଶ୍ଚିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ବାଚସ୍ପତି କୌଣସି

ପକ୍ଷ ରଖିବାର ଅବସର ନଦେଇ ପ୍ରକ୍ରିୟାଗତ ତ୍ରୁଟି ଦର୍ଶାଇ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ଭାବେ ଏକତରଫା ଭାବେ ଆବେଦନ ଖାରଜ କରିଥିଲେ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି। ସେ ମଧ୍ୟ ଆଡଭୋକେଟ ଜେନେରାଲଙ୍କ ଆଭିମୁଖ୍ୟ ଉପରେ କ୍ଷୋଭ ବ୍ୟକ୍ତ କରି କହିଛନ୍ତି ଯେ, ଏଜି ରାଜନୈତିକ ବକ୍ତବ୍ୟ ରଖିବା ଓ ବାଚସ୍ପତିଙ୍କ ତରଫରୁ ଏଭଳି ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ବିଧାନସଭା କାର୍ଯ୍ୟବିଧି କିମ୍ବା ଭାରତୀୟ ସମ୍ବିଧାନରେ ହାଇକୋର୍ଟ ବା ସୁପ୍ରିମକୋର୍ଟ ଯିବା ପାଇଁ କୌଣସି ପ୍ରତିବନ୍ଧକ ନାହିଁ।ନ୍ୟାୟପାଳିକା ଉପରେ ଦଳର ସମ୍ପୂର୍ଣ୍ଣ ଆସ୍ଥା ରହିଛି ଓ ବିଶ୍ୱାସଘାତକତା କରିଥିବା ବିଧାୟକମାନଙ୍କ ବିରୋଧରେ ହାଇକୋର୍ଟଙ୍କ ଠାରୁ ବିଜେଡିକୁ ନିଶ୍ଚୟ ନ୍ୟାୟ ମିଳିବ ବୋଲି ସେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ।ସୂଚନାଯୋଗ୍ୟ, ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ୮ଜଣ ବିଜେଡି ବିଧାୟକଙ୍କ ସଦସ୍ୟତା ରଦ୍ଦ ପାଇଁ ଦଳ ପକ୍ଷରୁ ବାଚସ୍ପତିଙ୍କ ନିକଟରେ ଆବେଦନ କରାଯାଇଥିଲା। ଯାହାକୁ ପ୍ରକ୍ରିୟାଗତ ତ୍ରୁଟି ଦର୍ଶାଇ ବାଚସ୍ପତି ଖାରଜ କରିଦେବା ପରେ ଶ୍ରୀମତୀ ମଲ୍ଲିକ ହାଇକୋର୍ଟରେ ପୃଥକ ପିଟିସନ ଦାଖଲ କରି ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଛନ୍ତି। ଆବେଦନରେ ତ୍ରୁଟି ଥିଲେ ତାହା ସୁଧାରିବାକୁ ସୁଯୋଗ ନଦେଇ ଏଭଳି ଖାରଜ କରିବା ବେଆଇନ ବୋଲି ବିଜେଡି ଯୁକ୍ତି ବାଢ଼ିଛି। ଏହି ପ୍ରସଙ୍ଗରେ ହାଇକୋର୍ଟ ପୂର୍ବରୁ ବାଚସ୍ପତିଙ୍କୁ ନୋଟିସ କରିଥିବାବେଳେ ଜବାବ ରଖିବା ପାଇଁ ବାଚସ୍ପତି ଅଧିକ ସମୟ ଲୋଡ଼ିଥିଲେ। ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ସମସ୍ତ ୮ଜଣ ଦଳୀୟ ବିଧାୟକଙ୍କୁ ବିଜେଡି ନିଲମ୍ବନ କରିସାରିଛି। ହାଇକୋର୍ଟରେ ଏହି ସମସ୍ତ ୮ଜଣ ବିଧାୟକଙ୍କ ପାଇଁ ବିଜେଡି ପକ୍ଷରୁ ସ୍ୱତନ୍ତ୍ର ପିଟିସନ ବିଚାରାଧୀନ ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୫ଜଣ ବିଧାୟକଙ୍କ ମାମଲାର ନଥିପତ୍ର ଓ ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ଖଣ୍ଡପୀଠ ସମ୍ମୁଖକୁ ଶୁଣାଣି ପାଇଁ ଆସିଥିଲା। କୋର୍ଟ ସେହି ୫ଜଣଙ୍କୁ ନୋଟିସ୍ ଜାରି କରିଥିବା ଜଣାପଡ଼ିଛି।

ରାଜକନ୍ୟା ଶାନ୍ତା ଓ ଶୃଙ୍ଗୀ ଋଷିଙ୍କ କଥା

ପୌରାଣିକ କଥାବସ୍ତୁ ଅନୁସାରେ ବାଲ୍ମିକୀ ରାମାୟଣ, ରାମଚରିତ ମାନସ, ଆଧାତ୍ମ ରାମାୟଣ ଏବଂ ଆନନ୍ଦ ରାମାୟଣ ସଂପର୍କରେ ବିଭିନ୍ନ ସମୟରେ ଶ୍ରଦ୍ଧାଳୁମାନେ ଚର୍ଚ୍ଚା କରିଥାନ୍ତି। ଏହିସବୁ ରାମାୟଣକୁ ଅଧ୍ୟୟନ କଲେ ପ୍ରଭୁ ଶ୍ରୀରାମଙ୍କ ସହ ଜଡ଼ିତ ଅନେକ ତଥ୍ୟର ସୂଚନା ମିଳେ। ଦକ୍ଷିଣ ଭାରତର ରାମାୟଣ ଗ୍ରନ୍ଥ ଅନୁସାରେ ପ୍ରଭୁ ଶ୍ରୀରାମଙ୍କ ଭଗ୍ନୀଙ୍କ ନାମା ଥିଲା ଶାନ୍ତା, ଯିଏ ଚାରିଭାଇ ରାମ, ଲକ୍ଷ୍ମଣ, ଭରତ ଏବଂ ଶତ୍ରୁଘ୍ନଙ୍କଠାରୁ ବଡ଼ ଥିଲେ। ରାଜକୁମାରୀ ଶାନ୍ତା ରାଜା ଦଶରଥ ଏବଂ କୌଶଲ୍ୟାଙ୍କ କନ୍ୟା ଥିଲେ। ତେବେ ଶାନ୍ତା ଜନ୍ମ ହେବାର କିଛି ବର୍ଷ ପରେ ଅଙ୍ଗଦେଶର ରାଜା ରୋମାପାଦ ନିଃସନ୍ତାନ ଥିବାରୁ ରାଜା ଦଶରଥଙ୍କଠାରୁ ତାଙ୍କ କନ୍ୟା ଶାନ୍ତାଙ୍କୁ ପାଳିତ କନ୍ୟାଭାବେ ଗ୍ରହଣ କଲେ। ପ୍ରଭୁ ଶ୍ରୀରାମଙ୍କ ଜ୍ୟୋଷ୍ଠା ଭଗ୍ନି ଶାନ୍ତାଙ୍କ ପାଳନ, ପୋଷଣ ରାଜା ରୋମପାଦ ଏବଂ ତାଙ୍କ ପତ୍ନୀ ବର୍ଷିଣୀଙ୍କ ଦ୍ୱାରା ସମାପିତ ହେଉଥିଲା। ରାଣୀ ବର୍ଷିଣୀ ମହାରାଣୀ କୌଶଲ୍ୟାଙ୍କ ଭଗ୍ନୀ ଏବଂ ପ୍ରଭୁ ଶ୍ରୀରାମଙ୍କ ମାଉସୀ ଥିଲେ। ଏ ସଂପର୍କରେ ତିନୋଟି କଥା ଶୁଣିବାକୁ ମିଳେ। ପ୍ରଥମ କଥାଟି ହେଉଛି : ରାଣୀ ବର୍ଷିଣୀ ନିଃସନ୍ତାନ ଥିଲେ ଏବଂ ଥରେ ଅଯୋଧ୍ୟା ଆଗମନ ବେଳେ ଖୁସି ଖୁସିରେ ଶିଶୁ କନ୍ୟା ଶାନ୍ତାଙ୍କୁ ମାଗିଥିଲେ। ରାଜା ଦଶରଥ ଏଥିରେ ସ୍ୱୀକାରୋକ୍ତ ପ୍ରଦାନ କରିଥିଲେ। ତେବେ ରଘୁକୁଳକୁ ଦିଆଯାଇଥିବା ବଚନ ଅନୁସାରେ ଶାନ୍ତା ଅଙ୍ଗଦେଶର ରାଜକୁମାରୀ ହେଲେ। ରାଜକୁମାରୀ ଶାନ୍ତା ବେଦ, କଳା, ଶିଳ୍ପରେ ପାରଙ୍ଗମ ଥିଲେ ଏବଂ ଅତ୍ୟଧିକ ସୁନ୍ଦରୀ ମଧ୍ୟ ଥିଲେ। ଦ୍ୱିତୀୟ ଲୋକକଥା ଅନୁସାରେ ଶାନ୍ତା ଯେତେବେଳେ ଜନ୍ମହେଲେ ଅଯୋଧ୍ୟାରେ ଅକାଳ ପଡ଼ିଲା। ୧୨ ବର୍ଷ ପର୍ଯ୍ୟନ୍ତ ଧରିତ୍ରୀ ଶୁଷ୍କ ରହିଲା। ବୁଦ୍ଧିଜୀବୀମାନେ ରାଜାଙ୍କୁ ପରାମର୍ଶ ଦେଲେ ଯେ, ଶାନ୍ତାଙ୍କ କାରଣରୁ ରାଜ୍ୟରେ ଅକାଳ ସୃଷ୍ଟି ହୋଇଛି। ଏହି ଅକାଳ ଦୂର କରିବା ପାଇଁ ରାଜା ଦଶରଥ ନିଜ ପୁତ୍ରୀ ଶାନ୍ତାଙ୍କୁ ବର୍ଷିଣୀଙ୍କୁ ଦାନ କଲେ। ଏହା ପରଠାରୁ ଶାନ୍ତା କେବେ ଅଯୋଧ୍ୟା ଆସି ନାହାନ୍ତି। କୁହାଯାଏ ଯେ, ଶାନ୍ତାଙ୍କୁ ଅଯୋଧ୍ୟାକୁ ଡ଼ାକିବା ପାଇଁ ରାଜା ଦଶରଥ ଡ଼ରୁଥିଲେ କାରଣ ପୁଣି ରାଜ୍ୟରେ ଯେପରି ଅକାଳ ପଡ଼ି ନ ଯାଏ। ତୃତୀୟ ତଥା ଅନ୍ତିମ ମତାନୁସାରେ କିଛିଲୋକ ସ୍ୱୀକାର କରନ୍ତି ଯେ, ଶାନ୍ତା କନ୍ୟା ହୋଇଥିବାରୁ ତାଙ୍କର ଉତ୍ତରାଧିକାରୀ ହୋଇପାରିବେ ନାହିଁ, ଏହାକୁ ଦୃଷ୍ଟିରେ ରଖି ରାଜା ଦଶରଥ ନିଜ କନ୍ୟା ଶାନ୍ତାଙ୍କୁ ରାଜା ରୋମପାଦଙ୍କ ପୋଷ୍ୟ କନ୍ୟା ଭାବେ ପ୍ରଦାନ କଲେ। ମହର୍ଷି ବିଭାଣ୍ଡକ ଋଷିଙ୍କ ପୁତ୍ର ଶୃଙ୍ଗୀଙ୍କ ସହ ରାଜାକୁମାରୀ ଶାନ୍ତାଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଦିନେ ଋଷି ବିଭାଣ୍ଡକ ନଦୀରେ ସ୍ନାନ କରୁଥିବା ସମୟରେ ସ୍ୱର୍ଗର ଅପ୍ସରାଙ୍କୁ ଦେଖି ତାଙ୍କର ରେତପାତ ହେଲା। ଏହି ରେତଯୁକ୍ତ ଜଳକୁ ହରିଣ ପିଇଦେଲା। ଯାହାର ଫଳସ୍ୱରୂପ ଶୃଙ୍ଗୀ ଋଷିଙ୍କ ଜନ୍ମ ହେଲା। ଥରେ ଜଣେ ବ୍ରାହ୍ମଣ ନିଜ କ୍ଷେତରେ ଫସଲ ଉତ୍ପାଦନ ପାଇଁ ସାହାଯ୍ୟ ମାଗିବାକୁ ରାଜା ରୋମପାଦଙ୍କ ନିକଟକୁ ଗଲା। ତେବେ ରାଜା ବ୍ରାହ୍ମଣଙ୍କ କଥାକୁ ଧ୍ୟାନ ଦେଲେ ନାହିଁ। ଏପଟେ ନିଜ ଭକ୍ତର ଅପମାନରେ କ୍ରୋଧିତ ହୋଇ ଦେବରାଜ ଇନ୍ଦ୍ର ବର୍ଷା କରାଇଲେ ନାହିଁ। ଫଳରେ ଅଙ୍ଗଦେଶରେ ମରୁଡ଼ି ପଡ଼ିଲା। ଏହାର ପ୍ରତିକାର ପାଇଁ ରାଜା ରୋମପାଦ ଶୃଙ୍ଗି ଋଷିଙ୍କୁ ଡ଼କାଇ ଏକ ଯଜ୍ଞର ଆୟୋଜନ କଲେ। ଯଜ୍ଞ ସମାପ୍ତି ହେବା ପରେ ପ୍ରବଳ ବର୍ଷା ହେଲା ଏବଂ ରାଜ୍ୟବାସୀ ଚାଷବାସ କରି ଖୁସିରେ ରହିଲେ। ଅଙ୍ଗଦେଶରେ ଉତ୍ସବର ବାତାବରଣ ସୃଷ୍ଟି ହେଲା। ତେବେ ଶୃଙ୍ଗି ଋଷିଙ୍କ ଯଜ୍ଞ ସଫଳ ହେବା ପରେ ରାଜା ରୋମପାଦ ଏବଂ ରାଣୀ ବର୍ଷିଣୀ ନିଜର ପାଳିତା କନ୍ୟା ଶାନ୍ତାଙ୍କୁ ଋଷି ଶୃଙ୍ଗିଙ୍କ ସହ ବିବାହ କରିବାର ନିଷ୍ପତ୍ତି ନେଲେ।

ରାଜାଙ୍କୁ ଦୀର୍ଘଜୀବୀ କଲେ ସୂର୍ଯ୍ୟଦେବ

ବହୁବର୍ଷ ପୂର୍ବେ ଭାରତ ବର୍ଷର ଏକ ରାଜ୍ୟରେ ରାଜା ରାଜ୍ୟବର୍ଦ୍ଧନ ରାଜୁତି କରୁଥିଲେ । ସେ ଅତ୍ୟନ୍ତ ଧର୍ମାତ୍ମା ତଥା ପ୍ରଜା ହିତୈଷୀ ରାଜା ଥିଲେ । ଥରେ ରାଣୀ ରାଜାଙ୍କ ମୁଣ୍ଡରେ ତେଲ ମାଲିସ୍ କରିବା ବେଳେ ଏକ ପାଚିଲା କେଶ ଦେଖିବାକୁ ପାଇଲେ । ରାଣୀଙ୍କ ମନ ଦୁଃଖ ହେଲା । ରାଜା ଏକଥା ଜାଣିବା ପରେ ରାଣୀଙ୍କୁ କହିଲେ, ଏହା ତ' ଜୀବନର ନିୟମ । ଜନ୍ମ ହେଲା ପରେ ଶୈଶବ, ଯୁବାବସ୍ଥା ପରେ ବାର୍ଦ୍ଧକ୍ୟ ଆସିଥାଏ । ଏଥିରେ ଚିନ୍ତା କରିବାର କ'ଣ ଅଛି । ଏହାପରେ ଦିନେ ରାଜା ଘୋଷଣା କଲେ, ମୁଁ ବହୁଦିନ ଧରି ନିଷ୍ଠାର ସହ ରାଜ୍ୟ ପାଳନ କରିଛି । ଏବେ ସମୟ ଆସିଗଲାଣି । ମୋତେ ରାଜ ସିଂହାସନ ଛାଡ଼ି ବନବାସ କରିବାକୁ ହେବ । ରାଜା ରାଜ୍ୟବର୍ଦ୍ଧନଙ୍କୁ ପ୍ରଜାମାନେ ଅତି ଭଲ ପାଉଥିଲେ । ସେମାନେ ତାଙ୍କୁ ଛାଡ଼ିବାକୁ ରାଜି ହେଲେ ନାହିଁ । ଏହି ସମୟରେ ଗନ୍ଧର୍ବ ସୁଦାମାଙ୍କ ପରାମର୍ଶ କ୍ରମେ ରାଜ୍ୟବାସୀ ଭଗବାନ ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କଲେ । ସୂର୍ଯ୍ୟଦେବ ପ୍ରସନ୍ନ ହେବାରୁ ରାଜ୍ୟବାସୀ ତାଙ୍କ ଠାରେ ରାଜାଙ୍କ ଦୀର୍ଘ ଜୀବନ କାମନା କଲେ । ସୂର୍ଯ୍ୟଦେବ ତଥାସ୍ତୁ କହିଲେ । ମାତ୍ର ରାଜା ଏକଥା ଜାଣିବା ପରେ କହିଲେ, ସେତେବେଳକୁ ରାଣୀଙ୍କର ମୃତ୍ୟୁ ଘଟିସାରିଥିବ । ବନ୍ଧୁବାନ୍ଧବ, ସଖା ସହୋଦର, ପ୍ରଜା ସମସ୍ତେ ଆରପାରିକୁ ଚାଲିଯାଇଥିବେ । ଏତେଦିନ ବଞ୍ଚି ମୁଁ କ'ଣ କରିବି ? ସେ ପୁଣି ଥରେ ତପସ୍ୟା କରିବାରୁ ସୂର୍ଯ୍ୟଦେବ ପ୍ରସନ୍ନ ହୋଇ ରାଜାଙ୍କ ସମେତ ସମସ୍ତ ପ୍ରଜାଙ୍କୁ ଦୀର୍ଘଜୀବୀ ହେବାର ବରଦାନ ଦେଲେ ।

ରୋଷେଇ ଘରୁ ଦୁର୍ଗନ୍ଧ ଆସୁଛି କି ?

ରୋଷେଇ ଘରକୁ ସବୁବେଳେ ସଫାସୁତୁରା ରଖିବା ଉଚିତ୍ । କାରଣ ରୋଷଇ ଘରେ ଜୀବାଣୁ ବ୍ୟାପିଲେ ଏହା ଆମ ଖାଦ୍ୟରେ ମିଶି ଆମ ପେଟ ଭିତରକୁ ଯାଇଥାଏ । ବେଳେ ବେଳେ ଦେଖାଯାଏ ଯେ ରୋଷେଇ ଘର ଯେତେ ସଫା ରଖିଲେ ବି ସେଠାରୁ ଦୁର୍ଗନ୍ଧ ବାହାରିଥାଏ । ରୋଷେଇ ଘରେ ପଶିବା ମାତ୍ରେ ଏ ଗନ୍ଧ ସିଧା ନାକରେ ଆସି ପଶିଯାଏ । ଏହାର କାରଣ ହେଉଛି ଆପଣଙ୍କ କିଚେନର ବେସିନର ଦୁର୍ଗନ୍ଧ,ଯାହାକୁ ନେଇ ଅଧିକାଂଶ ମହିଳା ବହୁ ଚିନ୍ତିତ ରୁହନ୍ତି । ଯଦି ଆପଣବି ବେସିନରୁ ଆସୁଥିବା ଏହି ଗନ୍ଧକୁ ନେଇ ଚିନ୍ତିତ,ତେବେ ଆଜି ଆମେ ଆପଣଙ୍କୁ ଏହାର ସମାଧାନ ପାଇଁ କିଛି ଘରୋଇ ଟିପ୍ସ ଦେବୁ ।

ଲୁଣ: ରୋଷେଇଘର ବେସିନରେ ଧୋଇବା ଫଳରେ ବାସନରେ ଲାଗି ରହିଥିବା। ଖାଦ୍ୟ ପଡି ବେସିନ୍ ଜାମ୍ ହୋଇଯାଏ । ତେଣୁ ଏଥିରୁ ଦୁର୍ଗନ୍ଧ ବାହାରେ । ଆପଣ ବାସନ ସଫା କରିସାରିଲା ପରେ ବେସିନରେ ଲୁଣ ପକାଇ ବ୍ରଶ୍ ମାଧ୍ୟମରେ ଭଲରେ ସଫା କରନ୍ତୁ । ଏହା କଲେ ଦୁର୍ଗନ୍ଧ ଦୂର ହେବା ସହ ଜୀବାଣୁ ବ୍ୟାପିବା ଆଶଙ୍କା କମ୍ ହୋଇଥାଏ ।

ଲେମ୍ବୁ: ବେସିନର ଗନ୍ଧକୁ ଦୂର କରିବାକୁ ହେଲେ ଆପଣଙ୍କୁ ଲେମ୍ବୁ ଓ ଲୁଣରେ ଏକ ପେଷ୍ଟ ପ୍ରସ୍ତୁତ କରିବାକୁ ପଡିବ । ଏହି ପେଷ୍ଟରେ ବେସିନକୁ ବ୍ରସ୍ ସାହାଯ୍ୟରେ ଭଲ ଭାବେ ସଫା କରନ୍ତୁ । ଏପରି କରିବା ଦ୍ୱାରା ବେସିନ ସଫା ହୋଇ ଚମକିବା ସହ ଗନ୍ଧ ମଧ୍ୟ ଦୂର ହୋଇଯିବ ।

କଳା ଭିନେଗାର: ଯେପରି ବାସନ ଧୋଇବା ଜରୁରୀ ହୋଇଥାଏ, ସେହିପରି ବେସିନ୍ ସଫା କରିବା ମଧ୍ୟ ଜରୁରୀ ହୋଇଥାଏ । ବେସିନ ସଫା କଲା ସମୟରେ ଆପଣ କଳା ଭିନେଗାରର ବ୍ୟବହାର କରିପାରିବେ । ବାସନ ଧୋଇଲା ପରେ ଭିନେଗାର ଦ୍ୱାରା ବେସିନ ଚାରିପାଖ ବ୍ରସ ଦ୍ୱାରା ସଫା କଲେ ବେସିନର ଦୁର୍ଗନ୍ଧ ଦୂର ହେବା ସହ ପରିଷ୍କାର ହୋଇ ଚିକ୍ ଚିକ୍ ଦେଖାଯାଏ ।

ବେକିଂ ସୋଡା: ନିଜ ବେସିନକୁ ଚମକାଇବା ପାଇଁ ଆପଣ ବେକିଂ ସୋଡାର ବ୍ୟବହାର କରିପାରିବେ। ଏଥିପାଇଁ ଆପଣ ବେସିନରେ ବେକିଂ ସୋଡା ପକାଇ ୫ମିନିଟ୍ ଛାଡି ଦେବେ । ଏହାପରେ ସ୍କ୍ରବ ଦ୍ୱାରା ରଗଡିକି ସଫା କରିବା ଉଚିତ୍ । ଏହାଫଳରେ ବେସିନ୍ ପୂରାପୂରି ସଫା ହେବା ସହ ଏଥିରୁ ଆସୁଥିବା ଦୁର୍ଗନ୍ଧ ମଧ୍ୟ ଦୂର ହୋଇଥାଏ ।

ଦିଲ୍ଲୀର ୬ଟି ଦର୍ଶନୀୟ ସ୍ଥାନ

ବ୍ୟସ୍ତବହୁଳ ଜୀବନ ଭିତରେ ମଣିଷ ନିଜର ଅବସର ସମୟର ସଦୁପଯୋଗ କରିବାକୁ ବିଭିନ୍ନ ପ୍ରକାରର ଯୋଜନା କରିଥାଏ। କିଛି ଲୋକ ବିଭିନ୍ନ ସ୍ଥାନ ପରିଭ୍ରମଣ କରିବା ସହ ସେଠାକାର ସଂସ୍କୃତି ପରମ୍ପରା ଜାଣିବାକୁ ଚେଷ୍ଟା କରିଥାନ୍ତି। ଆଉ କିଛି ଲୋକ ନୂଆ ନୂଆ ଖାଦ୍ୟ ଖାଇବା ସହ ଅନ୍ୟ ସମ୍ପ୍ରଦାୟର ଚଳଣୀ ବିଷୟରେ ଜାଣିବାକୁ ଆଗ୍ରହୀ ରହିଥାନ୍ତି। ତେବେ ଆପଣ ଯଦି ଭାରତର ରାଜଧାନୀ ଦିଲ୍ଲୀ ବୁଲିବାକୁ ଚାହୁଁଛନ୍ତି ତେବେ ଆଜି ଆମେ ଦିଲ୍ଲୀରେ ଥିବା କେତେକ ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ତଥ୍ୟ ନିମ୍ନରେ ଦେଉଛୁ। ଦିଲ୍ଲୀ ଏକ ଏପରି ପର୍ଯ୍ୟଟନ ସ୍ଥଳୀ ଯେଉଁଠି କି ଥରେ ଗଲେ ଆସିବାକୁ ଇଚ୍ଛା ହୁଏ ନାହିଁ। ଏହାର କାରଣ ହେଉଛି ଦିଲ୍ଲୀରେ ରାଜାମାନଙ୍କ ଅମଳରୁ ରହିଥିବା ବିଭିନ୍ନ କଳା ସ୍ଥାପତ୍ୟର ଯାଦୁ।

ଦିଲ୍ଲୀରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ଇଣ୍ଡିଆ ଗେଟ୍, ଚାନ୍ଦିନ ଚୌକ, ଲାଲକିଲ୍ଲା, ଅକ୍ଷର ଧାମ, ଲୋଦି ଗାର୍ଡ଼େନ, ହୁମାୟନଙ୍କ ମକ୍‌ବରା ଅନ୍ୟତମ।

ଇଣ୍ଡିଆ ଗେଟ: ଏହା ସହିଦମାନଙ୍କର ସମାଧି ପୀଠ ଭାବେ ପରିଚିତ। ଇଣ୍ଡିଆ ଗେଟର ପଥରରେ ଯବାନମାନଙ୍କ ନାମ ଉଲ୍ଲେଖ ରହିଛି। ସବୁଠାରୁ ବଡ଼ ଆକର୍ଷଣ ହେଉଛି ଇଣ୍ଡିଆ ଗେଟ ମଝିରେ ଅମର ଜ୍ୟୋତି ଅହରହ ଜଳୁଥାଏ। ଏହାର ଆଖପାଖରେ ଅନେକ ପାର୍କ ରହିଛି। ସନ୍ଧ୍ୟା ସମୟରେ ଏହାର ଦୃଶ୍ୟ ବେଶ ମନଲୋଭା।

ଚାନ୍ଦିନିଚୌକ: ଏହି ନାମ ଆପଣ ଆଗରୁ ଅନେକ ଥର ସିନେମାରେ ଶୁଣିଥିବେ। ଏହା ଭାରତର ସବୁଠାରୁ ପୁରୁଣା ବ୍ୟବସାୟିକ ବଜାର ରୂପେ ବେଶ ପ୍ରଖ୍ୟାତ । ବିଷେଶ କରି ମହିଳା ମାନଙ୍କ ପ୍ରସାଧନ ସାମଗ୍ରୀ ସୁଲଭ ମୂଲ୍ୟରେ ମିଳେ। ଏହାର ପରିକଳ୍ପନା ସାହାଜାହାନଙ୍କ କନ୍ୟା ଜାହାନଆରା କରିଥିଲେ।

ଲାଲକିଲ୍ଲା: ସାହାଜାହାନଙ୍କ ଦ୍ୱାରା ତିଆରି ହୋଇଥିବା ଲାଲକିଲ୍ଲା ସହର ମଧ୍ୟ ଭାଗରେ ଅବସ୍ଥିତ। ଏଠାରେ ଭାରତର ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ୧୫ ଅଗଷ୍ଟରେ ଭାରତବାସୀଙ୍କୁ ସମ୍ବୋଧିତ କରିଥାନ୍ତି। ଏହାର ପ୍ରତ୍ୟେକ କୋଠାକୁ ମେହଲ କୁହାଯାଏ। ପୂର୍ବରୁ ଲାଗିଥିବା ହୀରା ,ମୋତି, ମାଣିକ୍ୟ ସହ ମୂଲ୍ୟବାନ ପଥର ଇଂରେଜମାନେ ଲୁଟି ନେଇଛନ୍ତି।

ଅକ୍ଷର ଧାମ : ଏହାର ଅର୍ଥ ଭଗବାନଙ୍କ ଘର । ଏଠାରେ ଏକ ଫାଉଣ୍ଡେସନ ସୋ ହୋଇଥାଏ । ଯେଉଁଥିରେ ମନୁଷ୍ୟ ଜନ୍ମ ହେବା ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ପାଣି ଏବଂ ଲାଇଟରେ ପ୍ରଦର୍ଶିତ ହୋଇଥାଏ।

ଲୋଦି ଗାର୍ଡ଼େନ: ୯୦ ଏକର ଜମିରେ ନିର୍ମିତ ହୋଇଛି ଗାର୍ଡ଼େନ, ଯେଉଁଠି ଲୋଦି ବଂଶର ବିଭିନ୍ନ ସ୍ମାରକୀ ଦେଖିବବାକୁ ମିଳେ।

ହୁମାୟୁନଙ୍କ ମକବରା: ଏଠାରେ ମୋଗଲ ହୁମାୟନଙ୍କ ସହ ଅନ୍ୟ ଶାସକଙ୍କ ସମାଧି ରହିଛି। ମକବରା ଗୋଟିଏ ସ୍ଥାନ ଯେଉଁଠି ନାଲି ପଥରରେ ବିଶାଳକାୟ କାରୁକାର୍ଯ୍ୟ ତିଆରି ହୋଇଥାଏ। ଦିଲ୍ଲୀରେ ବିଭିନ୍ନ ପ୍ରକାର ଖାଦ୍ୟ ମିଳିଥାଏ । ଆପଣ ନିଜ ଅନୁଶାରେ ରୁଚିକର ଖାଦ୍ୟ ଗ୍ରହଣ କରିପାରିବେ।

ପାଦର ସୌନ୍ଦର୍ଯ୍ୟ ପାଇଁ ଚପଲ

ସାଧାରଣତଃ ମୁହଁ ସହ ନିଜ ପୋଷାକ ଓ ଜୋତା ଚପଲ ଉପରେ ମଧରେ ଧ୍ୟାନ ଦେବା ଦ୍ୱାରା ଆପଣ ଅଧିକ ସୁନ୍ଦର ଓ ଷ୍ଟାଇଲିସ ଲାଗିବେ। ଆସନ୍ତୁ ଅଳ୍ପ ମୂଲ୍ୟରେ କେଉଁ ପ୍ରକାରର ଚପଲ

ପିନ୍ଧି ଆପଣ ନିଜର ଓ ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ।

କାଜୁଆଲ ସ୍ୟାଣ୍ଡେଲ -
ଆପଣ ବାହାରକୁ ବୁଲିବାକୁ ଯାଆନ୍ତୁ କିମ୍ବା କୌଣସି ସାମଗ୍ରୀ କିଣିବାକୁ ଯାଆନ୍ତୁ, ଏହି ପ୍ରକାରର ଚପଲ ପିନ୍ଧିପାରିବେ। ଏହି ପ୍ରକାରର ଚପଲ ବିଶେଷ କରି ଆପଣ ଖରାସମୟରେ ବାହାରକୁ ଗଲେ ବ୍ୟବହାର କରିବା ଖୁବ ଉତ୍ତମ ଅଟେ। କାରଣ ଏହା ପାଦରୁ ନିର୍ଗତ ହେଉଥିବା ଝାଳକୁ ଶୋଷଣ କରିବା ସହ ଆପଣଙ୍କୁ ଆରାମ ମଧ ଲାଗିଥାଏ।

ଫ୍ୟାନ୍ସି ଜୁତୀ -
ଏହି ପ୍ରକାରର ଜୁତୀ ଆପଣ ଜିନ୍ସ, ସ୍କର୍ଟ, ଗାଉନ ସହ ପିନ୍ଧି ବିଭିନ୍ନ ସ୍ଥାନକୁ ଯାଇପାରିବେ। ଏହା ଆପଣଙ୍କ ପାଦକୁ ଖୁବ ସୁନ୍ଦର ଓ ଷ୍ଟାଇଲିସ କରିଥାଏ।

ରାଜସ୍ଥାନୀ ଜୁତୀ -
ଏହି ପ୍ରକାରର ଜୁତୀର ଖୁବ ଚହିଦା ରହିଛି। ଏହା ପାଦକୁ ଖୁବ ଆରାମ ପ୍ରଦାନ କରିଥାଏ। ପାଦର ସୌନ୍ଦରଯ୍ୟକୁ ବଢାଇଥାଏ। ଯେକୌଣସି ସ୍ଥାନକୁ ଆପଣ ଏହାକୁ ପିନ୍ଧି ଯାଇପାରିବେ।

ବେଜେସ ହିଲ୍ସ -
କମ ଉଚ୍ଚତା ଝିଅ ମାନଙ୍କ ପାଇଁ ଏହି ଚପଲ ଉତ୍ତମ ଅଟେ। ଏହାର ଦାମ ମଧ ଅଧିକ ନୁହେଁ। ଏହି ଚପଲ ମଧ ଆପଣଙ୍କ ପାଦର ସୌନ୍ଦଯ୍ୟକୁ ବଢାଇଥାଏ।

ପଞ୍ଜାବୀ ଜୁତୀ -
ଏହାକୁ ଆପଣ ଜିନ୍ସ, ଗାଉନ, ସ୍କର୍ଟ ସହ ପିନ୍ଧିପାରିବେ। ଏହା ପାଦକୁ ଏକ ଭିନ୍ନ ଲୁକ ଦେଇଥାଏ।

ଗବେଷଣା ଓ ନବସୃଜନ ୟୁନିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୯।୧୦ (ମହାଭାରତ): ଆଧୁନିକ ସ୍ୱାସ୍ଥ୍ୟସେବା ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ନବସୃଜନର ଗୁରୁତ୍ୱ ବୃଦ୍ଧି ପାଉଥିବାବେଳେ ଗବେଷଣାଭିତ୍ତିକ ନୂତନ ଚିନ୍ତାଧାରାକୁ ବାସ୍ତବ ସ୍ୱାସ୍ଥ୍ୟସେବାରେ ପ୍ରୟୋଗ କରିବା ଦିଗରେ ଆଉ ଏକ ପଦକ୍ଷେପ ନେଇଛି ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍। ଏହି ଅନୁଷ୍ଠାନରେ ନିକଟରେ ଗବେଷଣା ଓ ନବସୃଜନ ୟୁନିଟ୍ ଉଦ୍‌ଘାଟିତ ହୋଇଛି। ଏହି ୟୁନିଟ୍‌ର ଉଦ୍‌ଘାଟନ ଅବସରରେ ବିଶିଷ୍ଟ ଅତିଥି, ଅଧ୍ୟାପକ ଓ ବିଭିନ୍ନ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆଇଏମ୍‌ଏସ୍ ଓ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର କହିଥିଲେ ଯେ, ଦିନକୁ ଦିନ ଉପୁଜୁଥିବା ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ଆହ୍ୱାନର ମୁକାବିଲା ପାଇଁ ଗବେଷଣାଭିତ୍ତିକ ସମାଧାନ ଅତ୍ୟନ୍ତ ଜରୁରୀ। ଏହି ୟୁନିଟ୍ ପ୍ରତିଷ୍ଠା ପାଇଁ ସେ ଉଦ୍ୟମକୁ ପ୍ରଶଂସା କରିବା ସହ ଆନ୍ତଃବିଭାଗୀୟ ଓ ଆନ୍ତଃଅନୁଷ୍ଠାନ ସହଯୋଗ ମାଧ୍ୟମରେ ଆଇଏମ୍‌ଏସ୍ ଓ ସମ୍ ହସ୍ପିଟାଲ୍ ସ୍ୱାସ୍ଥ୍ୟସେବା ନବସୃଜନ କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଉଭା ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହ, ଆଇଆଇସିର ସଂଯୋଜକ ପ୍ରଫେସର (ଡାକ୍ତର) ଶିଶିର କୁମାର ଏବଂ ସହ-ସଂଯୋଜିକା ଡକ୍ଟର ଚୌଧୁରୀ ସୁମିତ୍ରା ସ୍ୱାଇଁ ଉପସ୍ଥିତ ଥିଲେ। ଅନୁଷ୍ଠାନର ଇନ୍‌ଷ୍ଟିଚ୍ୟୁସନ୍ ଇନୋଭେସନ୍ କାଉନ୍ସିଲ୍ (ଆଇଆଇସି)ର ସଦସ୍ୟ ଡାକ୍ତର ଅମିତ ପ୍ରୀତମ ସ୍ୱାଇଁ, ଡାକ୍ତର ସୁମନ ସୌରଭ ରାଉତ, ଡାକ୍ତର ମିତାଲି ମଧୁମିତା ରଥ, ଡାକ୍ତର ସୁଜାତା ପ୍ରଧାନ ଓ ଡାକ୍ତର ପ୍ରିୟଦର୍ଶିନୀ ଦେହୁରୀଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ, ଅଧ୍ୟାପକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

ବିକଶିତ ଭାରତ ପାଇଁ ସହରାଞ୍ଚଳ ବିକାଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୯।୧୦ (ମହାଭାରତ): ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ହାସଲ ଦିଗରେ ସହରାଂଚଳ ପ୍ରଶାସନ, ନଗର ଯୋଜନା ଓ ଜନସେବା ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ବିଭିନ୍ନ କାର୍ଯ୍ୟକାରୀ ପରାମର୍ଶ ସହ ଜାତୀୟ ସହରାଂଚଳ ସମ୍ମିଳନୀ-୨୦୨୬ ଆଜି ଭୁବନେଶ୍ୱରଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହରେ କେନ୍ଦ୍ର ଆବାସ ଓ ସହରାଂଚଳ ବ୍ୟାପାର ମନ୍ତ୍ରୀ ଶ୍ରୀ ମନୋହର ଲାଲ, ଓଡ଼ିଶାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ନୀତି ଆୟୋଗର ସଦସ୍ୟ ଶ୍ରୀ ରାଜୀବ ଗୌବା, ଭାରତ ସରକାରଙ୍କ ଆବାସ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟର ସହରାଂଚଳ ବିକାଶ ବିଭାଗର ସଚିବ ଶ୍ରୀ ସତେନ୍ଦ୍ର ସିଂହ ଏବଂ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଯୋଗଦେଇଥିଲେ। ଉଦ୍‌ଯାପନୀ ଅଭିଭାଷଣରେ କେନ୍ଦ୍ର ଗୃହ ନିର୍ମାଣ ଓ ସହରାଂଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଭାରତର ସହରୀକରଣର ଐତିହାସିକ ବିକାଶଧାରା ଏବଂ ସହରାଂଚଳ ଭିତ୍ତିଭୂମି ଓ ସେବାର ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ନିରନ୍ତର ପ୍ରୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, "ଆମ ସହରଗୁଡ଼ିକ ଭବିଷ୍ୟତରେ ସାମ୍ନା କରିବାକୁ ଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋଚନା କରିବା ହିଁ ଏହି ସମ୍ମିଳନୀର ଉଦ୍ଦେଶ୍ୟ।" ଏହି ଅବସରରେ ସେ ଅମୃତ ଯୋଜନା, ସ୍ୱଚ୍ଛ ଭାରତ ମିଶନ୍-ସହରାଂଚଳ ଏବଂ ପିଏମ୍ ସ୍ୱନିଧି ଭଳି ଜାତୀୟ ଅଭିଯାନ ମାଧ୍ୟମରେ ପାନୀୟ ଜଳ ଓ ପରିମଳ ସେବାର ସମ୍ପ୍ରସାରଣ, ଆବର୍ଜନା ପରିଚାଳନାରେ ଉନ୍ନତି, ସହରାଂଚଳ ଯାତାୟାତ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ଉଲ୍ଲେଖ କରିଥିଲେ। ନିଯୁକ୍ତି କେନ୍ଦ୍ର ଓ ସାର୍ବଜନୀନ ପରିବହନ ବ୍ୟବସ୍ଥା ନିକଟରେ ସୁଲଭ ମୂଲ୍ୟରେ ଗୃହ ଉପଲବ୍ଧ କରାଇବା, ନିର୍ମାଣ କ୍ଷେତ୍ରରେ ପୁନଃଚକ୍ରଣ ବ୍ୟବସ୍ଥାର ପ୍ରୋତ୍ସାହନ ଏବଂ ପୁରୁଣା ଆବର୍ଜନାକୁ ବୈଜ୍ଞାନିକ ପଦ୍ଧତିରେ ନିଷ୍କାସନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଦେଶର ଅଧାରୁ ଅଧିକ ପୁରୁଣା ଆବର୍ଜନାର ବୈଜ୍ଞାନିକ ନିଷ୍କାସନ ହୋଇସାରିଥିବା ଉଲ୍ଲେଖ କରିବା ସହ ଏହି ପ୍ରୟାସକୁ ଜାରି ରଖିବା ଏବଂ ନୂଆ ଆବର୍ଜନା ଜମା ହେବାକୁ ରୋକିବା ଆବଶ୍ୟକ ବୋଲି ସେ କହିଥିଲେ।

ଉଦ୍‌ଯାପନୀ ଅଧିବେଶନରେ ସ୍ୱାଗତ ଭାଷଣ ଦେଇ ଗୃହ ନିର୍ମାଣ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟର ସହରାଂଚଳ ବିକାଶ ସଚିବ ସତେନ୍ଦ୍ର ସିଂହ ସାତଟି ବୈଷୟିକ ଅଧିବେଶନର ମୁଖ୍ୟ ନିଷ୍କର୍ଷ ଉପରେ ଆଲୋକପାତ କରିଥିଲେ। ନୀତିଗତ ଆଲୋଚନାକୁ କାର୍ଯ୍ୟକାରୀଯୋଗ୍ୟ ସହରାଂଚଳ ସମାଧାନରେ ପରିଣତ କରିବା ଉପରେ ସେ ଜୋର୍ ଦେଇଥିଲେ। ସେ କହିଥିଲେ, "କେବଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ନୁହେଁ, ବରଂ ସେବାର ଗୁଣବତ୍ତା ଆଧାରରେ ସଫଳତା ମପାଯିବା ଉଚିତ।" ଜନସେବାର ଉନ୍ନତି ପାଇଁ ଅନୁଷ୍ଠାନଗୁଡ଼ିକର କ୍ଷମତା ବୃଦ୍ଧି, ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ, ପୌରସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସହଯୋଗମୂଳକ ସଂଘୀୟ ବ୍ୟବସ୍ଥାର ଭାବନାକୁ ଦୋହରାଇ ସେ କହିଥିଲେ ଯେ, ସମ୍ମିଳନୀର ପରାମର୍ଶଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ବିକଶିତ ଭାରତ-୨୦୪୭ର ଲକ୍ଷ୍ୟକୁ ଆଗେଇ ନେବା ପାଇଁ ମନ୍ତ୍ରଣାଳୟ ରାଜ୍ୟ, ସହର ଓ ସହଯୋଗୀ ଅନୁଷ୍ଠାନଗୁଡ଼ିକ ସହ ମିଶି କାମ କରିବ। ଏହି ଅବସରରେ ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା ଦେଶରେ ଦ୍ରୁତ ସହରୀକରଣକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ସହରାଂଚଳ ଶାସନ, ନଗର ଯୋଜନା ଓ ପୌର ଆର୍ଥିକ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆବଶ୍ୟକ ବୋଲି କହିଥିଲେ। ସେ କହିଥିଲେ, "ଆମେ ରାଜ୍ୟ ରାଜଧାନୀରୁ ସହରଗୁଡ଼ିକୁ ପରିଚାଳନା କରିପାରିବା ନାହିଁ। ଛୋଟ ସହରଗୁଡ଼ିକୁ ଅଧିକ କ୍ଷମତା ଦେବା ଆବଶ୍ୟକ।" ସହରାଂଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ଅଧିକ କ୍ଷମତା ଓ ଆର୍ଥିକ ସ୍ୱାଧୀନତା ପ୍ରଦାନ, ସହର ନେତୃତ୍ୱକୁ ସଶକ୍ତ କରିବା ଏବଂ ପୌରସଂସ୍ଥାଗୁଡ଼ିକର ଉତ୍ତରଦାୟିତ୍ୱ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ବିକଶିତ ଭାରତ ଗଠନରେ 'ମନ କି ବାତ' ଗୁରୁତ୍ୱ ରଖିବ

ଭୁବନେଶ୍ୱର,୨୯।୧୦ (ମହାଭାରତ): ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ପ୍ରତି ମାସର ଶେଷ ରବିବାରରେ ପ୍ରସାରିତ ହେଉଥିବା ଏହି କାର୍ଯ୍ୟକ୍ରମ ଯୁବବର୍ଗଙ୍କ ମନରେ କିଛି ନୂଆ କରିବା ପାଇଁ ଆଗ୍ରହ ସୃଷ୍ଟି କରୁଛି। କେବଳ ଯୁବବର୍ଗ ନୁହନ୍ତି, ପଛୁଆ ଓ ଆଦିବାସୀ ଅଂଚଳରେ ଯେଉଁ ବ୍ୟକ୍ତିମାନେ ନିଜ ଅଧ୍ୟବସାୟ ବଳରେ ସଫଳତା ହାସଲ କରିଛନ୍ତି ସେମାନଙ୍କ ସଫଳତାକୁ ମୋଦିଜୀ ଏହି କାର୍ଯ୍ୟକ୍ରମ ଜରିଆରେ ଲୋକଲୋଚନକୁ ଆଣିପାରୁଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ମୋଦିଜୀଙ୍କ ୧୩୯ତମ "ମନ୍ କି ବାତ" କାର୍ଯ୍ୟକ୍ରମ ଶୁଣିବା ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି କାର୍ଯ୍ୟକ୍ରମ 'ସମୃଦ୍ଧ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୧୩୭ ତମ "ମନ କି ବାତ" ଅଧ୍ୟାୟକୁ ମନେପକାଇ କହିଛନ୍ତି ଯେ, ଓଡ଼ିଶାର ସମ୍ବଲପୁରସ୍ଥିତ ଡେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଂଚଳର ଜଣେ ଆଦିବାସୀ ମହିଳା ମୈଥିଳୀଙ୍କ ପରିବେଶ ସୁରକ୍ଷା ଓ ଆତ୍ମନିର୍ଭରଶୀଳତାର ଉଦ୍ୟମକୁ ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦିଜୀ ସ୍ୱୀକୃତି ଦେଇଥିଲେ। ଏହା ଯୁବଶକ୍ତି ଏବଂ ଅନ୍ୟସବୁ ବର୍ଗର ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇଛି। ଆଜିର "ମନ୍ କି ବାତ" କାର୍ଯ୍ୟକ୍ରମ ବିଷୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ମୋଦିଜୀଙ୍କ ଆହ୍ୱାନରେ ସ୍ୱଚ୍ଛତା ଆଜି ସାରା ଦେଶରେ ଏକ ବଡ଼ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ଯୁବସମାଜ ଏହାକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଭୋକାଲ୍ ଫର ଲୋକାଲ୍‌ରେ ସ୍ୱଦେଶୀ ଉତ୍ପାଦକୁ ମୋଦିଜୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଏସଏଚ୍‌ଜି ଓ ମହିଳାମାନଙ୍କ ଗୋଷ୍ଠୀଗତ ଉଦ୍ୟମ ଏବଂ ସେଗୁଡ଼ିକର ଉପଯୁକ୍ତ ମାର୍କେଟିଂ ଉପରେ ପ୍ରଧାନମନ୍ତ୍ରୀ କହିଛନ୍ତି। ମହାରାଷ୍ଟ୍ରର ଆଦିବାସୀ ମହିଳାମାନଙ୍କ ଦ୍ୱାରା ପରିଚାଳିତ 'ଶବରୀ ନ୍ୟାଚୁରାଲ୍ସ' ଏବଂ କର୍ଣ୍ଣାଟକର ଉଦାହରଣ ଦେଇ ଉତ୍ପାଦର ଉନ୍ନତ ପ୍ୟାକେଜିଂ କିଭଳି ବଜାର ସୃଷ୍ଟି ଓ ରୋଜଗାର ବୃଦ୍ଧିରେ ସହାୟକ ହୋଇପାରିଛି, ସେବିଷୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ କହିଛନ୍ତି। ଆଧୁନିକ ଟେକ୍ନୋଲୋଜି ଜରିଆରେ କିପରି ସମସ୍ୟାର ସମାଧାନ କରାଯାଇପାରିବ ସେବିଷୟରେ ମୋଦିଜୀ "ମନ କି ବାତ" କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଦୁର୍ଗମ ଅଂଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିପରି ଏହି ଟେକ୍ନୋଲୋଜିର ବ୍ୟବହାର କରାଯାଇପାରିବ ତାହାର ଉଦାହରଣ ଦେବାକୁ ଯାଇ "ଇ-ସଞ୍ଜୀବନୀ" ବିଷୟରେ କହିଥିଲେ। ସୁଦୂର ଆଣ୍ଡାମାନ-ନିକୋବର ଏବଂ ଲକ୍ଷାଦ୍ୱୀପ ଭଳି ଦୁର୍ଗମ ଅଂଚଳରେ 'ଇ-ସଞ୍ଜୀବନୀ' ମାଧ୍ୟମରେ ଲୋକଙ୍କୁ ଡାକ୍ତରୀ ପରାମର୍ଶ ଓ ଔଷଧ ଯୋଗାଇ ସୁସ୍ଥ କରାଯିବା କଥା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହା ଦେଶର ଡିଜିଟାଲ୍ ସ୍ୱାସ୍ଥ୍ୟସେବା ବିପ୍ଳବର ଏକ ଉତ୍କୃଷ୍ଟ ଉଦାହରଣ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଆଇଆଇଟି ମାଡ୍ରାସ (ଚେନ୍ନାଇ) ଦ୍ୱାରା ବିକଶିତ ଅତ୍ୟାଧୁନିକ ଥ୍ରୀଡି ବ୍ରେନ୍ ଇମେଜିଂ ପ୍ରଯୁକ୍ତିବିଦ୍ୟା କିପରି ବିଶ୍ୱରେ ପ୍ରଥମ ଥର ପାଇଁ ମାନବ ମସ୍ତିଷ୍କ ସ୍କାନିଂ କ୍ଷେତ୍ରରେ ସଫଳତା ଆଣିଛି ସେ ବିଷୟରେ ମୋଦିଜୀ ବିସ୍ତୃତଭାବେ ଭାରତବାସୀ ଓ ବିଶ୍ୱବାସୀଙ୍କୁ ଅବଗତ କରାଇଛନ୍ତି। ଏହାଦ୍ୱାରା ଯୁବବର୍ଗ ମଧ୍ୟରେ ଏହି କାର୍ଯ୍ୟ ପାଇଁ ଆଗ୍ରହ ସୃଷ୍ଟି ହୋଇଛି। ମୃତ୍ୟୁ ପରେ ଅଙ୍ଗଦାନ ବିଷୟରେ ଗୁରୁତ୍ୱାରୋପ କରି ମୋଦିଜୀ ସମଗ୍ର ମାନବ ସମାଜକୁ ଏକ ବଡ଼ ଦିଗ୍‌ଦର୍ଶନ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। 'ଫାଦର୍ ଅଫ୍ ଫାଇବର ଅପ୍‌ଟିକ୍ସ' ଭାବେ ପରିଚିତ ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକ ନରେନ୍ଦ୍ର ସିଂହ କପାନୀଙ୍କ ଅବଦାନକୁ ସ୍ମରଣ କରି ତାଙ୍କ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ଅରାଷ୍ଟ୍ରୀୟ ଶକ୍ତିକୁ ସମର୍ଥନ ରାଜ୍ୟବାସୀ ଗ୍ରହଣ କରିବେନି

ଭୁବନେଶ୍ୱର,୨୯।୧୦ (ମହାଭାରତ): ସିଜେପିକୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସମର୍ଥନ ପ୍ରସଙ୍ଗକୁ ନେଇ ତାଙ୍କୁ ଟାର୍ଗେଟ କରିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ବିଜେଡି ଏବେ ଦିଗହରା ଓ ଦିଶାହୀନ ହୋଇପଡ଼ିଥିବା ବେଳେ ଦଳର ନେତାଙ୍କ ବିଚାର ବିଭ୍ରାଟ ହୋଇଛି ବୋଲି ସେ କହିଛନ୍ତି। ଅରାଷ୍ଟ୍ରୀୟ ଶକ୍ତିକୁ ସମର୍ଥନ କରିବାକୁ ରାଜ୍ୟବାସୀ ଗ୍ରହଣ କରିବେ ନାହିଁ ବୋଲି ମନମୋହନ କହିଛନ୍ତି।

ମନମୋହନ କହିଛନ୍ତି ଯେ ବିଜେଡି ନେତାମାନେ ଆଜି ଗୋଟିଏ କଥା କହୁଥିବା ବେଳେ କାଲି ଅନ୍ୟ କଥା କହୁଛନ୍ତି। ସେମାନେ କାହା ସହ ରହିବେ, ତାହା ସ୍ପଷ୍ଟ କରିବା ଉଚିତ। ପୂର୍ବରୁ ସମଦୂରତା କଥା କହୁଥିବା ବିଜେଡି କେତେବେଳେ ମେଂଟ ସହ ସାମିଲ ହେଉଛି, ତ ଆଉ କେତେବେଳେ ସେମାନଙ୍କ ଆହ୍ୱାନକୁ ବିରୋଧ କରୁଛି। ଦଳର ନେତାମାନେ କେଉଁ ପ୍ରସଙ୍ଗ ଉଠାଇବେ, ତାହା ନିଜେ ଜାଣିପାରୁନାହାନ୍ତି ବୋଲି ସେ କଟାକ୍ଷ କରିଛନ୍ତି।

ନବୀନ ପଟ୍ଟନାୟକ କେଉଁ ଉଦ୍ଦେଶ୍ୟରେ ସମର୍ଥନ ଦେଉଛନ୍ତି, ତାହା ସେ ନିଜେ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ମନମୋହନ କହିଛନ୍ତି। କିଛି ଆତ୍ମଘୋଷିତ ନେତା ଦେଶର ସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଥିବା ସେ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ ୧୯୬୫ ଓ ୧୯୭୧ ମସିହାର ଯୁଦ୍ଧ ହେଉ କିମ୍ବା ଏୟାର ଷ୍ଟ୍ରାଇକ୍ ଓ ସର୍ଜିକାଲ ଷ୍ଟ୍ରାଇକ୍, ଦେଶର ସୁରକ୍ଷା ପ୍ରସଙ୍ଗରେ ୧୪୦ କୋଟି ଭାରତୀୟ ଏକଜୁଟ ହୋଇଛନ୍ତି। ଚୀନ ଓ ପାକିସ୍ତାନ ସପକ୍ଷରେ ମତ ରଖୁଥିବା ଏବଂ ଦେଶବିରୋଧୀ କାର୍ଯ୍ୟକୁ ସମର୍ଥନ କରୁଥିବା ଲୋକଙ୍କୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ମନମୋହନ ଆହୁରି କହିଛନ୍ତି ଯେ ଅରାଷ୍ଟ୍ରୀୟ ଶକ୍ତିକୁ ସମର୍ଥନ କରିବା ଉଚିତ ନୁହେଁ। ଜନସାଧାରଣ ସବୁକିଛି ଦେଖୁଛନ୍ତି ଏବଂ ରାଜନୈତିକ ଦଳ ଓ ନେତାଙ୍କ ଆଭିମୁଖ୍ୟକୁ ପରଖୁଛନ୍ତି। ଉପଯୁକ୍ତ ସମୟରେ ଲୋକେ ଏହାର ଜବାବ ଦେବେ ବୋଲି ସେ କହିଛନ୍ତି।

ରେଳ କର୍ମଚାରୀଙ୍କ ବକେୟା ବୋନସ୍ ପ୍ରଦାନ ଦାବି

ଭୁବନେଶ୍ୱର,୨୯।୧୦ (ମହାଭାରତ): ରେଳ କର୍ମଚାରୀଙ୍କ ଉତ୍ପାଦକତା ସହ ଜଡ଼ିତ ବୋନସ୍ (ପିଏଲ୍‌ବି) ଗଣନା ସୀମାକୁ ବର୍ତ୍ତମାନର ମାସିକ ୭,୦୦୦ ଟଙ୍କାରୁ ୧୮,୦୦୦ ଟଙ୍କାକୁ ବୃଦ୍ଧି କରିବା ଦାବିରେ ଭାରତୀୟ ରେଳ ମଜଦୁର ସଂଘ ପକ୍ଷରୁ ଅକ୍ଟୋବର ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରବ୍ୟାପୀ ପ୍ରତିବାଦ ସପ୍ତାହ ପାଳନ କରାଯାଉଛି। ସଂଶୋଧିତ ସୀମା ଅନୁଯାୟୀ ୨୦୨୫-୨୬ ବର୍ଷର ବୋନସ୍‌ର ପାର୍ଥକ୍ୟ ରାଶି ଦୀପାବଳି ୨୦୨୬ ପୂର୍ବରୁ ପ୍ରଦାନ କରିବାକୁ ଇଷ୍ଟ କୋଷ୍ଟ ରେଳ ମଜଦୁର ସଂଘ (ଇକୋର୍ଆଏମ୍‌ଏସ୍)ର ମହାମନ୍ତ୍ରୀ ତ୍ରିଲୋଚନ ସାହୁ ଦାବି କରିଛନ୍ତି।

ଶ୍ରୀ ସାହୁ କହିଛନ୍ତି ଯେ ଭାରତୀୟ ରେଳ ଦେଶର ଜୀବନରେଖା। ରେଳ କର୍ମଚାରୀମାନେ କଠିନ ପରିସ୍ଥିତିରେ ଦିନରାତି କାର୍ଯ୍ୟ କରି ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା, ମାଲ ପରିବହନ, ରେଳ ସମ୍ପତ୍ତିର ରକ୍ଷଣାବେକ୍ଷଣ ଏବଂ ଦେଶର ଆର୍ଥିକ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ୧,୬୭୦ ନିୟୁତ ଟନ୍‌ର ରେକର୍ଡ ମାଲ ପରିବହନ ଏବଂ ପ୍ରାୟ ୭.୪୧ ବିଲିୟନ ଯାତ୍ରୀଙ୍କୁ ପରିବହନ କରିବାର ସଫଳତା କର୍ମଚାରୀଙ୍କ ପରିଶ୍ରମ, ସମର୍ପଣ ଓ କାର୍ଯ୍ୟଦକ୍ଷତାର ପ୍ରମାଣ। ଶ୍ରୀ ସାହୁ କହିଛନ୍ତି ଯେ କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳ ପକ୍ଷରୁ ରେଳ କର୍ମଚାରୀଙ୍କୁ ୭୮ ଦିନର ଉତ୍ପାଦକତା ସଂଲଗ୍ନ ବୋନସ୍ ପ୍ରଦାନକୁ ଅନୁମୋଦନ କରାଯିବା ସ୍ୱାଗତଯୋଗ୍ୟ। କିନ୍ତୁ ବୋନସ୍‌ର ସର୍ବାଧିକ ରାଶି ୧୭,୯୫୧ ଟଙ୍କା ଦୀର୍ଘ ବର୍ଷ ଧରି ଅପରିବର୍ତ୍ତିତ ରହିଛି। ରେଳବାଇର ଉତ୍ପାଦକତା ଓ କର୍ମଚାରୀଙ୍କ କାର୍ଯ୍ୟଭାର ବଢୁଥିବା ସତ୍ତ୍ୱେ ବୋନସ୍ ଗଣନା ସୀମାରେ ଆବଶ୍ୟକ ସଂଶୋଧନ ନ ହେବା କର୍ମଚାରୀଙ୍କ ମନୋବଳକୁ ପ୍ରଭାବିତ କରୁଛି। ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ୨୮ ଅଗଷ୍ଟ ୨୦୧୫ର ପତ୍ର ଏବଂ ବୋନସ୍ ଗଣନା ସୀମା ସମ୍ପର୍କିତ ରାଜପତ୍ର ବିଜ୍ଞପ୍ତିର ଉଲ୍ଲେଖ କରି ସେ କହିଛନ୍ତି ଯେ ବର୍ତ୍ତମାନର ବେତନ ଢାଂଚା, ବଢୁଥିବା ମହଙ୍ଗା ଏବଂ କର୍ମଚାରୀଙ୍କ ଯୋଗଦାନକୁ ବିଚାରକୁ ନେଇ ବୋନସ୍ ଗଣନା ସୀମାର ସମୀକ୍ଷା ଆବଶ୍ୟକ। ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗ ଅନୁଯାୟୀ ନିର୍ଦ୍ଧାରିତ ୧୮,୦୦୦ ଟଙ୍କାର ସର୍ବନିମ୍ନ ମୂଳ ବେତନ ସହ ସମନ୍ୱୟ ରଖି ବୋନସ୍ ଗଣନା ସୀମା ବୃଦ୍ଧି ପାଇଁ ସରକାର ଆବଶ୍ୟକ ନୀତିଗତ ଓ ଆଇନଗତ ସଂଶୋଧନ କରିବା ଉଚିତ।

ଐକ୍ୟବଦ୍ଧ ଭାବେ ଲଢ଼ିବାକୁ ସଂକଳ୍ପ ନେଲେ କଂଗ୍ରେସ ନେତା

ଭୁବନେଶ୍ୱର,୨୯।୧୦ (ମହାଭାରତ): ବିଜେପିର ଡବଲ-ଇଂଜିନ ସରକାରର ମଳିନ ଛବି, ରାହୁଲ ଗାନ୍ଧିଙ୍କ କ୍ରମବର୍ଦ୍ଧିଷ୍ଣୁ ଜନପ୍ରିୟତା ତଥା କଂଗ୍ରେସ ନେତାକର୍ମୀଙ୍କ ଅଦମ୍ୟ ଉତ୍ସାହ ବଳରେ ଆସନ୍ତା ପଂଚାୟତ ନିର୍ବାଚନରେ କଂଗ୍ରେସ ଉଭୟ ବିଜେପି ଓ ବିଜେଡିକୁ ପଛରେ ପକାଇ ସବୁଠୁ ଅଧିକ ସଫଳତା ପାଇବ। ଏମିତିରେ ମଧ୍ୟ ବିଜେପି ପ୍ରତିଦିନ ହରାଇଚାଲିଥିବା ଜନାଦେଶକୁ ସାଧାରଣରେ କଂଗ୍ରେସ ସପକ୍ଷରେ ସ୍ଥାନାନ୍ତରିତ ହେବା ସମସ୍ତେ ଲକ୍ଷ୍ୟ କରୁଛନ୍ତି ବୋଲି ରବିବାର ମଧ୍ୟାହ୍ନରେ ପିସିସିର ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକରେ ଅଧ୍ୟକ୍ଷତା କରି ଏଆଇସିସିର ରାଜ୍ୟ ପ୍ରଭାରୀ ଲାଲଜୀ ଦେଶାଇ ମତବ୍ୟକ୍ତ କରିଛନ୍ତି। ନିଜ ଦଳର ନେତା ଓ ନିଜ ସାମର୍ଥ୍ୟ ଉପରେ ବିଶ୍ୱାସ କରିବା ଆରମ୍ଭ କଲେ କଂଗ୍ରେସକୁ ଓଡ଼ିଶାରେ କେହି ରୋକିପାରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ନିଜ ରାଜ୍ୟ ଗୁଜରାଟରେ ଦଳ ୩୭ ପ୍ରତିଶତ ଭୋଟ ହାତେଇଥିବା ବେଳେ ୫ ହଜାର ଲୋକଙ୍କର ସମାବେଶଟିଏ ଆୟୋଜନ କରିବା କଷ୍ଟକର ହେଉଥାଏ। ତେବେ ଓଡ଼ିଶାରେ ମାତ୍ର ସାଢ଼େ ୧୩ ପ୍ରତିଶତ ଭୋଟ ହାତେଇ ମଧ୍ୟ ଦଳର ନେତାମାନେ ଅନାୟାସରେ ୫-୭ ହଜାର ଲୋକଙ୍କ ସମାବେଶ କରିଦେଇପାରନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ, ସଂଗଠିତ ଭାବେ ପରିଶ୍ରମ କଲେ ଦଳ ବିଜୟୀ ହେବା ସୁନିଶ୍ଚିତ। ପିସିସି ସଭାପତି ଭକ୍ତ ଚରଣ ଦାସ ଦଳର ରାଜ୍ୟ ସଂଗଠନ କିପରି ତୃଣମୂଳ ସ୍ତର ଯାଏ ପହଂଚିବା ଉପରେ ତା'ର ସୂଚନା ଦେବା ସହ ପଂଚାୟତ ନିର୍ବାଚନରେ ଦଳର ବଡ଼ ନେତାମାନେ ନିଜନିଜ ଜିଲ୍ଲାର ଦାୟିତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। ଉପସ୍ଥିତ ବରିଷ୍ଠ ନେତାମାନେ ବିଭିନ୍ନ ପ୍ରସ୍ତାବ ଦେବାପରେ ସର୍ବସମ୍ମତ କ୍ରମେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ପଂଚାୟତ ନିର୍ବାଚନ ଐକ୍ୟବଦ୍ଧ ଭାବେ ଲଢ଼ିବାକୁ ସଂକଳ୍ପ ନେଇଥିଲେ ଉପସ୍ଥିତ କଂଗ୍ରେସ ନେତା। ଏହି ନିର୍ବାଚନରେ ଓବିସି ସଂରକ୍ଷଣ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏମ୍‌ଏମ୍‌ଡିଆର ଓ ଏସଆଇଆର ପ୍ରସଙ୍ଗକୁ ଓଡ଼ିଶାର ଘରେଘରେ ପହଂଚାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସଂକଳ୍ପ ନିଆଯାଇଥିଲା। ଏହି ଦୁଇ ପ୍ରସଙ୍ଗ କ'ଣ, ତାହା ରାଜ୍ୟବାସୀଙ୍କୁ ସହଜରେ ବୁଝାଇବାକୁ ଆଇନଜୀବୀମାନଙ୍କୁ ଦଳ ପକ୍ଷରୁ ତୃଣମୂଳ ସ୍ତରକୁ ପଠାଯିବାକୁ ନରସିଂହ ମିଶ୍ର ପ୍ରସ୍ତାବ ଦେଇଥିଲେ। ଓଡ଼ିଶାବାସୀଙ୍କ ପାଇଁ ନୁହେଁ, ପୁଂଜିପତି ବନ୍ଧୁଙ୍କ ସ୍ୱାର୍ଥ ପାଇଁ ମୋଦୀ ଜନବିରୋଧୀ ଡାଟା ସେଂଟର ନେଇ ଓଡ଼ିଶା ଆସୁଛନ୍ତି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମତବ୍ୟକ୍ତ କରିବା ସହ ଏହା ହେଲେ ଓଡ଼ିଶା କିପରି ଜଳ ଓ ବିଦ୍ୟୁତ ସଂକଟର ସମ୍ମୁଖୀନ ହେବ, ତା'ର ବିବରଣୀ ଦେଇଥିଲେ। ନଭେମ୍ବର ୧ ଦିଲ୍ଲୀ ସମାବେଶରେ ଓଡ଼ିଶାରୁ ହଜାରହଜାର ସଂଖ୍ୟାରେ କିପରି ଯୋଗଦେବେ କଂଗ୍ରେସ ନେତା ଓ କର୍ମୀ, ତା'ର ଏକ ରୂପରେଖ ଚୂଡ଼ାନ୍ତ ହୋଇଥିଲା।

କୋଟିଆ ପ୍ରସଙ୍ଗରେ ଚୁପ୍ ବସିଛନ୍ତି ଟ୍ରିପଲ ଇଞ୍ଜିନ ସରକାର

ଭୁବନେଶ୍ୱର,୨୯।୧୦ (ମହାଭାରତ): ଓଡିଆ ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର କୋଟିଆ ପ୍ରସଙ୍ଗରେ ତିଳେ ମାତ୍ର ଆନ୍ତରିକତା ଦେଖାଉ ନାହିଁ । ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ କେନ୍ଦ୍ର ସରକାରରେ ବିଜେପିର ଟ୍ରିପଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ରାଜ୍ୟ ସରକାର ଚୁପ ହୋଇ ବସିଛନ୍ତି । ଏନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦକ, ପୂର୍ବତନ ସାଂସଦ ତଥା ଜାତୀୟ ମୁଖପାତ୍ର ଶ୍ରୀ ପ୍ରଦୀପ ମାଝୀ ଓ ସାଧାରଣ ସମ୍ପାଦକ ତଥା ଜାତୀୟ ମୁଖପାତ୍ର ଶ୍ରୀ ଭୃଗୁ ବକ୍ସିପାତ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ଶ୍ରୀ ମାଝୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଅନେକ ଦିଗକୁ ଉଲ୍ଲେଖିତ କରୁଛି । କୋଟିଆ ପ୍ରସଙ୍ଗରେ ବିଜେପି ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଲେ ନାହିଁ । କୋଟିଆ ରାଜ୍ୟର ଭୂସ୍ୱର୍ଗ । ପର୍ଯ୍ୟଟକ ମାନଙ୍କୁ ବିମୋହିତ କରିଥାଏ । ଓଡ଼ିଶାବାସୀ କୋଟିଆ ଆମର ବୋଲି କହୁଥିବା ବେଳେ କିନ୍ତୁ ଆଜି କୋଟିଆ ଅସହାୟ ହୋଇ ପଡିଛି । ତାହାର ଦୂରାବସ୍ଥା ଦେଖିବା ପାଇଁ କେହି ବି ନାହାଁନ୍ତି । ନିର୍ବାଚନ ପୂର୍ବରୁ ଓ ପରେ ବିଜେପି ସରକାର ମାଳ ମାଳ ପ୍ରତିଶ୍ରୁତି ଦେଇଥିବା ବେଳେ ପୂରଣ କରିବାକୁ ଭୁଲି ଗଲେ । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଟିଆ ଗସ୍ତ କରିଥିଲେ । ମାଆକୁ ଆମ୍ଭେ ମାନେ କେବେ ମାଉସୀ ବୋଲି ଡାକିବୁ ନାହିଁ ବୋଲି କହିଥିଲେ । ଉତ୍କଳ ଦିବସ ମଧ୍ୟ ସେଠାରେ ପାଳନ କରିଥିଲେ । ଆମ ମା ମାଟିକୁ ଆନ୍ଧ୍ର ପ୍ରଦେଶ ହାତକୁ ଯିବାକୁ ଦେବୁନାହିଁ ବୋଲି କହିଥିଲେ । କିନ୍ତୁ ତାହା କେବଳ ଲୋକ ଦେଖାଣିଆ ଥିଲା ବୋଲି ପ୍ରମାଣିତ ହୋଇଛି । ଉକ୍ତ ପ୍ରସଙ୍ଗରେ ବିଜେପି ସରକାରଙ୍କ ଆନ୍ତରିକତା ନାହିଁ । ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ସମେତ କେନ୍ଦ୍ରରେ ବିଜେପିର ଟ୍ରିପଲ ଇଞ୍ଜିନ ସରକାର ରହିଛି । ସେମାନେ ଚାହିଁ ଥିଲେ ସିଧାସଳଖ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରି ପାରିଥାନ୍ତେ । କିନ୍ତୁ ତାହା କରିଲେ ନାହିଁ । ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଦ୍ୱାରା କୋଟିଆ ପ୍ରସଙ୍ଗର ସମାଧାନ ହେବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ । ମାଳ ମାଳ ମନ୍ତ୍ରୀ ମାନେ କୋଟିଆ ଗସ୍ତ କରି ସ୍ଥାୟୀ ସମାଧାନ କରିବେ ବୋଲି ବୟାନବାଜି କରିଥିଲେ । ତାହା ମଧ୍ୟ ପାଣିର ଗାର ସାଜିଲା । କୌଣସି ସ୍ଥାୟୀ ସମାଧାନ ହେଲା ନାହିଁ । ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, କ୍ୟାବିନେଟ ମନ୍ତ୍ରୀଙ୍କ ବାରମ୍ବାର କୋଟିଆ ଗସ୍ତ ହୋଇଥିଲେ ସୁଦ୍ଧା ଫଳାଫଳ ଶୂନ୍ୟ ରହିଛି । ଗତ ଅଢେଇ ବର୍ଷ ମଧ୍ୟରେ ରାଜ୍ୟ ସରକାର କୋଟିଆ ପାଇଁ କଣ କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । କୋଟିଆ ଦୁର୍ଗମ ଓ ଅଗମ୍ୟ ହୋଇ ରହିଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ବିକାଶ ମୂଳକ କାର୍ଯ୍ୟ ହୋଇଥିଲା । ସାରା ଦେଶ ପାଇଁ ବିକାଶର ଏକ ରୋଲ ମଡେଲ ସାଜିଥିଲା । ବିଦ୍ୟୁତ, ରାସ୍ତା, ବିଦ୍ୟାଳୟ, ଥାନା, ଜୀବନ ଜୀବିକା ଆଦି କରି ରୂପରେଖ ପରିବର୍ତ୍ତନ କରାଇଥିଲେ । ବିଜେଡି ଶାସନ କାଳର ବିକାଶ ସିଧାସଳଖ ଲୋକଙ୍କ ନିକଟରେ ପହଂଚିଥିଲା । କୋଟିଆ ପାଇଁ ୧୬୪କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ପ୍ରଦାନ କରାଯାଇଥିଲା । କିନ୍ତୁ ବିଜେପି ସରକାରରେ ତାହା ଅବହେଳିତ ହୋଇରହିଛି । କୋଟିଆ ଓଡ଼ିଶାର ହୋଇଥିବା ବେଳେ ମାତ୍ର କୋଟିଆ ଗାଁ ଗୁଡିକ ଉପରେ ଆନ୍ଧ୍ରର ଆଖି ରହିଛି । ଗତ ଅଢେଇ ବର୍ଷରେ ବିଜେପି ସରକାର କୋଟିଆରେ ରଙ୍ଗ ମଧ୍ୟ ମାରି ନାହାଁନ୍ତି । କୋଟିଆର ଉନ୍ନତି ମୂଳକ କାର୍ଯ୍ୟ ଦୂରରେ ଥାଉ । ଆଜି କୋଟିଆ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ବିଜେପି ସରକାରଙ୍କ ଖାଲି ଭାଷଣ ବାଜି, କାମରେ ହେଲେ ଜିରୋ । ଦୁଇଟି ରାଜ୍ୟ ମଧ୍ୟରେ କୋଟିଆ ପ୍ରସଙ୍ଗରେ ବିବାଦ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ଚୁପ୍ କାହିଁକି ବସି ରହିଛନ୍ତି । ଆନ୍ଧ୍ର ପ୍ରଦେଶର ମନ୍ତ୍ରୀ, ନେତା ଆଦି ଓଡ଼ିଶା ମଧ୍ୟକୁ ପ୍ରବେଶ କରି କୋଟିଆରେ ରାଜନୈତିକ ପ୍ରଚାର କରୁଛନ୍ତି ।



ଦ୍ୱିତୀୟ ତ୍ରୈମାସିକରେ ଷ୍ଟାର୍ ହେଲ୍‌ଥର ୭୦ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,୨୯।୧୦ (ମହାଭାରତ): ଭାରତର ସର୍ବବୃହତ ସ୍ୱାଧୀନ ସ୍ୱାସ୍ଥ୍ୟବୀମା କମ୍ପାନୀ, ଷ୍ଟାର୍‌ହେଲ୍‌ଥ ଆଣ୍ଡ ଆଲାଏଡ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ (ଷ୍ଟାର୍‌ହେଲ୍‌ଥ) ୩୦ ସେପ୍ଟେମ୍ବର, ୨୦୨୬ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ପାଇଁ ନିଜର ଆର୍ଥିକ ଫଳାଫଳ ଘୋଷଣା କରିଛି। କମ୍ପାନୀର ସାମାନ୍ୟୀକୃତ କର ପଶ୍ଚାତ୍‌ଲାଭ ଆର୍ଥିକ ବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୈମାସିକରେ ଗତ ବର୍ଷର ସମାନ ଅବଧି ତୁଳନାରେ ୭୦ ପ୍ରତିଶତ ବୃଦ୍ଧି ପାଇ ୩୯୦ କୋଟି ଟଙ୍କାରେ ପହଞ୍ଚିଛି। ଅଣ୍ଡର ରାଇଟିଂ କ୍ଷେତ୍ରରେ କ୍ରମାଗତ ପଞ୍ଚମ ତ୍ରୈମାସିକ ପାଇଁଉନ୍ନତି ପରିଲକ୍ଷିତ ହୋଇଛି ଏବଂ କମ୍ପାନୀକମ୍ପାନୀ ଗତ ଆର୍ଥିକ ବର୍ଷ ୨୦୨୫-୨୬ର ଦ୍ୱିତୀୟ ତ୍ରୈମାସିକ ତୁଳନାରେ ୪୦ କୋଟି ଟଙ୍କାର କ୍ଷତିରୁ ବାହାରି ଆର୍ଥିକ ବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୈମାସିକରେ ୯୯ କୋଟି ଟଙ୍କାର ଲାଭଜନକ ସ୍ଥିତିକୁ ଆସିଛି। ଆର୍ଥିକ ବର୍ଷ ୨୦୨୭ର ଦ୍ୱିତୀୟତ୍ରୈମାସିକ ପ୍ରଦର୍ଶନରମୁଖ୍ୟବିନ୍ଦୁ ଗୁଡ଼ିକ ମଧ୍ୟରେ, ବ୍ୟବସାୟିକ ଦୃଷ୍ଟିରୁ ଜିଡବ୍ଲ୍ୟୁପି୧୯ ପ୍ରତିଶତବୃଦ୍ଧି ପାଇ ୫,୨୭୫ କୋଟି ଟଙ୍କାଏବଂରିଟେଲ୍‌ହେଲ୍‌ଥ ଫ୍ରେସ୍‌ଜିଡବ୍ଲ୍ୟୁପି ୩୫ ପ୍ରତିଶତବୃଦ୍ଧି ପାଇଛି। ଆର୍ଥିକ ଦୃଷ୍ଟିରୁ, କମ୍ପାନୀରମୋଟ କର ପଶ୍ଚାତ୍‌ଲାଭ (ପାଟ୍) ୨୩୩ ପ୍ରତିଶତବୃଦ୍ଧିସହ ୨୬୫ କୋଟିଟଙ୍କା (ଆର୍ଥିକ ବର୍ଷ ୨୦୨୫-୨୬ର ଦ୍ୱିତୀୟତ୍ରୈମାସିକ: ୮୦ କୋଟିଟଙ୍କାତୁଳନାରେ) ଏବଂକମ୍ବାଇଣ୍ଡଇନସ୍ୟୁରାନ୍ସସର୍ଭିସ୍‌ରସିଓ (ସିଆଇଏସଆର) ୯୮.୦ ପ୍ରତିଶତକୁସୁଧୁରିଛି (ଆର୍ଥିକ ବର୍ଷ ୨୦୨୫-୨୬ର ଦ୍ୱିତୀୟତ୍ରୈମାସିକର ୧୦୦.୯ ପ୍ରତିଶତତୁଳନାରେ ୨.୯ ପ୍ରତିଶତସୁଧାର)।

ପଥଭ୍ରଷ୍ଟ ଯୁବଗୋଷ୍ଠୀ

ଯୁବ ଗୋଷ୍ଠୀ ବା ଜେନ ଜି ମାନଙ୍କୁ ନିଜ ରାଜନୈତିକ ଫାଇଦା ହାସଲ ଲାଗି ଦୁରୂପଯୋଗ କରୁଥିବା, ସେମାନଙ୍କୁ ପଥଭ୍ରଷ୍ଟ କରୁଥିବା ଦେଖିବାକୁ ମିଳିଛି। ଏହା ଏକ ବିପଜ୍ଜନକ ଅବସ୍ଥା ସୃଷ୍ଟି କରୁଛି। ଯଦି ଛାତ୍ରମାନେ ପାଠ ନପଢ଼ି ବା ତାଲିମ ଛାଡ଼ି ରାସ୍ତାରେ ବସିବେ ଏବଂ ପୋଲିସ ହାଜତରେ ରହିବେ, ତେବେ କେବଳ ସେମାନଙ୍କ ଭବିଷ୍ୟତ ନୁହେଁ, ଦେଶର ଭବିଷ୍ୟତ ଗୁରୁତର ପ୍ରଭାବିତ ହେବ। ଛାତ୍ର ଜୀବନରୁ ନେତୃତ୍ୱ ନେବାର କଳା କୌଶଳ ଶିଖିବା ଉଚିତ। କିନ୍ତୁ ନେତାମାନେ ଅନ୍ୟମାନଙ୍କୁ ପ୍ରଭାବିତ ନକରନ୍ତୁ। ନେତୃତ୍ୱର ଅର୍ଥ ନୁହେଁ ଯେ, କେବଳ ଆନ୍ଦୋଳନ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିତର୍କ କରିବା ହେଉଛି ସବୁଠାରୁ ଶ୍ରେଷ୍ଠ ନେତୃତ୍ୱର ପରିପ୍ରକାଶ। ନଚେତ ସେମାନେ ଭବିଷ୍ୟତରେ ସଂସଦ ବା ବିଧାନସଭାରେ ବିତର୍କରେ ଭାଗ ନେଇ ପାରିବେ ନାହିଁ ଏବଂ ଗଣତନ୍ତ୍ର ଦୁର୍ବଳ ହୋଇଯିବ। ଛାତ୍ରଜୀବନ ହେଉଛି ଶିକ୍ଷା ଏବଂ ତାଲିମର ସମୟ। ଜଣେ ବ୍ୟକ୍ତିର ଜୀବନ କାଳ ମଧ୍ୟରେ ଏହା ହେଉଛି ସର୍ବଶ୍ରେଷ୍ଠ ସମୟ। ଏହାର ଦୁରୂପଯୋଗ କରାଯିବା ଅନୁଚିତ। ଏହା ହେଉଛି ଶିଖିବାର ସମୟ। ଏହାକୁ ହାତଛଡ଼ା କଲେ ଆଉ ସେ ସୁଯୋଗ ମିଳିନପାରେ। ତେଣୁ ଜଣେ ଛାତ୍ର ତାର ସମସ୍ତ ସମୟ କେବଳ ଶିଖିବାରେ ବା ତାଲିମ ନେବାରେ ଅତିବାହିତ କରିବା ଉଚିତ। ଏହା ସହିତ ଅନ୍ୟ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଯଥାସମ୍ଭବ କରିବା ଉଚିତ। କିନ୍ତୁ ମୂଳ ଲକ୍ଷ୍ୟ ହେଉଛି ଶିକ୍ଷା ଗ୍ରହଣ କରିବା। ଏହି ଶିକ୍ଷା ହିଁ ଭବିଷ୍ୟତରେ ନିଜର ପରିବାର ବା ଦେଶ ଗଠନରେ ମହତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ଯେଉଁମାନେ ଛାତ୍ର ଜୀବନରେ ଯେତିକି ଅଧ୍ୟବସାୟୀ ହୋଇଥାଆନ୍ତି ସେମାନେ ପରିବର୍ତ୍ତୀ ସମୟରେ ସେତିକି ସଫଳ ହୋଇଥାଆନ୍ତି। କହିବା ବାହୁଲ୍ୟ ଯେ, ସବୁ ଛାତ୍ର ଯୁବକ ନୁହଁନ୍ତି ବା ସବୁ ଯୁବକ ଛାତ୍ର ନୁହଁନ୍ତି। ଛାତ୍ର କହିଲେ କେବଳ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ ପଢୁଥିବା ବ୍ୟକ୍ତି ନୁହଁନ୍ତି। ଛାତ୍ର ଶବ୍ଦର ସଂଜ୍ଞା ଅତି ବ୍ୟାପକ। ଜଣେ ୧୫ବର୍ଷର କିଶୋର ଯଦି ସାଇକେଲ ମରାମତି ଶିଖୁଛି, ଜଣେ ଦର୍ଜୀ କାମ ଶିଖୁଛି, ଜଣେ ନିଜକୁ ଖେଳାଳୀ ଭାବେ ପ୍ରତିଷ୍ଠା କରୁଛି ଏବଂ ନିୟମିତ ତାଲିମ ଗ୍ରହଣ କରୁଛି ସେ ମଧ୍ୟ ଜଣେ ଛାତ୍ର। ଜଣେ ଆଦର୍ଶର ଛାତ୍ରର ଲକ୍ଷଣ ହେଲା ଯେ ନିଜର ସବୁ କିଛି ବାଜି ଲଗାଇ ଶିକ୍ଷାଗ୍ରହଣ କରୁଛି। ଭବିଷ୍ୟତରେ ଏହା ତାର ପରିବାର ପ୍ରତିପୋଷଣ ମାଧ୍ୟମ ହୋଇପାରେ। ଏହା ତାକୁ ସାରା ବିଶ୍ୱରେ ପରିଚିତ କରାଇପାରେ। ଯିଏ ଯାହା ଶିଖୁଛି ସେଥିରେ ଶ୍ରେଷ୍ଠତା ହାସଲ କରିବାକୁ ପ୍ରୟାସ କରିବା ଉଚିତ। ଏହା ତାର ପ୍ରାଥମିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ। କେବଳ ଜଣେ ନିଜର ପେଷା ଲାଗି ଶିକ୍ଷା ଗ୍ରହଣ କରିବାକୁ ନୁହେଁ, ଜ୍ଞାନ ଆହରଣ ଲାଗି ପାଇଁ ମଧ୍ୟ ଶିକ୍ଷା ଗ୍ରହଣ କରାଯାଇପାରେ। ପାରମ୍ପରିକ ଶିକ୍ଷା ସହିତ ଜଣେ ଛାତ୍ରକୁ ତା'ର ଶିକ୍ଷକ, ଗୁରୁଜନ ଏବଂ ପରିବାର ସଦସ୍ୟମାନେ ନୈତିକ ଶିକ୍ଷା ମଧ୍ୟ ଦେବା ଉଚିତ। ଏବେ ଦେଶରେ ଆନ୍ଦୋଳନରେ ମାତିଥିବା ଯୁବ ବର୍ଗ ବା ଜେନ-ଜିଙ୍କୁ ଅନେକ ପ୍ରଶଂସା ଏବଂ ସ୍ୱାଗତ କରୁଛନ୍ତି। ଯାହା ହେଉ ଯୁବ ଗୋଷ୍ଠୀ ସଚେତନ ହେଉଛନ୍ତି, ସେମାନେ ପ୍ରତିବାଦର ସ୍ୱର ଉଠାଉଛନ୍ତି ଏଥିରେ ଅନେକ ଅଶ୍ୱାସ୍ତ। ଅନେକ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ବିଶେଷ କରି ରାଜନୈତିକ ଦଳମାନେ ଯୁବକ, ଛାତ୍ରମାନଙ୍କୁ ଜେନ ଜୀରେ ସାମିଲ ହେବାକୁ ପ୍ରଶଂସା ଏବଂ ପ୍ରରୋଚିତ କରୁଛନ୍ତି। ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାରେ ସେମାନେ ଉଲ୍ଲସିତ। ଏଭଳି ଆନ୍ଦୋଳନ ହେଲେ ସରକାର ବଦଳିଯିବ ବୋଲି ସେମାନେ ଆଶା ରଖୁଛନ୍ତି। ସେମାନେ ନିଜ ରାଜନୈତିକ ଇଚ୍ଛାକୁ ଚରିତାର୍ଥ କରିବା ନିମନ୍ତେ ଛାତ୍ରମାନଙ୍କୁ ଆନ୍ଦୋଳନ କରିବାକୁ ପ୍ରବର୍ତ୍ତାଉଛନ୍ତି। ଏହା ଏକ ବିପଜ୍ଜନକ ପ୍ରକ୍ରିୟା। ଦେଶରେ ଅରାଜକତା ସୃଷ୍ଟି ଲାଗି ଏକ ଉଦ୍ୟମ ହେଉଛି। ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା, ଅନ୍ୟାୟର ପ୍ରତିବାଦ କରିବାର ଯଥାର୍ଥତା ରହିଛିକିନ୍ତୁ ଏଥିରେ ଛାତ୍ରମାନଙ୍କୁ କାହିଁକି ବଳି ପକାଯାଉଛି ?

ଚୀନର ବିସ୍ତାରବାଦୀ ନୀତି

॥ ଡ.ସମନ୍ୱୟ ନନ୍ଦ ॥

> “ ;ଚଳିତ ଥର ଚୀନର କାଳ୍ପନିକ ମାନଚିତ୍ରକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟର ପ୍ରତିକ୍ରିୟା ପରେ ଭାରତର ବୈଦେଶିକ ମନ୍ତ୍ରୀ ଡ. ଏସ ଜୟଶଙ୍କର ମଧ ପ୍ରତିକ୍ରିୟା ଦେଇଛନ୍ତି । ସେ ତାଙ୍କର ପ୍ରତିକ୍ରିୟାରେ ଚୀନର ଭାରତୀୟ ଅଂଚଳ ଉପରେ ଦାବିକୁ 'ଆବସର୍ଡ କ୍ଲେମ' ବୋଲି କହିଛନ୍ତି । କୂଟନୀତିଜ୍ଞ ମାନେ ସାଧାରଣ ଭାବେ ଆବସର୍ଡ ଶବ୍ଦ ସାଧାରଣତଃ ବ୍ୟବହାର କରି ନଥାନ୍ତି । ହେଲେ ଏଥର ଏହି ଶବ୍ଦକୁ ଭାରତର ବୈଦେଶିକ ମନ୍ତ୍ରୀ ବ୍ୟବହାର କରିଛନ୍ତି । ତେଣୁ ଚୀନକୁ କଡା ଭାଷାରେ କୂଟନୈତିକ ଜବାବ ଦିଆଯାଇଛି ।

ଭାରତରେ ଜି-୨୦ ଦେଶର ମାନଙ୍କର ଶିଖର ସମ୍ମିଳନୀ ହେବାର ଠିକ ପୂର୍ବରୁ ଚୀନ ତାର ହରକତକୁ ପୁଣି ଥରେ ଦୋହରାଇଛି । ଚୀନ ପୁଣି ଥରେ ଏକ କାଳ୍ପନିକ ମାନଚିତ୍ର ଜାରୀ କରିଛି । ଏହି କାଳ୍ପନିକ ମାନଚିତ୍ରରେ ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚିନକୁ ତାର ବୋଲି ଦର୍ଶାଇଛି । ଚୀନ କମ୍ୟୁନିଷ୍ଟ ପାର୍ଟିର ସରକାରୀ ପ୍ରପାଗଣ୍ଡା କରୁଥିବା ସମ୍ବାଦ ପତ୍ର ଜରିଆରେ ଚୀନ ଏହି କାଳ୍ପନିକ ମାନଚିତ୍ର ଜାରୀ କରିଛି । ଏହି କାଳ୍ପନିକ ମାନଚିତ୍ରରେ ସେ କେବଳ ଭାରତର କିଛି ଅଂଶକୁ ନିଜର ବୋଲି କହି ଦାବି କରି ନାହିଁ ବରଂ ଅନ୍ୟ ଦେଶ ମାନଙ୍କର ଅଂଶ ଗୁଡିକୁ ମଧ ନିଜର ବୋଲି ଦାବି କରିଛି ।

ଚୀନ ଏଭଳି ହରକତ ପ୍ରଥମ ଥର ପାଇଁ କରିଛି ତାହା ନୁହେଁ । ଚୀନ ଉପରେ ନଜର ରଖୁଥିବା ଲୋକ ମାନେ ଭଲ ଭାବେ ଜାଣନ୍ତି ଏହା କମ୍ୟୁନିଷ୍ଟ ଚୀନର ପୁରୁଣା ରଣନୀତି । ଚୀନ ପୂର୍ବରୁ ବାରମ୍ବାର ମଝିରେ ମଝିରେ ଏଭଳି ମାନଚିତ୍ର ମାନ ଜାରୀ କରି ଅନ୍ୟ ଦେଶର ଅଂଶ ଗୁଡିକୁ ନିଜର ବୋଲି ଦାବି କରିଥାଏ ।

ଚୀନ ଉପରେ ମାଓଙ୍କ ଲାଲ ସେନାର କବଜା ହେବା ପରେ ହିଁ ଚୀନ ତାର ରଙ୍ଗ ଦେଖାଇବା ଆରମ୍ଭ କରିଥିଲା । ଚୀନ ପ୍ରଥମେ ତିବତକୁ ହଡପ କରି ନେଇଥିଲା । ତିବତକୁ ଜୋର ଜବରଦସ୍ତି ଅଧିକାର କରିବା ବେଳେ ଭାରତକୁ ଏହାର ବିରୋଧ କରିବାର ଥିଲା। କାରଣ ସୁରକ୍ଷା ଦୃଷ୍ଟିରୁ ତିବତ ସ୍ୱାଧୀନ ହୋଇ ରହିବା ଭାରତ ପାଇଁ ଜରୁରୀ ଥିଲା । ମାତ୍ର ସେତେବେଳର ଭାରତର ନେତୃତ୍ୱ ଚୀନର ବିରୋଧ କରିବା ପରିବର୍ତ୍ତେ ତିବତକୁ ଚୀନ ହାତରେ ଟେକି ଦେଇଥିଲେ ।

ଏହା ପରେ ମାଓ ତିବତକୁ ଚୀନର ପାପୁଲି ବୋଲି କହିବା ସହ ଏହାର ପାଂଚଟି ଆଙ୍ଗୁଳି ରହିଛି ବୋଲି କହିଥିଲେ । ଏହି ପାଂଚଟି ଆଙ୍ଗୁଳି ହେଲା ଲଦାଖ, ଭୁଟାନ, ନେପାଳ, ସିକିମ ଓ ନେଫା (ବର୍ତମାନର ଅରୁଣାଚଳ ପ୍ରଦେଶ) । ତେଣୁ ସେତେବେଳ ଠାରୁ ହିଁ ଚୀନ ତାର ଅସଲ ରୂପ ଦେଖାଇ ଥିଲା ।

ଏହା ପରେ ମଧ ବିଭିନ୍ନ ସମୟରେ ଚୀନ ଏଭଳି କାଳ୍ପନିକ ମାନଚିତ୍ର ମାନ ଜାରୀ କରେ ଓ ବିଭିନ୍ନ ଦେଶର ଅଂଚଳ ଗୁଡିକୁ ନିଜର ବୋଲି ଦାବି କରେ । କେବଳ ଭାରତର ହିଁ ତାର ପଡୋଶୀ ଅନ୍ୟ ସମସ୍ତ ଦେଶ ମାନଙ୍କ ବିଭିନ୍ନ ଅଂଚଳ ଗୁଡିକୁ ମଧ ସେ ନିଜର ବୋଲି ଦାବି କରେ । ତେଣୁ ପ୍ରଥମ ଥର ପାଇଁ ଚୀନ ଏଭଳି ହରକତ କରି ନାହିଁ। ଏଭଳି କରିବା ଚୀନର ପୁରୁଣା ଅଭ୍ୟାସ ରହିଛି ।

ଭାରତ ସରକାର ଚୀନର ଏହି ହରକତର କଡା ଜବାବ ଦେଇଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଏହି ମାନଚିତ୍ରକୁ ଅସ୍ୱୀକାର କରି ଦେଇଛି ।

ଭାରତ ସରକାର ପୂର୍ବରୁ ମଧ ଏହି ମାମଲାରେ ଏହି ଭଳି ଜବାବ ଦେଉଥିଲା । ଚୀନ ଯେବେ ଯେବେ ଏଭଳି ମାନଚିତ୍ର ଜାରୀ କରେ କିମ୍ବା ଅରୁଣାଚଳ ପ୍ରଦେଶର ଲୋକ ମାନଙ୍କ ପାଇଁ ଷ୍ଟାପଲ୍ଡ ଭିସା ପ୍ରଦାନ କରେ ସେତେବେଳେ ଭାରତ ସରକାର ଏଭଳି ପ୍ରତିକ୍ରିୟା ପ୍ରଦାନ କରିଥାଏ । ଯେଉଁ ଦଳର ସରକାର ଥାଉ ନା କାହିଁକି ଏହି ସମାନ ପ୍ରତିକ୍ରିୟା ରହି ଆସିଛି । ତେବେ ବର୍ତମାନ ସରକାରରେ କଣ ବଦଳିଛି ? ବର୍ତମାନ ସରକାରରେ ସୀମାବର୍ତୀ ଅଂଚଳ ମାନଙ୍କରେ ଭିତିଭୂମିର ସ୍ଥିତି ବଦଳିଛି । ଗତ ୯ ବର୍ଷ ଧରି ତିବତ ସୀମାରେ ରାସ୍ତା, ପୋଲ ଓ ଅନ୍ୟାନ୍ୟ ଭିତିଭୂମି ଜୋରସୋରରେ ନିର୍ମାଣ ଚାଲିଛି । ଭାରତୀୟ ସେନା ଚୀନର ଲାଲ ସେନାକୁ ତାଙ୍କରି ଭାଷାରେ ଜବାବ ଦେଉଛି । ଡୋକଲାମ ହେଉ ବା ଗଲୱାନ ଉପତ୍ୟକା ହେଉ ଏହା ଏବେ ପ୍ରମାଣିତ ହୋଇ ସାରିଛି ।

ଚଳିତ ଥର ଚୀନର କାଳ୍ପନିକ ମାନଚିତ୍ରକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟର ପ୍ରତିକ୍ରିୟା ପରେ ଭାରତର ବୈଦେଶିକ ମନ୍ତ୍ରୀ ଡ. ଏସ ଜୟଶଙ୍କର ମଧ ପ୍ରତିକ୍ରିୟା ଦେଇଛନ୍ତି । ସେ ତାଙ୍କର ପ୍ରତିକ୍ରିୟାରେ ଚୀନର ଭାରତୀୟ ଅଂଚଳ ଉପରେ ଦାବିକୁ 'ଆବସର୍ଡ କ୍ଲେମ' ବୋଲି କହିଛନ୍ତି । କୂଟନୀତିଜ୍ଞ ମାନେ ସାଧାରଣ ଭାବେ ଆବସର୍ଡ ଶବ୍ଦ ସାଧାରଣତଃ ବ୍ୟବହାର କରି ନଥାନ୍ତି । ହେଲେ ଏଥର ଏହି ଶବ୍ଦକୁ ଭାରତର ବୈଦେଶିକ ମନ୍ତ୍ରୀ ବ୍ୟବହାର କରିଛନ୍ତି । ତେଣୁ ଚୀନକୁ କଡା ଭାଷାରେ କୂଟନୈତିକ ଜବାବ ଦିଆଯାଇଛି ।

ଚୀନ ହେଉଛି ଏକ ବିସ୍ତାରବାଦୀ ଦେଶ । ଚୀନ ସବୁବେଳେ ତାର ଆଖ ପାଖର ଦେଶ ମାନଙ୍କୁ କବଳିତ କରିବାକୁ ଚେଷ୍ଟା କରିଥାଏ । ଏବେ ମଧ ଯେଉଁ ପିପୁଲ୍ସ ରିପବ୍ଲିକ ଅଫ ଚାଇନା ରହିଛି ସେଥିରେ ଏଭଳି ବେଆଇନ ଭାବେ କବଜା କରିଥିବା ପଡୋଶୀ ଦେଶ ମାନଙ୍କର ଭୂମି ସାମିଲ ରହିଛି ।

ଚୀନ କେବଳ ଯେ ଏହି କାଳ୍ପନିକ ମାନଚିତ୍ରରେ ଭାରତର ଅଂଚଳ ଗୁଡିକୁ ଦର୍ଶାଇଛି ତା ନୁହେଁ । ସେ ବିଭିନ୍ନ ଦେଶର ବିଭିନ୍ନ ଅଂଚଳ ଗୁଡିକୁ ମଧ ତାର ବୋଲି ଦର୍ଶାଇଛି । ତେଣୁ କେବଳ ଭାରତ ନୁହେଁ ଏହି ଦେଶ ମାନେ ମଧ ଚୀନର ଏଭଳି କୃତ୍ୟ ପାଇଁ ତାକୁ ବିରୋଧ କରିବା ଆରମ୍ଭ କରି ଦେଇଛନ୍ତି ।

ଏହି ମାନଚିତ୍ରକୁ ନେଇ ଫିଲିପାଇନ୍ସ, ତାଇୱାନ, ମାଲେସିଆ ଓ ଭିଏତନାମ ମଧ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । କାରଣ ଏହି କାଳ୍ପନିକ ମାନଚିତ୍ରରେ ଚୀନ ଏହି ଦେଶ ମାନଙ୍କର ଅଂଶକୁ ମଧ ନିଜର ବୋଲି ଦର୍ଶାଇଛି ।

ଫିଲିପାଇନ୍ସର ସାମୁଦ୍ରିକ ଅଂଚଳ ଗୁଡିକୁ ଚୀନ ଏହି କାଳ୍ପନିକ ମାନଚିତ୍ରରେ ନିଜର ବୋଲି ଦାବି କରିଥିଲା । ଫିଲିପାଇନ୍ସ ସରକାରର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଚୀନ ଦ୍ୱାରା ଏହି ଅଂଚଳ ଗୁଡିକୁ ନିଜର ବୋଲି ଦାବି କରିବା ଆନ୍ତର୍ଜାତିକ ଆଇନର ଉଲ୍ଲଂଘନ ।

ସେହିପରି ଭିଏତନାମର ସ୍ପ୍ରେଟଲି ଓ ପାରାସେଲ ଦ୍ୱୀପ ଓ ତାର ଜଳ କ୍ଷେତ୍ର ଉପରେ ଏହି କାଳ୍ପନିକ ମାନଚିତ୍ର ଜରିଆରେ ଦାବି କରିଛି । ଭିଏତନାମ ସରକାରଙ୍କ ପକ୍ଷରୁ ଏହି ପ୍ରସଙ୍ଗରେ ଚୀନ ବିରୁଦ୍ଧରେ କଡା ପ୍ରତିକ୍ରିୟା ଦିଆଯାଇଛି ଓ ଚୀନର ଦାବିକୁ ଖାରଜ କରାଯାଇଛି । ସେହିପରି ମାଲେସିଆ ପକ୍ଷରୁ ମଧ ଚୀନର ଏଭଳି ଦାବି କୁ ଅଗ୍ରାହ୍ୟ କରାଯାଇଛି ।

ଅନ୍ୟ ଶବ୍ଦରେ କହିବାକୁ ଗଲେ ଚୀନର ଏଭଳି ବିସ୍ତାରବାଦୀ ବ୍ୟବହାରକୁ ନେଇ କେବଳ ଭାରତ ନୁହେଁ ଅନ୍ୟ ଦେଶ ମାନେ ମଧ ସମସ୍ୟାରେ ଅଛନ୍ତି । ସମସ୍ତେ ଚୀନ ବିରୁଦ୍ଧରେ କଡା ମନ୍ତବ୍ୟ ଦେଉଛନ୍ତି । ଚୀନକୁ ସମସ୍ତେ ଶତ୍ରୁ ଭଳି ଦେଖୁଛନ୍ତି ।

ଭାରତ ସ୍ୱାଧୀନ ହେବା ପରେ ଅନେକ ଦେଶ ଆଶା କରୁଥିଲେ ଯେ ଭାରତ ସେମାନଙ୍କର ନେତୃତ୍ୱ ନେବ । ବିଶେଷ ଭାବେ ଦକ୍ଷିଣ ଏସିଆ ଓ ଦକ୍ଷିଣ ପୂର୍ବ ଏସିଆର ଦେଶ ମାନେ ନେତୃତ୍ୱ ପାଇଁ ଭାରତ ଆଡକୁ ଦେଖୁଥିଲେ । କାରଣ ମଧ ସ୍ପଷ୍ଟ ଥିଲା । ଭାରତର ହଜାର ହଜାର ବର୍ଷର ସଭ୍ୟତା ଓ ସଂସ୍କୃତି ରହିଛି । ଦକ୍ଷିଣ ଏସିଆ ଓ ଦକ୍ଷିଣ ପୂର୍ବ ଏସିଆର ଦେଶ ମାନଙ୍କର ସଂସ୍କୃତି ଭାରତରୁ ହିଁ ଯାଇଛି । ତେଣୁ ଭାରତର ନେତୃତ୍ୱକୁ ସେମାନେ ଅନାଇଥିଲେ । ହେଲେ ବୋଧ ହୁଏ ସେତେବେଳର ଭାରତର ରାଜନୈତିକ ବୋଧ ହୁଏ ଏହା ଚାହୁଁ ନଥିଲା । ୧୯୬୨ ମସିହାରେ ଚୀନ ମଧ ଭାରତ ଉପରେ ଆକ୍ରମଣ କରି ଏହି ଦେଶ ମାନଙ୍କୁ ସଂକେତ ଦେଇ ଦେଇଥିଲା ଯେ ଭାରତ ଆଡକୁ ନେତୃତ୍ୱ ପାଇଁ ଯଦି ଚାହୁଁଛ ତାହେଲେ ଭୁଲ କରୁଛ । ମାତ୍ର ବର୍ତମାନ ସ୍ଥିତି ବଦଳିଛି । ବର୍ତମାନ ଭାରତ ବିଶ୍ୱର ବିକଶିତ ଦେଶ ମାନଙ୍କ ସହ ଆଖିରେ ଆଖି ମିଶାଇ କଥା ବାର୍ତା କରୁଛି । ବିଶ୍ୱ ରାଜନୀତିରେ ଭାରତର ପ୍ରଭାବ ବଢିବାରେ ଲାଗିଛି । ଚୀନର ଏଭଳି କାଳ୍ପନିକ ମାନଚିତ୍ର ଜାରୀ ପ୍ରସଙ୍ଗ ଆଖ ପାଖର ଦେଶ ମାନଙ୍କୁ ଚୀନ ବିରୁଦ୍ଧରେ କରୁଛି । ଏଭଳି ସ୍ଥିତିରେ ଭାରତ ତାର ଭୂମିକାକୁ ବିସ୍ତାର ଦେବା ଉଚିତ । ଭାରତକୁ କେବଳ ଭାରତର ନୁହେଁ ବରଂ ଚୀନର ବିସ୍ତାରବାଦୀ ନୀତିର ଶୀକାର ହେଉଥିବା ଅନ୍ୟ ଦେଶ ମାନଙ୍କର ପ୍ରବକ୍ତା ମଧ ସାଜିବାର ସମୟ ଆସିଛି ।

ବଦଳିବ ପୁରୁଣା ଦଣ୍ଡ ସଂହିତା

॥ ଗୋପାଳ ମହାପାତ୍ର ॥

ଆମ ଦେଶରେ କେଉଁ ଅପରାଧ ପାଇଁ କଣ ଦଣ୍ଡ ଦିଆଯିବ ତାହା ଭାରତୀୟ ଦଣ୍ଡ ସଂହିତା ଦ୍ୱାରା ହିଁ ସ୍ଥିର କରାଯାଇଥାଏ। ଦଣ୍ଡ ସଂହିତାରେ ୫୦୦ରୁ ଅଧିକ ଧାରା ରହିଛି ଓ ଭିନ୍ନ ଭିନ୍ନ ଅପରାଧ ପାଇଁ ଦଣ୍ଡ ବାବଦରେ ଉଲ୍ଲେଖ ରହିଛି। ପାଖାପାଖି ୧୬୦ ବର୍ଷର ପୁରୁଣା ଏହି ଦଣ୍ଡ ସଂହିତାରେ ଅନେକ ସମୟରେ ପରିବର୍ତ୍ତନ କରାଯାଇଛି, କିନ୍ତୁ ଏହାର ମୂଳ ସ୍ୱରୂପ ବଦଳି ନାହିଁ। ଏବେ କେନ୍ଦ୍ର ସରକାର ଏହି ଦଣ୍ଡ ସଂହିତାରେ ବ୍ୟାପକ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ସଂସଦର ମୌସୁମୀ ଅଧିବେଶନ ବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଲୋକସଭାରେ ଭାରତୀୟ ଦଣ୍ଡ ସଂହିତା (ଆଇ.ପିସି), ଦଣ୍ଡ ପ୍ରକ୍ରିୟା ସଂହିତା (ସି.ଆର.ପିସି) ଏବଂ ସାକ୍ଷ ଅଧିନିୟମ (ଏଭିଡେନସ ଆକ୍ଟ) ବଦଳରେ ୩ ନୂଆ ଆଇନ ଅଣାଯିବା ପାଇଁ ବିଧାୟକ ଆଗତ କରିଥିଲେ। ସଂସଦୀୟ ପ୍ରକ୍ରିୟା ପୁରଣ ହେବା ପରେ ଏହି ୩ ନୂଆ ଆଇନ୍ କାର୍ଯ୍ୟକାରୀ ହେବ। ଏଯାବତ୍ ୧୮୬୦ ମସିହାରେ ଇଂରେଜ ମାନେ ପ୍ରଣୟନ କରିଥିବା ଆଇନର ଆଧାରରେ ଦେଶର ଅପରାଧିକ ନ୍ୟାୟ ପ୍ରଣାଳି ଚାଲି ଆସୁଛି। ନୂଆ ଆଇନ୍ କାର୍ଯ୍ୟକାରୀ ହେଲେ ପୁରୁଣା ଆଇନ୍‌ର ପରିବର୍ତ୍ତନ ହେବ। ନୂଆ ଆଇନ୍‌ରେ ମହିଳା ମାନଙ୍କ ସୁରକ୍ଷା ପାଁଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏକଥା ମଧ ସତ୍ୟ ଯେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଯେଉଁ ବିଧାୟକ ଆଗତ କରିଛନ୍ତି ତାହା ସମୟରେ ଆବଶ୍ୟକତା। ଏବେର ଆଇନ୍ ଅନୁସାରେ କାହାରିକୁ ଅପରାଧି ଭାବେ ଗିରଫ କରାଗଲେ କେତେ ସମୟ (ଦିନ) ମଧରେ ମାମଲାର ବିଚାର ସରିବ ସେ ବାବଦରେ କିଛି ଉଲ୍ଲେଖ ନାହିଁ। କିନ୍ତୁ ନୂଆ ଆଇନ୍ ଅନୁସାରେ ଟ୍ରାଏଲ୍ କୋର୍ଟକୁ ୩ ବର୍ଷ ମଧରେ ବିଚାର କରିବାକୁ ପଡିବ। ଅନ୍ୟ ପକ୍ଷରେ ରାଜଦ୍ରୋହ ଆଇନ୍ ବଦଳରେ ଦେଶଦ୍ରୋହ ଆଇନ୍ କାର୍ଯ୍ୟକାରୀ ହେବ। ଭାରତୀୟ ଦଣ୍ଡ ସଂହିତାର ଅନେକ ଧାରାକୁ ବାଦ୍ ଦିଆଯାଇ ୩୫୬ଟି ଧାରା ରଖାଯିବ ଓ ଶହେରୁ ଅଧିକ ଧାରାକୁ ପରିବର୍ତ୍ତନ କରାଯିବ। କିଛି ନୂଆ ରଖାଯିବ ଓ ଶହେରୁ ଅଧିକ ଧାରାକୁ ପରିବର୍ତ୍ତନ କରାଯିବ। କିଛି ନୂଆ ଧାରା ମଧ ଯୋଡାଯିବ। ଛୋଟ ଛୋଟ ଅପରାଧ ପାଁଇ ଜେଲକୁ ପଠାଯିବା ପରିବର୍ତ୍ତେ ଦଣ୍ଡ ସ୍ୱରୂପ ସାମୁଦାୟିକ ସେବାର ପ୍ରାବଧାନ ରଖାଯିବ। ଏହିଭଳି ମବ୍ ଲିଞ୍ଚିଂ, ଲଭ ଜିହାଦ ଭଳି ମାମଲାରେ କଠିନ ଦଣ୍ଡର ବ୍ୟବସ୍ଥା ନୂଆ ଆଇନ୍‌ରେ ରହିଛି। ଦେଶର ଯେ କୌଣସି ସ୍ଥାନରେ ଏଫ୍.ଆଇ.ଆର୍ ଦରଜ କରାଯାଇ ପାରିବା ଭଳି ଅନେକ ପ୍ରାବଧାନ ରହିଛି। ଏହା ଫଳରେ ଅଦାଲତରେ ମାମଲାର ବୋଝ କମିବ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଯଦି ଅଧିବେଶନ ପ୍ରାରମ୍ଭର ଏହି ବିଧେୟକକୁ ଆଗତ କରିଥାନ୍ତେ ତେବେ ଲୋକସଭାରେ ଗୃହୀତ ହେବା ସହ ରାଜ୍ୟ ସଭାରେ ଗୃହୀତ ହୋଇପାରିଥାନ୍ତା। ଏବେ ଶୀତକାଳୀନ ଅଧିବେଶନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ। ଅନେକ ଆଇନ୍ ବିଶାରଦ ଏହାକୁ ସ୍ୱାଗତ କରିଛନ୍ତି। ମୁଖ୍ୟ କଥା ହେଉଛି ବର୍ତ୍ତମାନର ପ୍ରଚଳିତ ଆଇନ୍ ୧୦୦ ବର୍ଷ ପୂର୍ବେ ପ୍ରଣୟନ କରାଯାଇଥିଲା ଓ ସମାଜର ବର୍ତ୍ତମାନର ସ୍ଥିତି ଅନୁସାରେ ଏଥିରେ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି। ଦେଶ ସ୍ୱାଧୀନ ହେବା ପରେ ଇଂରେଜ ମାନଙ୍କ ଦ୍ୱାରା ପ୍ରଣୀତ ଅନେକ ଦେୱାନୀ ଏବଂ ଫୌଜଦାରୀ ଆଇନକୁ ଯଥାବତ୍ ସ୍ୱୀକାର କରାଯାଇଥିଲା। ଯଦିଓ ଅନେକ ସମୟରେ ଏଥିରେ କିଛି ସଂଶୋଧନ କରାଯାଇଥିଲା ତଥାପି ଆଇନ୍‌ର ମୂଳ ଢାଞ୍ଚା ଇଂରେଜ ଶାସନ ବେଳର ରହିଛି। ନ୍ୟାୟାଳୟର କାର୍ଯ୍ୟ ପ୍ରଣାଳୀରେ ମଧ ଔପନିବେଶିକ ସମୟର ଛାପ ରହିଛି। ବର୍ତ୍ତମାନ ସରକାର ନୂଆ ଆଇନ୍ ପାଇଁ ଯେଉଁ ବିଧେୟକ ଆଗତ କରିଛନ୍ତି ସେଥିରେ ମବ୍ ଲିଞ୍ଚିଙ୍ଗ୍ ଏବଂ ନାବାଳିକା ଙ୍କୁ ଦୁଷ୍କର୍ମ ଘଟଣାରେ ମୃତ୍ୟୁ ଦଣ୍ଡର ପ୍ରାବଧାନ ରଖାଯାଇଛି। ସରକାର ମବ୍ ଲିଞ୍ଚିଙ୍ଗ୍‌କୁ ହତ୍ୟା ବୋଲି ପରିଭାଷିତ କରିଛନ୍ତି। ଯେତେବେଳେ ୫ରୁ ଅଧିକ ଲୋକ ବା ଗୋଷ୍ଠୀ ଜାତି, ସମୁଦାୟ, ଲିଙ୍ଗ, ଭାଷାକୁ ଆଧାର କରି କାହାରିକୁ ହତ୍ୟା କରିଥାନ୍ତି ତାକୁ ମବ୍ ଲିଞ୍ଚିଙ୍ଗ୍ କୁହାଯାଇଥାଏ। ଏଥିପାଇଁ ଅପରାଧିଙ୍କୁ ୭ ବର୍ଷର ଜେଲଦଣ୍ଡ ଏବ ଅଧିକତମ ମୃତ୍ୟୁଦଣ୍ଡ ଏବଂ ଜୋରିମାନା ର ପ୍ରାବଧାନ ରଖାଯାଇଛି। ସାମୁହିକ ଦୁଷ୍କର୍ମ ମାମଲାରେ ଅପରାଧି ମାନଙ୍କୁ ୨୦ ବର୍ଷ ବା ଆଜୀବନ ଜେଲ ଦଣ୍ଡର ବ୍ୟବସ୍ଥା କରାଯାଇଛି। ୧୮ ବର୍ଷର ଯୁବତୀ ସହ ଦୁଷ୍କର୍ମ ମାମଲାରେ ଅଧିକତମ ମୃତ୍ୟୁ ଦଣ୍ଡର ବ୍ୟବସ୍ଥା ରହିଛି।

ନୂଆ ଆଇନ୍‌ରେ ଜାଲିଆତି କରି ଦେଶ ଛାଡି ବିଦେଶକୁ ପଳାଇ ଯାଉଥିବା ଅପରାଧିଙ୍କ ପାଇଁ ଦଣ୍ଡର ବ୍ୟବସ୍ଥା କରାଯାଇଛି। ନ୍ୟାୟଳୟରେ ଦେଶ ଛାଡି ପଳାଇ ଯାଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ତାଙ୍କ ଅନୁପସ୍ଥିତିରେ ମାମଲା ଚାଲି ପାରିବ ବୋଲି ନୂଆ ଆଇନରେ ଉଲ୍ଲେଖ ରହିଛି। ବର୍ତ୍ତମାନର ନ୍ୟାୟ ବ୍ୟବସ୍ଥାରେ ମାମଲାର ବିଚାର ସରିବା ପର୍ଯ୍ୟନ୍ତ କିଛି ଲୋକ ତାଙ୍କୁ ମିଳିବାକୁ ଥିବା ଦଣ୍ଡ ଅବଧି ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଜେଲରେ ବିଚାରଧିନ କଏଦୀ ଭାବେ ବିତାଇଥାନ୍ତି। ଅନେକ ନିର୍ଦ୍ଦୋଷ ବ୍ୟକ୍ତି ମଧ ଜେଲରେ ସଢୁଛନ୍ତି। ଅନ୍ୟ ପକ୍ଷରେ ଦୋଷୀ ନିର୍ଦ୍ଦ୍ୱନ୍ଦରେ ବୁଲୁଛନ୍ତି। ଏକ ପ୍ରକାର ମାମଲାରେ ଜଣକୁ ତୁରନ୍ତ ଜାମିନ ମିଳି ଯାଉଥିବା ବେଳେ କେତେକଙ୍କୁ ଜାମିନ ମିଳିପାରୁନାହିଁ। କାରଣ ହେଉଛି ଜାମିନ ପାଇଁ ଓକିଲ ଦେବାକୁ ତାଙ୍କ ପାଖରେ ଅର୍ଥର ଅଭାବ। ଏଣୁ ଦଣ୍ଡ ପ୍ରକ୍ରିୟା ସହ ଅଦାଲତି ବ୍ୟବସ୍ଥାର ମଧ ପରିବର୍ତ୍ତନ ଆବଶ୍ୟକ। ନ୍ୟାୟାଳୟ ବା ଅଦାଲତଙ୍କୁ ନିର୍ଦ୍ଧାରିତ ସମୟ ମଧରେ ମାମଲା ବିଚାର ପାଇଁ ବିଧେୟକରେ ଯେଉଁ ପ୍ରାବଧାନ ରଖାଯାଇଛି ତାହା ସ୍ୱାଗତ ଯୋଗ୍ୟ ନିଶ୍ଚୟ। ମୋଟାମୋଟି ଭାବେ କହିବାକୁ ଗଲେ ଦଣ୍ଡ ସଂହିତାରେ ପରିବର୍ତ୍ତନ ପାଇଁ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଯିବା ପାଇଁ ଅନେକ ଚାଲେ ରହିଛି। ଏବେ ଅଦାଲତ ମାନଙ୍କରେ ଲକ୍ଷ ଲକ୍ଷ ମାମଲା ଲମ୍ବିତ ହୋଇ ରହିଛି। ଅଦାଲତ ମାନଙ୍କରେ ଆବଶ୍ୟକ ସଂଖ୍ୟକ ବିଚାରପତି ପଦବୀ ଖାଲି ପଡିଛି। ଅପରାଧର ତଦନ୍ତ ପାଇଁ ପର୍ଯ୍ୟାପ୍ତ ପୁଲିସ କର୍ମୀଙ୍କର ଅଭାବ ମଧ ରହିଛି। ଏସବୁର ସମାଧାନ ନହେବା ପର୍ଯ୍ୟନ୍ତ ନୂଆ ଆଇନ୍‌ର କାର୍ଯ୍ୟକାରୀତା ନେଇ ମଧ ଅବ୍ୟବସ୍ଥା ଦେଖାଯିବ।

ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪

ଭାରତୀୟ ଜୀବନାଦର୍ଶର ବାଙ୍ଗମୟୀ ପ୍ରକାଶ

॥ ଦିଲ୍ଲୀପ କୁମାର ମହାରଣା ॥

ରାମାୟଣ ଭାରତୀୟ ଜୀବନାଦର୍ଶର ବାଙ୍ଗମୟୀ ପ୍ରକାଶ। ଏହା ମାନବର ଚିତ୍ତକୁ ଗଭୀର ଭାବରେ ପ୍ରଭାବିତ କରିପାରେ। ରାମାୟଣର ନୈତିକ ଆଦର୍ଶ, ଜାତୀୟ ଜୀବନବୋଧ ସାମାଜିକ ଚଳଣି ପ୍ରଭୃତି କାଳ କାଳ ଧରି ଏ ଜାତିର ଚିନ୍ତା ଚେତନା ଓ ଭାବ ବଳୟକୁ ଶାଣିତ କରିପାରିଛି। ଭାରତୀୟ ଜୀବନ ସଭ୍ୟତା ଓ ସଂସ୍କୃତିର ଏହା ହିଁ ଜୀବନ ବେଦ। ଏଥିରେ ପ୍ରାକ୍ତନ ଜୀବନଧାରା ଐତିହ୍ୟ ଓ ମାନବୀୟ ମନୀଷାର ଚିତ୍ର ଅତି ସୁନ୍ଦର ଭାବରେ ବର୍ଣ୍ଣିତ। ଏଣୁ ରାମାୟଣ ଭାରତୀୟ ଜୀବନର ମହାନ ଗଙ୍ଗୋତ୍ରୀ। ଏହା ଭାରତୀୟ ସଂସ୍କୃତିକୁ ଯେ ପ୍ରଭାବିତ କରିପାରିଛି ତା ନୁହେଁ, ପରନ୍ତୁ ଏହା ଭାରତର ବ୍ୟକ୍ତିଗତ ଜୀବନ, ଗାର୍ହସ୍ଥ୍ୟ ଜୀବନ, ସାମାଜିକ ଜୀବନ ଓ ରାଷ୍ଟ୍ରୀୟ ଜୀବନଧାରାକୁ ନିୟନ୍ତ୍ରିତ କରିପାରିଛି।

ହିନ୍ଦୀ ସାହିତ୍ୟରେ ରାମକଥା : ପୃଥିବୀର ସାହିତ୍ୟରେ ଯେତେଦୂର ସମ୍ଭବ ରାମାୟଣ କଥାପରି ଅନ୍ୟ କୌଣସି ଗ୍ରନ୍ଥ ଲୋକମାନଙ୍କ ଚିନ୍ତାଧାରା ଉପରେ ପ୍ରଭାବ ପକାଇ ପାରିନାହିଁ। ମହାକା ରାଜ୍ୟରେ ରାମାୟଣ ଅଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ବାଲ୍ମୀକିଙ୍କ ରାମାୟଣ ପରେ ଭାରତର ବିଭନ୍ନ ଭାଷାରେ ଓ ବିଭିନ୍ନ ସ୍ଥାନରେ ରାମାୟଣ ରଚିତ ହେଲା। ସେଥିମଧ୍ୟରୁ ତାମିଲ ଭାଷାର 'କମ୍ବ ରାମାୟଣ' ଓ ହିନ୍ଦୀ ଭାଷାରେ 'ରାମଚରିତ ମାନସ' ହେଉଛି ସର୍ବପ୍ରଥମ। ର.ଏସ୍.ସ୍ମିଥ, କହନ୍ତି ଯେ ଉତ୍ତର ଭାରତରେ ଏପରି କୌଣସି ଘର ନାହିଁ ଯେଉଁଥିରେ କି 'ରାମଚରିତ ମାନସ' ଆବୃତ୍ତି କଥା ଆଦୃତ ନ ହୋଇଛି। ବାଲ୍ମୀକି ତାଙ୍କ ରାମାୟଣ ଆରମ୍ଭରେ ଅଯୋଧ୍ୟାର ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଦଶରଥ ମନ୍ତ୍ରୀ ପରିଷଦ ଏବଂ ପୁତ୍ର ଲାଭ ପାଇଁ କାମନା ପ୍ରସଙ୍ଗ ବର୍ଣ୍ଣନା କରିଥିବାବେଳେ ତୁଳସୀ ଦାସ ତାଙ୍କ 'ରାମ ଚରିତ ମାନସ' ଆରମ୍ଭରେ ବ୍ରହ୍ମା, ବିଷ୍ଣୁ ଶିବ, ଶେଷ ଦେବ, ଗଣେଶ, ପାର୍ବତୀ ଓ ସରସ୍ୱତୀଙ୍କର ସ୍ତୁତି କରିଛନ୍ତି। ଆଦିକବି ବାଲ୍ମୀକିଙ୍କ ରାମାୟଣ ହିନ୍ଦୀ ଭାଷାରେ ବିଶେଷ ଭାବରେ ପ୍ରଚଳିତ ଥିବାର ଜଣାଯାଏ। କବି କେଶରୀ ସିଂହ, ବିଷ୍ଣୁ ଦାସ, ସନ୍ତୋଷ ସିଂହ, ଛତ୍ରଧାରୀ, ଈଶ୍ୱରୀ ପ୍ରସାଦ, ମହେଶ ଦତ୍ତ, ସୋମନାଥ, ମଥୁରା ଦାଶ, ଶ୍ରୀକୃଷ୍ଣ ଭଟ୍ଟ, କବି କଳାନିଧି ପ୍ରଭୃତି କବିମାନେ ସଂସ୍କୃତ ଭାଷାରେ ରଚିତ ବାଲ୍ମୀକି ରାମାୟଣକୁ ହିନ୍ଦୀରେ ଅନୁବାଦ କରିଛନ୍ତି। ଏତଦବ୍ୟତୀତ ଗୋକୁଳ ନାଥ ଭଟ୍ଟ, କିଶୋରୀ ଦାସ ମହନ୍ତ, ରମାଦତ୍ତ ତ୍ରିପାଠୀ, ମାଧବ ଦାଶ ପ୍ରଭୃତି କବି ଆଧାତ୍ମ ରାମାୟଣକୁ ହିନ୍ଦୀରେ ଅନୁବାଦ କରି ବିଶେଷ ଲୋକପ୍ରିୟ କରିପାରିଛନ୍ତି। କବି ଭୂପତିଙ୍କର ଦେବ ଭାସ୍କର ରାମାୟଣ, ଭାଗବତ ଦାସଙ୍କର ରାମାୟଣ ହିନ୍ଦୀ ଭାଷାରେ ଦେଶ ଜନାଦୃତ। ବହ୍ଲରା ସଂପ୍ରଦାୟର କବି ସୁରଦାସଙ୍କର 'ସୁର ରାମାୟନ୍' ହିନ୍ଦୀ ଭାଷାରେ ବିଶେଷ ଲୋକପ୍ରିୟ। ଏତଦବ୍ୟତୀତ କେଶବ ଦାସଙ୍କ 'ରାମଚନ୍ଦ୍ରିକା' ସେନାପତିଙ୍କର 'କବିତା ରତ୍ନାକର' ମୈଥିଳୀ ଶରଣଗୁପ୍ତଙ୍କର 'ସାକେତ' ଓ କବି ଅରୁଣଙ୍କର 'ଅରୁଣ ରାମାୟଣ' ହିନ୍ଦୀ ଭାଷାରେ ଉଲ୍ଲେଖଯୋଗ୍ୟ କୃତି। ହିନ୍ଦୀ ସାହିତ୍ୟରେ ରାମାୟଣର ବିଷୟବସ୍ତୁକୁ ନେଇ ବହୁ କାବ୍ୟ, କବିତା, ଭଜନ, ଜଣାଣ ରଚିତ ହୋଇଛି। ଏହିସବୁ ସୃଷ୍ଟି ମଧରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କୁ ଆଦର୍ଶ ଚରିତ ରୂପେ ରୂପାୟିତ କରାଯାଇଛି। ହିନ୍ଦୀ ସାହିତ୍ୟରେ ବହୁ କବି ରାମାୟଣ ରଚନା କରିଥିଲେ ହେଁ ତୁଳସୀ ଦାସଙ୍କ ରାମ ଚରିତ ମାନସ ହେଇଛି ଶ୍ରେଷ୍ଠ କୃତି। ରାମାୟଣର କଥାବସ୍ତୁକୁ ନେଇ ହିନ୍ଦୀ କଥିତ ଭାଷାଭାଷୀ ଅଞ୍ଚଳରେ ବହୁ ଲୋକ ଗଳ୍ପ ଓ ଲୋକଗୀତି ରଚିତ ହୋଇଛି। ଯେପରି ସଂସ୍କୃତ ଭାଷାରେ ବାଲ୍ମୀକି ରାମାୟଣ ପ୍ରଥମ ଓ ସର୍ବୋତ୍କୃଷ୍ଟ ରାମାୟଣ, ସେହିପରି ତୁଳସୀ ଦାସଙ୍କ ରାମଚରିତ ମାନସ ହିନ୍ଦୀଭାଷାରେ ସର୍ବୋତ୍କୃଷ୍ଟ ଓ ଅଦ୍ୱିତୀୟ ରାମାୟଣ। ବଙ୍ଗଳା ସାହିତ୍ୟରେ ରାମକଥା : ବଙ୍ଗଳା ଭାଷା ଓ ସାହିତ୍ୟ କ୍ଷେତ୍ରରେ ରାମାୟଣ ହେଉଛି ଏକ ପ୍ରଧାନ ତଥା ପ୍ରାଥମିକ ସାରସ୍ୱତ ସମ୍ପଦ 'ଚର୍ଯ୍ୟାପଦ' ଓ 'ଶ୍ରୀକୃଷ୍ଣ କୀର୍ତ୍ତନ' ପ୍ରଭୃତି ଅଳ୍ପ କେତୋଟି ରଚନାକୁ ଛାଡ଼ିଦେଲେ ବଙ୍ଗଳା ସାହିତ୍ୟରେ ରାମାୟଣ ଠାରୁ ଆଉ କୌଣସି ପ୍ରାଚୀନ ରଚନା ଦେଖିବାକୁ ମିଳେନାହିଁ। ବଙ୍ଗଳାରେ 'କୃତ୍ତିବାସ ରାମାୟଣ' ଖୁବ ଆଦୃତ। ଏହାର ଭାଷା, ଶୈଳୀ ଛନ୍ଦ ଶ୍ରୋତା ଓ ପାଠକଙ୍କୁ ଖୁବ ଆକୃଷ୍ଟ କରିଥାଏ। ଏହି ରାମାୟଣ ବଙ୍ଗଳାରେ ଏତେ ଲୋକପ୍ରିୟତା ଲାଭ କଲା ଯେ ସାଧାରଣ ଜନତା ଦିନ ରାତି କଥାକାର ମାନଙ୍କ ଠାରୁ ରାମାୟଣ ଶୁଣିବା ପାଇଁ ଏକ ଧ୍ୟାନରେ ବସି ରହୁଥିଲେ। ବଙ୍ଗଳାର ମଧ୍ୟଯୁଗରେ ବିଭିନ୍ନ ପଦାବଳୀ, କୀର୍ତ୍ତନ, ମଙ୍ଗଳ କାବ୍ୟ ପ୍ରଭୃତି ସୁମଧୁର ସଙ୍ଗୀତ ଓ ବର୍ଣ୍ଣନାତ୍ମକ ଗୀତି ରଚନା ଗୁଡ଼ିକ ମହାଭାରତ ଓ ଭାଗବତର ଅନୁକରଣରେ ରଚନା କରାଯାଉଥିଲା। ଏହାଛଡ଼ା ଶ୍ରୀ ଚୈତନ୍ୟ ଓ ତାଙ୍କ ଭକ୍ତ ମାନଙ୍କର ଜୀବନୀ ଚରିତ ଉପରେ ଆଧାରିତ କେତେକ ରଚନା ମଧ ଏ ସମୟରେ ଦେଖିବାକୁ ମିଳେ।

ଶିଖରପୁର ଉପରସାହି, କଟକ
ଦୂରଭାଷ : ୮୨୮୦୯୬୩୨୮୩

ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା

ବିକାଶ ଏଠି ବାଟବଣା ! କେବେ ସୁଧୁରିବ ସେମେଲମୁଣ୍ଡା ଗ୍ରାମବାସୀଙ୍କ ଯାତାୟାତ ସମସ୍ୟା

ପାଟଣାଗଡ (ମହାଭାରତ) ରାସ୍ତାର ଅବସ୍ଥା ଦେଖିଲେ ଲାଗୁଛି, ବିକାଶ ଏଠି ବାଟବଣା ! କେବେ ସୁଧୁରିବ ସେମେଲମୁଣ୍ଡା ଗ୍ରାମବାସୀଙ୍କ ଯାତାୟାତ ସମସ୍ୟା ? ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଘୁଚେପାଲି ଗ୍ରାମ ପଞ୍ଚାୟତର ସେମେଲମୁଣ୍ଡା ଗାଁର ମୁଖ୍ୟ ରାସ୍ତାର ଏହି ଦୃଶ୍ୟ ଏବେ ରାସ୍ତାର ଅବସ୍ଥାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରୁଛି । ଏହା କୌଣସି ଡୁଳି କି ବାହାଲ ରାସ୍ତା ନୁହେଁ, ବରଂ ସେମେଲମୁଣ୍ଡା ଗାଁରୁ ଗଏଲମରା ଦେଇ ପାଟଣାଗଡ଼ ସହରକୁ ସଂଯୋଗ କରୁଥିବା ଏକ ମୁଖ୍ୟ ଯୋଗାଯୋଗ ରାସ୍ତା । ଯେଉଁ ରାସ୍ତା ଦେଇ ପ୍ରତିଦିନ ଲୋକମାନେ ନିଜର

ଦୈନନ୍ଦିନ କାମ ପାଇଁ ଯାତାୟାତ କରୁଛନ୍ତି, ସେହି ରାସ୍ତାର ଏପରି ଅବସ୍ଥା ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ନେଇ ଚିନ୍ତା ବଢ଼ାଉଛି । ରାସ୍ତା ଭଲ ନଥିଲେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ, ଚାଷୀ ଏବଂ ରୋଗୀଙ୍କୁ ନେବା ଆଣିବା କ୍ଷେତ୍ରରେ ମଧ୍ୟ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ । ସରକାର ଗ୍ରାମାଞ୍ଚଳର ବିକାଶ ଓ ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଥିବା ବେଳେ ସେମେଲମୁଣ୍ଡା ଗାଁର ଏହି ମୁଖ୍ୟ ରାସ୍ତାର ଅବସ୍ଥା ପ୍ରତି ସମ୍ପୃକ୍ତ ବିଭାଗର ଦୃଷ୍ଟି ପଡ଼ିବା ଆବଶ୍ୟକ । ରାସ୍ତାର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ମରାମତି କିମ୍ବା ଉନ୍ନତିକରଣ ପାଇଁ ଉଚିତ ପଦକ୍ଷେପ ନିଆଗଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ । ଏବେ ସାଧାରଣରେ ପ୍ରଶ୍ନ ଉଠୁଛି— ସେମେଲମୁଣ୍ଡାରୁ ଗଏଲମରା ଦେଇ ପାଟଣାଗଡ଼କୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାର ଉନ୍ନତିକରଣ କେବେ ହେବ ? ଲୋକଙ୍କ ଯାତାୟାତ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ କେବେ ପଦକ୍ଷେପ ନେବେ ? ଏହି ରାସ୍ତାର ସମସ୍ୟା ପ୍ରତି ସମ୍ପୃକ୍ତ ଅଧିକାରୀମାନେ ଦୃଷ୍ଟି ଦେଇ ଶୀଘ୍ର ଆବଶ୍ୟକ ପଦକ୍ଷେପ ନେବେ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି । ରାସ୍ତାର ବିକାଶ ହେଲେ ହିଁ ଗାଁର ବିକାଶ ସମ୍ଭବ । ତେଣୁ ସେମେଲମୁଣ୍ଡା ଗାଁର ଏହି ମୁଖ୍ୟ ରାସ୍ତାର ସମସ୍ୟାର ସମାଧାନ ଦିଗରେ ତୁରନ୍ତ ଦୃଷ୍ଟି ଦେବା ଜରୁରୀ ।

ଏମ୍ପାୟର୍ସ ପକ୍ଷରୁ ଦୀପାବଳୀ ଉପଲକ୍ଷେ ସ୍ୱତନ୍ତ୍ର ସମ୍ଭାର

ପାରାଦୀପ, (ମହାଭାରତ): ଦୀପାବଳୀକୁ ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ଏମ୍ପାୟାର୍ସ ପାରାଦୀପ ପକ୍ଷରୁ ସ୍ୱତନ୍ତ୍ର ସମ୍ଭାର ଆୟୋଜିତ ହେଉଛି । ପାରାଦୀପ ଅଂଚଳବାସୀଙ୍କ ନିମନ୍ତେ ଡ୍ରାଏ ଫ୍ରୁଡ୍, ମିଠାର ସ୍ୱତନ୍ତ୍ର ପ୍ୟାକେଟ୍ ପ୍ରସ୍ତୁତ କରାଯାଇଛି । ଦୀପାବଳୀର ଅଭିନନ୍ଦନ ଜଣାଇବା ପାଇଁ ଏମ୍ପାୟାର୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇଛି । ପାରାଦୀପ ଅଂଚଳର ବିଭିନ୍ନ ଜନସାଧାରଣ ଏବଂ ବିଭିନ୍ନ କମ୍ପାନୀମାନେ ଏହି ସୁବିଧା ନେବା ପାଇଁ ଏମ୍ପାୟାର୍ସର ସାଧାରଣ ପରିଚାଳକ ସନ୍ତୋଷ ମିଶ୍ର ନିବେଦନ କରିଛନ୍ତି । ପାରାଦୀପର ବିଭିନ୍ନ କମ୍ପାନୀମାନେ ଦୀପାବଳୀର ଅଭିନନ୍ଦନ ଜଣାଇବା ପାଇଁ କଟକ, ଭୁବନେଶ୍ୱର, କୋଲକାତା ଆଦି ସ୍ଥାନରୁ ଏହି ସାମଗ୍ରୀ ଆଣି ଦେଇଥାନ୍ତି । ଏହା ଅତ୍ୟଧିକ ବ୍ୟୟ

ଓ ସମୟ ନଷ୍ଟ ହୋଇଥାଏ ଏହାକୁ ଦୃଷ୍ଟିରେ ରଖି ଏମ୍ପାୟାର୍ସ ପାରାଦୀପ ପକ୍ଷରୁ ଦୀର୍ଘ ୫ ବର୍ଷ ଧରି ଏହି ଯୋଜନା ଆରମ୍ଭ କରାଯାଇଥିଲା । ଏମ୍ପାୟାର୍ସର ଏହି ଅଭିଯାନକୁ ପାରାଦୀପବାସୀ, ବିଭିନ୍ନ କମ୍ପାନୀମାନେ ଗ୍ରହଣ କରିଛନ୍ତି । ଚଳିତ ବର୍ଷ ମଧ୍ୟ ଏହି ସୁବିଧା ହାତ ପାଖରେ ମିଳୁଥିବାରୁ ଏହି ଦୀପାବଳୀର ସମ୍ଭାର ନେବା ପାଇଁ ଏମ୍ପାୟାର୍ସ ପାରାଦୀପର ବାଣିଜ୍ୟ ପରିଚାଳକ ଏମ୍.ଏମ୍.ଖାନ୍ ନିବେଦନ କରିଛନ୍ତି । ଲୋକଙ୍କ ଅଧିକ ନିକଟତର ହେବା ପାଇଁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଅନ୍‌ଲାଇନ୍‌ର ଏହି ସୁବିଧା ଉପଲବ୍ଧ ହେଉଥିବା ସାଧାରଣ ପରିଚାଳକ ଶ୍ରୀ ମିଶ୍ର କହିଛନ୍ତି ।

କୋଡ଼ିଏ ଘଣ୍ଟା ପଡ଼ି ରହିଲା ଜାତି ବାସନ୍ଦ ଥିବା ବ୍ୟକ୍ତିଙ୍କ ଶବ: ଶେଷରେ ଚାରି କାନ୍ଧ ଦେଇ ସସମ୍ମାନେ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

ପାଟଣାଗଡ, (ମହାଭାରତ):ମଣିଷ ଚନ୍ଦ୍ରପୃଷ୍ଠରେ ପହଞ୍ଚିଲାଣି, ଦୁନିଆ ଡିଜିଟାଲ ଯୁଗରେ ଆଗେଇ ଚାଲିଛି । ହେଲେ ଆଜି ବି ସମାଜରୁ ଜାତିପ୍ରଥା, ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର ହୋଇପାରିନାହିଁ । ଏହାର ଏକ ହୃଦୟବିଦାରକ ଉଦାହରଣ ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକର ଯୁବା ପଞ୍ଚାୟତ ଅନ୍ତର୍ଗତ ଖଲିପଥର ଗାଁରେ ଦେଖିବାକୁ ମିଳିଛି । ଅନ୍ୟ ଜାତିର ମହିଳାଙ୍କୁ ବିବାହ କରିଥିବାରୁ ଜାତି ବାସନ୍ଦର ଶିକାର ହୋଇଥିବା ଗଜାଧର ବାଗଙ୍କ ମୃତ୍ୟୁ ପରେ ତାଙ୍କ ଶବ ପ୍ରାୟ ୨୦ ଘଣ୍ଟା ଧରି ପଡ଼ି ରହିଥିଲା । ଶେଷରେ ପାଟଣାଗଡ଼ ଅଞ୍ଚଳର କିଛି ସ୍ୱେଚ୍ଛାସେବୀ ଆଗକୁ ଆସି ସସମ୍ମାନେ ତାଙ୍କ ଶବ ସତ୍କାର କରିଥିଲେ । ସୂଚନା ଅନୁଯାୟୀ, ଗତ ୨୮ ଅକ୍ଟୋବର ୨୦୨୬ ତାରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ଖଲିପଥର ଗାଁର ଗଜାଧର ବାଗଙ୍କ ମୃତ୍ୟୁ ହୋଇଥିଲା । ସେ ଅନ୍ୟ ଜାତିର ମହିଳାଙ୍କୁ ବିବାହ କରିଥିବାରୁ ତାଙ୍କ ମୃତ୍ୟୁ ପରେ ଜାତିଭାଇ, ସମ୍ପର୍କୀୟ କିମ୍ବା ଗାଁର ଅନ୍ୟ କୌଣସି ବ୍ୟକ୍ତି ଶବ ସତ୍କାର ପାଇଁ ଆଗକୁ ଆସିନଥିବା ଅଭିଯୋଗ ହୋଇଛି । ଗଜାଧରଙ୍କ ତିନି ପୁଅ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଇଥିଲେ । ବାପାଙ୍କ ଅସୁସ୍ଥତା ଖବର ପାଇ ବଡ଼ ପୁଅ ଗାଁକୁ ଫେରି ତାଙ୍କ ଚିକିତ୍ସା କରାଉଥିଲେ । ହେଲେ ବାପାଙ୍କ ମୃତ୍ୟୁ ପରେ ଏକାକୀ ଶବ ସତ୍କାର କିପରି କରିବେ, ସେହି ଚିନ୍ତାରେ ପଡ଼ିଯାଇଥିଲେ ବଡ଼ ପୁଅ । ଫଳରେ ଦୀର୍ଘ ପ୍ରାୟ ୨୦ ଘଣ୍ଟା ଧରି ଶବ ପଡ଼ି ରହିଥିଲା । ଏହି ଘଟଣା ସମ୍ପର୍କରେ ଖବର ପାଇ ଗୁରୁବାର ସକାଳେ ପାଟଣାଗଡ଼ ଅଞ୍ଚଳର କିଛି ସ୍ୱେଚ୍ଛାସେବୀ ଗଜାଧରଙ୍କ ଘରେ ପହଞ୍ଚିଥିଲେ । ମାନବିକତାର ପରିଚୟ ଦେଇ ସେମାନେ ମୃତକଙ୍କ ଶବକୁ ଚାରି କାନ୍ଧ ଦେଇ ପ୍ରାୟ ଦୁଇ କିଲୋମିଟର ଦୂରରେ ଥିବା ପୈତୃକ ଜମିକୁ ନେଇ ସସମ୍ମାନେ ଶବ ସତ୍କାର କରିଥିଲେ । ଏହି ମହତ କାର୍ଯ୍ୟରେ ସମାଜସେବୀ ଗିରିରାଜ ଭୋଇ, କନକ ଟିଭିର ସାମ୍ବାଦିକ ପ୍ରବୀଣ ପୁରୋହିତ, ନିରୋଜ ଡି. ପଟେଲ, ରଘୁନାଥ ରଣା ଓ ଦିଲ୍ଲୀପ କୁମୁରା ସାମିଲ ହୋଇଥିଲେ । ସ୍ୱେଚ୍ଛାସେବୀମାନେ କହିଛନ୍ତି ଯେ, ମଣିଷ ବଞ୍ଚିଥିବା ସମୟରେ ମତଭେଦ ଓ ବିବାଦ ହୋଇପାରେ । କିନ୍ତୁ ମୃତ୍ୟୁ ପରେ ମଧ୍ୟ ଜାତିଭେଦ ଓ ଅହଂକାର ଆଧାରରେ ଜଣେ ବ୍ୟକ୍ତିଙ୍କ ଶବକୁ ଅସମ୍ମାନ କରିବା କେତେଦୂର ଯୁକ୍ତିଯୁକ୍ତ ? ମାନବିକତାଠାରୁ ଜାତିପ୍ରଥା ବଡ଼ ହୋଇପାରିବ ନାହିଁ । ଏଭଳି ଘଟଣା ସମାଜ ପାଇଁ ଏକ କଳଙ୍କ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ, ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ବର୍ଷା ଓ ପବନ ଲାଗି ରହିଥିବା ସତ୍ତ୍ୱେ ସ୍ୱେଚ୍ଛାସେବୀମାନେ ନିଜ କର୍ତ୍ତବ୍ୟରୁ ପଛଘୁଞ୍ଚା ଦେଇନଥିଲେ । ସେମାନଙ୍କ ଏହି ମାନବିକ ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରୁଛନ୍ତି । ଜାତି, ଧର୍ମ ଓ ସାମାଜିକ ଭେଦଭାବଠାରୁ ଉପରେ ମାନବିକତା ଓ ସମ୍ମାନ ଯେ ସବୁଠାରୁ ବଡ଼, ଏହି ଘଟଣା ପୁଣିଥରେ ତାହା ପ୍ରମାଣିତ କରିଛି ।

କ୍ଲଷ୍ଟର ସ୍ତରୀୟ ସୁରଭି ଫଳାଫଳକୁ ନେଇ ଅସନ୍ତୋଷ

ଆଳି, (ମହାଭାରତ): ସୁରଭି ଫଳାଫଳକୁ ନେଇ ଆଳି ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ଅଭିଭାବକ । ଅଭିଭାବକ ମାନେ ଅଭିଯୋଗ ଆଣିଛନ୍ତି ଯେ ଗତ ୧୪ ତାରିଖ ଦିନ ଶରତ କୁମାର ଦେବ ନୋଡାଲ ହାଇସ୍କୁଲ କ୍ଲଷ୍ଟର ପକ୍ଷରୁ ବିଦ୍ୟାଳୟ ପରିସରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଦେମାଳର ବ୍ରଜସୁନ୍ଦର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାଗ ନେଇ ଦଳଗତ ସାଂସ୍କୃତିକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ମାତ୍ର ସେହି ରାତିରେ ଫଳାଫଳ ବଦଳାଇ ଅନ୍ୟ ଏକ ବିଦ୍ୟାଳୟକୁ କୃତି ହୋଇଥିବା ଦର୍ଶାଇ ଏହି ବିଦ୍ୟାଳୟକୁ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବାରୁ ବଞ୍ଚିତ କରାଇଥିବା ଜଣାପଡିବା ପରେ ଅଭିଭାବକ ମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଭେଟି ଏ ବିଷୟରେ ଜଣାଇଥିଲେ । ବିଇଓ କିନ୍ତୁ ସେମାନଙ୍କ କଥା ନଶୁଣୀ ସେମାନଙ୍କୁ ବ୍ଲକ ସ୍ତରୀୟ ଯିବାକୁ ହେଲେ ଆଉ ଥରେ ପ୍ରତିଯୋଗିତାରେ ଭାଗ ନେବାକୁ ପଡିବ ବୋଲି ଚିଠି କରିଥିଲେ । ଏଭଳି ଘଟଣାକୁ ଅଭିଭାବକ ମାନେ ବିରୋଧ କରିବା ସହ ସେମାନଙ୍କ ପିଲା ବ୍ଲକ ସ୍ତରୀୟ ସୁରଭିରେ ସିଧାଶଳଖ ଭାବେ ଭାଗ ନେବା ଓ ଯେଉଁ ମାନେ ଏଭଳି ହୀନ ଚକ୍ରାନ୍ତ କରିଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବିଇଓ କାର୍ଯ୍ୟାଳୟରେ ତାଲା ପକାଇବା ସହ ଧାରଣାରେ ବସିଥିଲେ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଘଟଣାର ସମାଧାନ ନିମନ୍ତେ ପ୍ରତିଶୃତି ଦେବା ପରେ ଧାରଣାରୁ ଉଠିଛନ୍ତି ଅଭିଭାବକ ।

ଅସ୍ତରଙ୍ଗ ମେରାଇନ ପୋଲିସ ଜବତ କଲା ଦେଶୀ ଓ ବିଦେଶୀ ମଦ

ଅସ୍ତରଙ୍ଗ, (ମହାଭାରତ): ଅସ୍ତରଙ୍ଗ ମେରାଇନ ପୋଲିସ ର ରେଡ ରେ ଆଜି ମଧ୍ୟାହ୍ନ ସମୟ ରେ ଅସ୍ତରଙ୍ଗ ବ୍ଲକ ଝାଡ଼ଲିଙ୍ଗ ପଞ୍ଚାୟତ ବାହୁଡିହ ଗ୍ରାମ ର ଏକ ଦୋକାନ ରୁ ଦେଶୀ ଓ ବିଦେଶୀ ସମୁଦାୟ ୬ ଲିଟର ୮୪୦ ମିଲିଲିଟର ଚୋରା ମଦ ଜବତ କରାଯାଇଛି । ସୂଚନା ମୁତାବକ ଏହି ଗ୍ରାମ ର କିଛି ବ୍ୟକ୍ତି ଦୀର୍ଘ ଦିନ ହେବ ଗ୍ରାମ ଛକ ରେ ଚୋରା ମଦ ବ୍ୟବସାୟ କରି ଆସୁଥିଲେ, ଏହାକୁ ନେଇ ଏହି ଗ୍ରାମ ର କିଛି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମେରାଇନ ଥାନା ରେ ନିଶାମୁକ୍ତ ଗ୍ରାମ କରିବା ସହ ସରକାରୀ ସ୍ଥାନ ରେ ଉକ୍ତ ଚୋରା ମଦ ଦୋକାନ କୁ ଉଚ୍ଛେଦ କରିବାକୁ ଦାବି କରିଥିଲେ । ଏହାପରେ ପ୍ରତାପ ନାୟକ ଅଦାଲତ ଙ୍କ ନିକଟରେ ଉଚ୍ଛେଦ ନକରିବାକୁ ଆବେଦନ କରିବା ପରେ ସ୍ଥାନୀୟ ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ପତି ଘଟଣା ସ୍ଥଳକୁ ମେରାଇନ ପୋଲିସ ସହ ଯାଞ୍ଚ ପାଇଁ ଆସିଥିଲେ । ମାତ୍ର ଯାଞ୍ଚ ସମୟ ରେ ମେରାଇନ ଥାନା ସେହି ନିକଟରେ ଅନ୍ୟ ଏକ ଦୋକାନ ରେ ଚୋରା ମଦ ବିକ୍ରି ହେଉଥିବାର ଦେଖିଥିଲେ ଯେଉଁ ଦୋକାନ ର ମାଲିକ ନରେନ୍ଦ୍ର ବିଶ୍ୱାଳ (୬୫)ଏହାପରେ ମେରାଇନ ଥାନା ଭାରପ୍ରାପ୍ତ ଅଧିକାରୀ ଅଚ୍ୟୁତ ବେହେରା ଙ୍କ ନେତୃତ୍ୱ ରେ ମେରାଇନ ପୋଲିସ ଦ୍ୱାରା ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ନରେନ୍ଦ୍ର ବିଶ୍ୱାଳ ଙ୍କୁ ଗିରଫ କରିଥିଲେ । ଆସ୍କା -୪୦ ଦେଶୀ ମଦ ୩ ଲିଟର ସହ ବିଦେଶୀ ମଦ ୩ ଲିଟର. ୮୪୦ ମିଲି

ଜବତ କରିବା ସହ ଓଡିଶା ଅବକାରୀ ଆଇନ ର ଦଫା ରେ ୩୯/୨୬ ରେ ମାମଲା ରୁଜୁ କରିଛନ୍ତି, ଆଉ ଅଧିକ ତଦନ୍ତ କରିବା ପରେ ଗିରଫ ବ୍ୟକ୍ତି ଙ୍କୁ ଗୋଟେ ଦିନ ପରେ କୋର୍ଟ ଚାଲାଣ କରାଯିବ ବୋଲି ଅସ୍ତରଙ୍ଗ ନୂଆଗଡ ମେରାଇନ ଥାନା ଅଧିକାରୀ ଅଚ୍ୟୁତ ବେହେରା ସୂଚନା ପ୍ରଦାନ କରିଛନ୍ତି ଅନ୍ୟ ପଟେ ସରକାରୀ ସ୍ଥାନ ରେ ବ୍ୟବସାୟ ଅନୁଷ୍ଠାନ କରିଥିବା ଅନ୍ୟ ବ୍ୟକ୍ତି ଙ୍କ ଅନୁଷ୍ଠାନ କୁ ୧୫ ଦିନ ପରେ ଉଚ୍ଛେଦ କରିବାକୁ ସ୍ଥାନୀୟ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ସୂଚନା ଦେଇଛନ୍ତି ।

ଛେଳି ଚରାଇବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଜଣେ ଗୁରୁତର ଆହତ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାନ୍ତ ଅଞ୍ଚଳରେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଆହତ ହୋଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି । ଆହତ ବ୍ୟକ୍ତି ଜଣକ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ପଞ୍ଚାୟତର ସାନପୁରୁଣାପାଣି ଗ୍ରାମର ମଙ୍ଗଲ ଲୋହାର (୪୫) ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ମଙ୍ଗଲ ଲୋହାର

ନିଜ ଗ୍ରାମର ଅନ୍ୟ ଦୁଇଜଣ କୃପେନ୍ଦୁ ଲୋହାର (୩୫) ଓ ରାମଚନ୍ଦ୍ର ହେମ୍ବ୍ରମ (୪୨)ଙ୍କ ସହ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିଲେ । ତେବେ ଦିନ ପ୍ରାୟ ୨ଟା ୩୦ ମିନିଟ୍ ସମୟରେ ହଠାତ୍ ଏକ ଭାଲୁ ସେଠାରେ ପହଞ୍ଚି ମଙ୍ଗଲଙ୍କୁ ଆକ୍ରମଣ କରିଥିଲା । ଭାଲୁର ଆକ୍ରମଣରେ ସେ ଆହତ ହୋଇଥିଲେ । ଏହି ସମୟରେ ତାଙ୍କ ସହ ଥିବା କୃପେନ୍ଦୁ ଲୋହାର ଓ ରାମଚନ୍ଦ୍ର ହେମ୍ବ୍ରମ ମଙ୍ଗଲଙ୍କୁ ଭାଲୁ କବଳରୁ ରକ୍ଷା କରିଥିଲେ । ପରେ ସେମାନେ ଏକ ଅଟୋ ଯୋଗେ ତାଙ୍କୁ ତୁରନ୍ତ ଠାକୁରମୁଣ୍ଡା ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ । ତେବେ ମଙ୍ଗଲଙ୍କ ଶରୀରରେ ଅଧିକ ଆଘାତ ଲାଗିଥିବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଘସିପୁରା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି ।

ଏମ୍ଆର୍‌ପି ଠାରୁ ଅଧିକ ଦାମରେ ମଦ ବିକ୍ରି ଅଭିଯୋଗ ! ଏମ୍ଆର୍‌ପିକୁ ଫୁଁ, ଗ୍ରାହକଙ୍କୁ ନାଲି ଆଖି ! ଉମରକୋଟ ମଦ ଦୋକାନ-୧ କାହା ଛତ୍ରଛାୟାରେ ଚାଲିଛି ମନମାନି ?

ଉମରକୋଟ, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ଉମରକୋଟର ଝରୀଗାଁ ରୋଡ଼ ଠାରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ-୧ ର ମନମାନି ଦିନକୁ ଦିନ ବଢି ଚାଲିଛି । ଏମଆରପି ଦର ଠାରୁ ଅଧିକ ଦରରେ ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି । ଅବକାରୀ ନିୟମକୁ ଉଲ୍ଲଙ୍ଘନ କରି ବିକ୍ରୀ କରାଯାଉଛି ବିଦେଶୀ ମଦ କ୍ଷ ଯାହା ପୁଣି ନିର୍ଦ୍ଧାରିତ ମୂଲ୍ୟ ଠାରୁ ଢେର ଅଧିକ ମୂଲ୍ୟରେ । ପ୍ରତି ୧୮୦ ମିଲି ବୋତଲ ପିଛା ୧୦ ଟଙ୍କା,୩୭୫ ମିଲି ପାଇଁ ୨୦ ଟଙ୍କା ଓ ୭୫୦ ମିଲି ପାଇଁ ୭୦ ରୁ ୮୦ ଟଙ୍କା ଲୁଟୁଛନ୍ତି ଦୋକାନୀ । ନିର୍ଦ୍ଧାରିତ ମୂଲ୍ୟ ଦେବାକୁ କହିଲେ ନାଲି ଆଖିଦେଖେଇ ଦେବାପାଇଁମନା କରୁଛନ୍ତି ମଦ ଓ ବିଲ । ଅବକାରୀ ନିୟମରେ ବିଲ ନେବା ଗ୍ରାହକର ଅଧିକାର ଥିବବେଳେ ବିଲ ନଦେଇ ନାଲି ଆଖି ଦେଖେଇବା କେତେ ଯୁକ୍ତି ଯୁକ୍ତ ତାହାର

ଉପଯୁକ୍ତ ତଦନ୍ତ ହେଲେ ଜଣାପଡ଼ିବ । ନିୟମାନୁସାରେ ଦୋକାନରେ ଲୋକଙ୍କ ଜାଣିବା ପାଇଁ ଏକ ରେଟ ଚାର୍ଟ ପ୍ରସ୍ତୁତ କରି ରଖିବା କଥା କିନ୍ତୁ କେତେକ ଦୋକାନରେ ତାହା ମଧ୍ୟ କରାଯାଉନାହିଁ । ଫଳରେ ଲୋକେ କେତେ ପରିମାଣର ମଦ ରହିଛି ଓ ରେଟ କେତେ ରହିଛି ଜାଣିପାରୁନାହାନ୍ତି । ଅବକାରୀ ବିଭାଗ ସବୁ ଜାଣି ମଧ୍ୟ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି ଏଠି ଖୁଲମ ଖୁଲା ଅବକାରୀ ନିୟମକୁ ଫୁ କରିଦେଉଛନ୍ତି ମଦ ଦୋକାନୀ . ଦୋକାନ ଗୁଡିକ ନେଉଥିବା ଅଧିକ ରେଟ କୋଡିଏ ରୁ ତିରିଶ ଟଙ୍କା କୁ ଯଦି ହିସାବ କୁ ନିଆଯାଏ ତେବେ ଦୈନିକ ଦୋକାନ ପିଛା ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଓ ମାସକୁ ଦେଢ଼ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ଚଢା ଦରରୁ ଲୋକଙ୍କ ଠାରୁ ବେଆଇନ ଭାବେ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି । ଏବଂ ଆଉ ଏକ ଅଭିଯୋଗ ମଧ୍ୟ ରହିଛି କି ଗାଁ ଗହଳିରେ ମଦ ଯୋଗାଣକୁ ନେଇ ଏକ ଗୁରୁତର ଅଭିଯୋଗ ଆସିଛି ଏହି ଠିପି ବନ୍ଦ ବିଦେଶୀ ମଦ ଦୋକାନ-୧ କୁ ନେଇ ମଦ ଦୋକାନରୁ ଗାଁ ଗହଳିରେ ଥିବା କେତେକ ଖୁଚୁରା ବ୍ୟବସାୟୀଙ୍କୁ ବିଦେଶୀ ମଦ ଯୋଗାଇ ଦିଆଯାଉଥିବା ଅଭିଯୋଗ ଆସୁଛି । ଯାହା ଫଳରେ ଗ୍ରାମାଞ୍ଚଳରେ ଅନିୟନ୍ତ୍ରିତ ଭାବେ ମଦ ଉପଲବ୍ଧ ହେବାର ଅଭିଯୋଗ ସାମାଜିକ ଚିନ୍ତାର ବିଷୟ । ବିଶେଷକରି ଯୁବପିଢ଼ି ମଧ୍ୟରେ ମଦ୍ୟପାନର ଅଭ୍ୟାସ ବଢ଼ିଲେ ତାହାର ପ୍ରଭାବ ପରିବାର, ଶିକ୍ଷା, ରୋଜଗାର ଓ ସାମାଜିକ ଜୀବନ ଉପରେ ଏହାର ପ୍ରଭାବ ପଡୁଛି ତେଣୁ ଏଭଳି ଅଭିଯୋଗର ତଦନ୍ତ ସହ ଅବୈଧ ବିକ୍ରି ରୋକିବା ଦିଗରେ ପ୍ରଶାସନର ଦାୟିତ୍ୱ ଅଧିକ ଗୁରୁତ୍ୱପୂର୍ଣ୍ଣ । ତେବେ ଏହି ଅଭିଯୋଗ ଉପରେ ଜିଲ୍ଲା ଅବକାରୀ ବିଭାଗ ଓ ସମ୍ପୃକ୍ତ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ । ରହିଛି . ମଦ ବିକ୍ରିକୁ ନେଇ ଉଠୁଥିବା ଏହି ଅଭିଯୋଗ ଉପରେ ଅବକାରୀ ବିଭାଗ କେବେ ତଦନ୍ତ କରିବ ? ଗ୍ରାହକଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ମଦ ମିଳିବ କେବେ ? ଏବଂ ଗାଁ ଗହଳିକୁ ମଦ ଯୋଗାଣ ଅଭିଯୋଗର ସତ୍ୟତା କେବେ ସାମ୍ନାକୁ ଆସିବ ? ତେବେ ଦେଖିବାକୁ ବାକି ରହିଲା ଖବର ପ୍ରକାଶିତ ହେବା ପରେ ଜ?ିଲ୍ଲା ଅବକାରୀ ବିଭାଗ ନିୟମ ଉଲଂଘନ କରିଙ୍କ ବିରୁଦ୍ଧରେ କେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା ଦେଖିବାକୁ ବାକି ରହିଲା ।

ଗ୍ୟାରେଜ ତାଲାଭାଙ୍ଗି ବୁଲେଟ୍ ଗାଡ଼ି ନେଇଗଲେ ଦୁର୍ବୃତ୍ତ

ଓଡ଼ଗାଁ,(ମହାଭାରତ): ଦିନକୁଦିନ ଚୋରି, ଡକାୟତି ବଢ଼ିବାରେ ଲାଗିଛି ।ଚୋରମାନେ ଚୋରି କରିବାକୁ ବିଭିନ୍ନ ଉପାୟ ଅବଲମ୍ବନ କରୁଥିବାବେଳେ ପୁଲିସ ଏହାର ଟିକେବି ଟେର ନପାଇବା ଚିନ୍ତାର କାରଣ ପାଲଟିଛି ।ଗ୍ୟାରେଜ ତାଲାଭାଙ୍ଗି ଏକ ବୁଲେଟ ମଟର ସାଇକେଲକୁ ଦୁର୍ବୃତ୍ତ ମାନେ ଚୋରିକରି ନେବା ଓଡ଼ଗାଁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।ସୂଚନା ଅନୁଯାୟୀ ଓଡ଼ଗାଁ ସିନେମାହଲ ଛକ ବାସିନ୍ଦା କୈଳାଶ ବାରିକଙ୍କ ପୁଅ ଆଶିତ୍ କୁମାର ବାରିକ୍ ଗତ ରାତିରେ ଖାଇପିଇ ନିଜଘରେ ଶୋଇଥିଲେ । ସକାଳୁଉଠି ଦେଖୁବା ବେଳକୁ ତାଙ୍କ ତଳଘରେ ଥିବା ଗ୍ୟାରେଜର ତାଲା ଭଙ୍ଗାଯାଇଛି ।ଏବଂ ଗ୍ୟାରେଜ ଭିତରେ ଥିବା ବୁଲେଟ ମଟରସାଇକେଲ ଜି.ଟି ୬୫୦ ଏବଂ ନଂ ଓଡ଼ି ୦୨ ଡି.ଏଚ ୩୩୦୭ ଗାଡି ଆଉନାହିଁ ।ସବୁଆଡେ ଖୋଜାଖୋଜି କରିଥିଲେ ମଧ୍ୟ ଗାଡ଼ିର ସନ୍ଧାନ ପାଇନଥିଲେ ।ତେଣୁ ଗାଡିଟିକୁ କୌଣସି ଦୁର୍ବୃତ୍ତ ଚୋରିକରି ନେଇଥିବା ନେଇ ସେ ଓଡ଼ଗାଁ ଆଦର୍ଶ ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି । ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରେ ଦିନକୁଦିନ ମାତ୍ରାଧିକ ବ୍ରାଉନସୁଗାର ଓ ମଦ୍ୟପମାନଙ୍କ ପାଇଁ ଚୋରି ବଢୁଥିବା ବେଳେ ଏଦିଗରେ ପୁଲିସ ପ୍ରଶାସନ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବିକରିଛନ୍ତି ।

ତହସିଲ ୧୫୫ ବସ୍ତା ପଲିଥିନ ଚୋରି ଅଭିଯୋଗ

ହାଟଡିହ(ମହାଭାରତ): କେନ୍ଦୁଝର ଜିଲା ହାଟଡିହୀ ତହସିଲ କାର୍ଯ୍ୟାଳୟରୁ ୧୫୦ଟି ପଲଥିନ୍ ଚୋରି ଘଟଣାର ଦୁଇ ଦିନ ପରେ ଥାନାରେ ଅଭିଯୋଗ ହେବାକୁ ନେଇ ସନ୍ଦେହ ଉପୁଜିଛି ।ମିଳିଥିବା ସୂଚନା ଅନୁସାରେ, ଗତ ଅକ୍ଟୋବର ୨୬ ତାରିଖରେ ଚୋରି ହୋଇଥିବାବେଳେ ୨୮ ତାରିଖ ରାତି ନନ୍ଦିପଦା ଥାନାରେ ଅଭିଯୋଗ ହୋଇଛି । ପୋଲିସ କେସ୍ ନଂ ୩୯୨/୨୦୨୬ ପଞ୍ଜୀକରଣ କରି ଅନୁଧାନ ଆରମ୍ଭ କରିଛି । ତେବେ ଦୁଇ ଦିନର ବିଳମ୍ବରେ ଅଭିଯୋଗ ହେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସବୁଠୁ ବଡ଼ ଆଶ୍ଚର୍ଯ୍ୟ ଏବଂ ପରିତାପର ବିଷୟ ହେଉଛି ତହସିଲର ଷ୍ଟୋର ରୁମ୍‌ର ତାଲା ଭାଙ୍ଗିନାହିଁ । ତାଲା ଅକ୍ଷତ ଥିବା ବେଳେ ଭିତରୁ ପଲିଥିନ ଗାଏବ ହୋଇଛି । ଏହା ବାହାର ଚୋର କାମ ନୁହେଁ, ଭିତର ଲୋକଙ୍କ ହାତ ଅଛି ବୋଲି ସନ୍ଦେହ ପ୍ରକାଶ କରାଯାଉଛି । ଅପରପକ୍ଷେ ଏହି ଚୋରି ପଛରେ ବଡ ଦୁର୍ନୀତି ଲୁଚିଛି । ପଲଥିନ୍‌ଗୁଡ଼ିକୁ ଆଗରୁ ଲୁଚାଣିଆ ଭାବେ ବିକ୍ରି କରି ଦିଆଯାଇଛି । ଏବେ ଯାଞ୍ଚ ଡରରେ ଚୋରିର ନାଟକ କରି ନିଜକୁ ବଞ୍ଚାଇବାକୁ ଥାନାରେ ଏତଲା ଦିଆଯାଇଛି ବୋଲି ଆଲୋଚନାର ମୁଖ୍ୟ ପ୍ରସଙ୍ଗ ସାଜିଛି । ଯଦି ସତରେ ଚୋରି ହୋଇଛି, ତେବେ ୨୬ ତାରିଖରେ ସିସିଟିଭି ଫୁଟେଜ କେଉଁଠି ? ତହସିଲ ପରି ସୁରକ୍ଷିତ ସ୍ଥାନରୁ ବସ୍ତା ବସ୍ତା ପଲଥିନ୍ କିଏ ନେଲା ଆଉ କେହି ଦେଖିଲେ ନାହିଁ କେମିତି ତେବେ ପୋଲିସ ତଦନ୍ତ ନାଁରେ ଲୁଚାଇବ ନା ସତ ସାମ୍ନାକୁ ଆଣିବ, ତାହା ଦେଖିବାକୁ ବାକି ରହିଲା ।ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି, ତହସିଲ ପକ୍ଷରୁ ତୁରନ୍ତ ଅଭିଯୋଗ କରା ନ ଯାଇ ଘଟଣା ଘଟିବାର ୪୮ ଘଣ୍ଟା ପରେ ଅଭିଯୋଗ କରାଯାଇଛି । ନାଜିରଙ୍କ ଅଭିଯୋଗ ଅନୁସାରେ ତାଲା ଭାଙ୍ଗିନି, କିନ୍ତୁ ଜଞ୍ଜିର ହୁଗୁଳା ବା ଢିଲା ଥିବାର ସୁଯୋଗ ନେଇ ଚୋରି ହୋଇଛି । ଯାହାକି ସନ୍ଦେହ ସୃଷ୍ଟି କରୁଛି । ତଦନ୍ତ ଆରମ୍ଭ ହୋଇଛି । ପରେ ସତ୍ୟତା ଧରାପଡ଼ିବ ।ହାଟଡିହୀ ତହସିଲଦାର ସଞ୍ଜୟ ସାମନ୍ତରାୟ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ମୁଁ ଏକ ସରକାରୀ କାର୍ଯ୍ୟରେ ଦୁଇ ଦିନ ହେବ ବାହାରେ ଥିଲି । କିନ୍ତୁ ଚୋରି ହେବା ନେଇ ମତେ କୌଣସି କର୍ମଚାରୀ ଜଣାଇ ନ ଥିଲେ । ଅଫିସରେ ବୁଧବାର ପହଞ୍ଚିବା ପରେ ଘଟଣା ବାବଦରେ ଜାଣିଲି । ତୁରନ୍ତ ନାଜିରଙ୍କୁ ଥାନାରେ ଅଭିଯୋଗ କରିବାକୁ କହିବା ସହ ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡାଙ୍କୁ ଜଣାଇଛି ।ବିଭାଗୀୟ ତଦନ୍ତ ପାଇଁ ଏକ ଟିମ୍ ମଧ୍ୟ ଗଠନ ହୋଇଛି । ତହସିଲରେ ସିସିଟିଭି କ୍ୟାମେରା ନାହିଁ ।

ବିଦ୍ୟୁତ୍ ଆଘାତରେ ରେଳବାଇ ଗେଷ୍ଟ ହାଉସ୍ ରୋଷେୟା ଗୁରୁତର

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ରେଳବାଇ ଷ୍ଟେସନ ପରିସରରେ ଥିବା ଗେଷ୍ଟ ହାଉସ୍‌ରେ ବିଦ୍ୟୁତ୍ ଆଘାତ ଲାଗି ଜଣେ ରୋଷେୟା ଆହତ ହୋଇଛନ୍ତି । ଆହତ ବ୍ୟକ୍ତିଜଣକ ଶ୍ରୀରାମପୁର ଗ୍ରାମର ଲକ୍ଷ୍ମୀଧର ସାହୁ (୪୦) ବୋଲି ଜଣାପଡ଼ିଛି । ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଲକ୍ଷ୍ମୀଧର ଉକ୍ତ ଗେଷ୍ଟ ହାଉସ୍‌ରେ ରୋଷେୟା ଭାବେ କାର୍ଯ୍ୟ କରନ୍ତି । ବିଦ୍ୟୁତ୍ କାଟ୍ ପରେ ପୁନର୍ବାର ବିଦ୍ୟୁତ୍ ସଂଯୋଗ ଆସିବାର କିଛି ସମୟ ପରେ, ସେ ଏକ ବୈଦ୍ୟୁତିକ ପ୍ଲଗ୍ ଲଗାଉଥିବା ବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆହତ ହୋଇଥିଲେ । ତାଙ୍କୁ ସ୍ଥାନୀୟ କର୍ମଚାରୀଙ୍କ ସହାୟତାରେ ଡାକ୍ତରଖାନା ନିଆଯାଇଥିଲା । ବର୍ତ୍ତମାନ ସେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରହିଛନ୍ତି ।

ଦଶପଲ୍ଲା ପୋଲିସ ଦ୍ୱାରା ଅଭିଯୁକ୍ତ ଗିରଫ: କୋର୍ଟ ଚାଲାଣ

ଦଶପଲ୍ଲା,(ମହାଭାରତ):ଦଶପଲ୍ଲା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମରେ ଘଟିଥିବା ଏକ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ କୃଷ୍ଣଚନ୍ଦ୍ରପୁର ପାଟଣା (ଭେଜିପୁଟ) ତୋଟାସାହିର ଛବି ସାହୁ (୨୭) । ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଶରତ ଚନ୍ଦ୍ର ରଥ (୬୮)ଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ ପୋଲିସ ଅଭିଯୁକ୍ତ ଛବି ସାହୁଙ୍କୁ କାବୁ କରି ଦଶପଲ୍ଲା ଜେ.ଏମ୍.ଏଫ୍.ସି କୋର୍ଟରେ ହାଜର କରାଇଥିଲା । ଅଭିଯୁକ୍ତଙ୍କୁ ୧୫ ଦିନିଆ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇବା ଲାଗି ପୋଲିସ ପକ୍ଷରୁ ଅଦାଲତରେ ଅନୁରୋଧ କରାଯାଇଛି ।

କଳିଙ୍ଗା ଘାଟିରେ ପୁଣି ଭୂସ୍ଖଳନ

ଘୁ.ଉଦୟଗିର: ବାତ୍ୟା ଅର୍ଣ୍ଣବ ପ୍ରଭାବରେ କନ୍ଧମାଳ ଜିଲ୍ଲାରେ ଗତ ଦୁଇ ଦିନ ଧରି ଅବିଶ୍ରାନ୍ତ ବର୍ଷା ଲାଗିରହିଛି । ଲଗାଣ ବର୍ଷା ଯୋଗୁଁ କଳିଙ୍ଗା ଘାଟିରେ ପୁଣି ଭୂସ୍ଖଳନ ହୋଇଛି । ଯଦିଓ ପୂର୍ବର ଭୂସ୍ଖଳନ ଯୋଗୁଁ କଳିଙ୍ଗା ଘାଟି ବନ୍ଦ ରହିଥିଲା, ତେବେ ରାସ୍ତା ମରାମତି ହେବା ପୂର୍ବରୁ ପୁଣିଥରେ ଭୂସ୍ଖଳନ ଘଟି ସ୍ଥିତିକୁ ଆହୁରି ଜଟିଳ କରିଛି । କଳିଙ୍ଗା ଘାଟିରେ ଭୂସ୍ଖଳନ ସ୍ଥଳ ଏବଂ ରାସ୍ତା ଅନୁଧ୍ୟାନ କଲେ ଦିଲ୍ଲୀ ଆଇଆଇଟିର ବିଶେଷଜ୍ଞ ଦଳ । ସେପ୍ଟେମ୍ବର ମାସର ଲଗାଣ ବର୍ଷା ଯୋଗୁଁ କଳିଙ୍ଗା ଘାଟିରେ ଭୂସ୍ଖଳନ ଘଟିଥିଲା । ୩୭ ଦିନ ବିତିଯାଇଥିଲେ ମଧ୍ୟ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇପାରିନାହିଁ । ଘାଟି ରାସ୍ତା ଦେଇ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ରହିଛି । ରାସ୍ତା ଖୋଲିବା ନେଇ ଅଞ୍ଚଳବାସୀ ଆଶା ରଖିଥିବା ବେଳେ ବାତ୍ୟା ଅର୍ଣ୍ଣବ ପୁଣି ଘାଟିରେ ଭୁସ୍ଖଳନ ଯୋଗୁଁ ଘାଟି ରାସ୍ତା ଖୋଲିବା ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି ।

ଉପରମୁଣ୍ଡରେ ଲଗାଣ ବର୍ଷା

ଚାଷୀଙ୍କୁ ଶକ୍ତ ଆଘାତ,ପାଣିରେ ପଡ଼ିଛି ହେକ୍ଟର ହେକ୍ଟର ଧାନ ଫସଲ

ଓଡ଼ଗାଁ,(ମହାଭାରତ):ଅଦିନିଆ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଓଡ଼ଗାଁରେ ୪୬.୮ ମିଲିଲିଟର ବର୍ଷାରେକର୍ଡ଼ କରାଯାଇଛି ।ଲଗାଣ ବର୍ଷା ଯୋଗୁ ଶହଶହ ହେକ୍ଟର ଧାନ ଫସଲ ପାଣିରେ ପଡ଼ିଛି ।ଧାନ କ୍ଷତି ଯୋଗୁ ଚାଷୀଙ୍କୁ ଶକ୍ତ ଆଘାତ ଲାଗିଛି ତାହାନୁହଁ ବର୍ଷକର ପରିଶ୍ରମ ବୃଥା ହେଲାବୋଲି ଚାଷୀମାନେ ଉଦବେଗ ପ୍ରକାଶ କରିଛନ୍ତି ।୩ଦିନ ଧରି ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଓଡ଼ଗାଁ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି ।ତୁହାକୁତୁହା ବର୍ଷା, ପବନଯୋଗୁ ଧାନଫସଲ ଜମିରେ ପଡ଼ିଯାଇଛି ।୨୭ ତାରିଖ ଦିନ ସ୍ୱଳ୍ପ ବର୍ଷା ହୋଇଥିବା ବେଳେ ୨୮ ତାରିଖ ଦିନ ତମାମ ମୂଶଳ ଧାରାରେ ବର୍ଷା ଲାଗି ରହିଛି ।ଏବଂ ୨୯ ତାରିଖ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବର୍ଷା ଲାଗିରହିଛି । ସବୁ ଧାନଜମି ଜଳମଗ୍ନ ହୋଇଯାଇଛି । ଓଡ଼ଗାଁର ୩୬ ଗୋଟି ପଞ୍ଚାୟତରେ ବର୍ଷା ଅନୁଭୂତ ହୋଇ ଧାନ ଫସଲ କ୍ଷୟକ୍ଷତି ହୋଇଛି । ଧାନ ସହିତ କୋବି,ବାଇଗଣ,ଟମାଟୋ, ଭେଣ୍ଡି,ମକ୍କା ଆଦି ଶସ୍ୟଜାତୀୟ ଫସଲ ନଷ୍ଟ ହୋଇଥିବାବେଳେ ମୁଗ, ବିରି,କୋଳଥ,ବାଦାମ ଆଦି ଡ଼ାଲିଜାତୀୟ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି । ବିଶେଷ କରି ସୁନାମୁହଁ, ରୋହିବାଙ୍କ, କୋମଣ୍ଡ,କୁରାଳ, ଗିରିଡ଼ିପଲ୍ଲୀ, ବ । ଶ ପ ୁ ର , ଗୋଡ଼ପୁଟ, ଶରଣକୁଳ, ଶିଖରପୁର, ପଞ୍ଚୁମୁ, କଜଳାଇପଲ୍ଲୀ, ଡ଼ିମିଶର, ହରିହରପୁର,ମଗରବନ୍ଧ ପଞ୍ଚାୟତ ଗୁଡ଼ିକ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି ।ସେହିପରି ପନ୍ତିଖାରୀ ପଞ୍ଚାୟତ ମଶାବାରୀ ଗ୍ରାମର ପ୍ରକାଶ ମହାନ୍ତିଙ୍କ ୧ ଏକର କୋବି,ଲକ୍ଷ୍ମୀଧର ସ୍ୱାଇଁ ୨ମାଣ ଫୁଲକୋବି,ନକୁଳ ବାରିକ ଓ ଚନ୍ଦ୍ରମଣୀ ବିଶୋଇଙ୍କର ୧ଏକର ଧାନ, ରବିନ୍ଦ୍ର ବିଶୋଇ ଦେଢଏକର ଧାନ, କୃପାସିନ୍ଧୁ ବାରିକ,ସୁରିଆ ମହାନ୍ତିଙ୍କ ଧାନଫସଲ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି ।ଧାନ ଫୁଲଦେଇ ଧୋଡ଼ ବାହାରିବା ସମୟକୁ ବର୍ଷା ପବନ ମାଡ଼ହୋଇ ଧାନ ସବୁତଳେ ପଡି ରହିଛି ।ସେହିପରି ଲଗାଣ ବର୍ଷା ଯୋଗୁ କୋବି ଓ ଅନ୍ୟାନ୍ୟ ଫସଲ ସବୁ ଉଜୁଡ଼ି ଯିବାରୁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି ।ଚାଷୀ ଜିବୀକା ନିର୍ବାହ ପାଇଁ ଚାଷର ସାହାରାନେଇ ଫସଲ କରୁଥିବାବେଳେ ବାତ୍ୟା ସେମାନଙ୍କ ପାଇଁ କାଳ ସାଜୁଛି ।ଚାଷ ଜମିରୁ ଧାନ ଉଠାଇବାକୁ ଚାଷୀ ଆପ୍ରାଣ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି ।ଏପଟେ କୃଷିବିଭାଗ ପକ୍ଷରୁ ଚାଷୀମାନଙ୍କ କ୍ଷୟକ୍ଷତି ଆକଳନ କରୁଛି ।କେଉଁ ପଞ୍ଚାୟତରେ କେତେ ଚାଷୀଙ୍କ ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଛି ତାହାର ତଥ୍ୟ ସଂଗ୍ରହ ହେଉଛି । ରାଜସ୍ୱ ବିଭାଗ କର୍ମଚାରୀ ଓ କୃଷି କର୍ମଚାରୀମାନେ ଗାଁକୁଗାଁ ବୁଲି ତଥ୍ୟ ସଂଗ୍ରହ କରିବେ ଓ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡ଼ିଛି ।ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀ ମହଲରେ ଦାବି ହେଉଛି ।ଘଟଣାରେ ଓଡ଼ଗାଁ କୃଷି ଅଧିକାରୀ ପ୍ରତିଭା ପ୍ରଧାନ ଚାଷୀମାନଙ୍କ କ୍ଷତକ୍ଷତିର ସର୍ଭେ ଚାଲିଥିବା ପ୍ରକାଶ କରିଛନ୍ତି ।

ମହାବାତ୍ୟାର ୨୭ବର୍ଷ ପରେ ମାଟି ସ୍ମୃତି ମଣ୍ଡପରେ ଶ୍ରଦ୍ଧାଞ୍ଜଳି ଦେଲେ ଗ୍ରାମବାସୀ

ଏରସମା (ମହାଭାରତ): ଏରସମା ବ୍ଲକ୍ ଗଡ ବିଶୁନ ପୁର ପଞ୍ଚାୟତ ର ନଳ ଭେଡି ଗ୍ରାମରେ ମହାବାତ୍ୟା ର ୨୭ବର୍ଷ ପରେ ମଧ୍ୟ ମହାବାତ୍ୟା ରେ ଭାସି ଯାଇ ଥିବା ମୃତକ ମାନଙ୍କୁ ମାଟି ସ୍ମୃତି ମଣ୍ଡପ ରେ ଗ୍ରାମବାସୀ ମାନେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ମହାବାତ୍ୟା ପୂର୍ବରୁ ଗ୍ରାମ ରେ ୬ଶହ ଲୋକ ଙ୍କ ଭିତରୁ ମହାବାତ୍ୟା ରେ ଗାଁ ରୁ ୩୪୦ଲୋକ ଭାସି ଯାଇଥିଲେ ଏହା ସହିତ ୧୨ପରିବାର ସମ୍ପୂର୍ଣ୍ଣ ଭାସି ଯାଇଥିଲେ ।ଆଜି ସକାଳୁ ମହା ବାତ୍ୟା ସ୍ମୃତି କମିଟି ପକ୍ଷ ରୁ ନାମ ସଙ୍କୀର୍ତ୍ତନ ମାଧ୍ୟମ ରେ ଗାଁ ପରିକ୍ରମା କରାଯାଇଥିଲା ପରେ ମୃତକ ଙ୍କ ସ୍ମୃତି ଉଦ୍ୟସ ରେ ମାଟି ରେ ତିଆରି ସ୍ମୃତି ମଣ୍ଡପ ରେ ଗ୍ରାମବାସୀ ଓ ଅତିଥି ମାନେ ଶ୍ରଦ୍ଧାଞ୍ଜଳି ଦେଇଥିଲେକ୍ଷ ମୃତକ ମାନଙ୍କ ଆତ୍ମା ର ସଦ ଗତି ନିମନ୍ତେ ସଭା ଆରଂଭ ରୁ ଏକ ମିନିଟ ନୀରବ ପ୍ରାର୍ଥନା ହୋଇଥିଲା । ଏହି ଅବସରରେ ସାମ୍ବାଦିକ ସ୍ମୃତି ରଞ୍ଜନ ମହାନ୍ତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସ୍ମୃତି ଚା ରଣ ସଭା ରେ ବାମପନ୍ଥୀ ନେତା ଦେବାଶିଷ ପରିଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପା କୃତିକ୍ ବିପଦ ବେଳେ ସମସ୍ତେ ଏକାଠି ହୋଇ ବିପଦ କୁ ମୁକାବିଲା କରିବା ଉଚିତ ବୋଲି କହିଥିଲେ । ଅନ୍ୟ ତମ ଅତିଥି ଭାବରେ ସମାଜ ସେବୀ ଦୀପ୍ତି ରଞ୍ଜନ ଗୁରୁ, ମା ନସ ସ୍ୱାଇଁ, କାମଦେବ ପ୍ରଧାନ , ଅରୁଣ କୁମାର ବେହେରା ପ୍ରମୁଖ ଯୋଗ ଦେଇ ବାତ୍ୟା ମୁକାବିଲା ପାଇଁ ଗ୍ରାମବାସୀ ମାନେ ଗଛ ଲଗାଇବା ଉଚିତ୍ ବୋଲି କହିଥିଲେ । ପ୍ରତାପ ସ୍ୱାଇଁ,ବିଭୁପ୍ରସାଦ ସାହାଣୀ, ଗ୍ରାମ୍ୟ ମୁରବୀ ରଞ୍ଜିତ ଭୌମିକ ପ୍ରମୁଖ ଗତ ମହା ବାତ୍ୟା ର ଦୁଃଖ ବିଷୟ ରେ ଆଲୋଚନା କରିଥଲେ । ଏବେ ମଧ୍ୟ ନଳ ଭେଡି ଗ୍ରାମ ରେ ବାତ୍ୟା ଆଶ୍ରୟ ସ୍ଥଳୀ ଟିଏ ନାହିଁ ବାରଂବାର ଗ୍ରାମ ବାସୀ ମାନେ ଦାବୀ କଲେ ସୁଦ୍ଧା ବାତ୍ୟା ଆଶ୍ରୟ ସ୍ଥଳୀ ଟିଏ ହୋଇପାରୁନାହିଁ । ତୁରନ୍ତ ବାତ୍ୟା ଆଶ୍ରୟ ନିର୍ମାଣ ପାଇଁ ପ୍ରଶାସନ ପାଖରେ ଦାବୀ କରିଥଲେ ।ଅନ୍ୟ ମାନଙ୍କ ଭିତରେ ଭିତରେ ଅଶୋକ ମଣ୍ଡଳ, ଚନ୍ଦନ କରଣ,ଧଞ୍ଜୟ ପାତ୍ର ଚିତ ରଞ୍ଜନ ମାଇଟୀ, ରଞ୍ଜନ ମାଇତୀ , ସୁବାସ ଦାସ , ପ୍ରତିମା ଭୌମିକ, ଭାରତୀ ଦାସ ପ୍ରମୁଖ ସମସ୍ତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

ଏମ୍ଆରପିଠାରୁ ଅଧିକ ଦାମରେ ମଦ ବିକ୍ରି ଅଭିଯୋଗ !

ଉମରକୋଟ (ମହାଭାରତ) ନବରଙ୍ଗପୁର ଜିଲ୍ଲା ଉମରକୋଟର ଝରୀଗାଁ ରୋଡ଼ ଠାରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ-୧ ର ମନମାନି ଦିନକୁ ଦିନ ବଢି ଚାଲିଛି । ଏମଆରପି ଦର ଠାରୁ ଅଧିକ ଦରରେ ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି । ଅବକାରୀ ନିୟମକୁ ଉଲ୍ଲଂଘନ କରି ବିକ୍ରୀ କରାଯାଉଛି ବିଦେଶୀ ମଦ । ଯାହା ପୁଣି ନିର୍ଦ୍ଧାରିତ ମୂଲ୍ୟ ଠାରୁ ଢେର ଅଧିକ ମୂଲ୍ୟରେ । ପ୍ରତି ୧୮୦ ମିଲି ବୋତଲ ପିଛା ୧୦ ଟଙ୍କା,୩୭୫ ମିଲି ପାଇଁ ୨୦ ଟଙ୍କା ଓ ୭୫୦ ମିଲି ପାଇଁ ୭୦ ରୁ ୮୦ ଟଙ୍କା ଲୁଟୁଛନ୍ତି ଦୋକାନୀ । ନିର୍ଦ୍ଧାରିତ ମୂଲ୍ୟ ଦେବାକୁ କହିଲେ ନାଲି ଆଖି ଦେଖେଇ ଦେବାପାଇଁ ମନା କରୁଛନ୍ତି ମଦ ଓ ବିଲ । ଅବକାରୀ ନିୟମରେ ବିଲ ନେବା ଗ୍ରାହକର ଅଧିକାର ଥିବବେଳେ ବିଲ ନଦେଇ ନାଲି ଆଖି ଦେଖେଇବା କେତେ ଯୁକ୍ତି ଯୁକ୍ତ ତାହାର ଉପଯୁକ୍ତ ତଦନ୍ତ ହେଲେ ଜଣାପଡ଼ିବ । ନିୟମାନୁସାରେ ଦୋକାନରେ ଲୋକଙ୍କ ଜାଣିବା ପାଇଁ ଏକ ରେଟ ଚାର୍ଟ ପ୍ରସ୍ତୁତ କରି ରଖିବା କଥା କିନ୍ତୁ କେତେକ ଦୋକାନରେ ତାହା ମଧ୍ୟ କରାଯାଉନାହିଁ । ଫଳରେ ଲୋକେ କେତେ ପରିମାଣର ମଦ ରହିଛି ଓ ରେଟ କେତେ ରହିଛି ଜାଣିପାରୁନାହାନ୍ତି । ଅବକାରୀ ବିଭାଗ ସବୁ ଜାଣି ମଧ୍ୟ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି ଏଠି ଖୁଲମ ଖୁଲା ଅବକାରୀ ନିୟମକୁ ଫୁଁ କରିଦେଉଛନ୍ତି ମଦ ଦୋକାନୀ । ଦୋକାନ ଗୁଡିକ ନେଉଥିବା ଅଧିକ ରେଟ କୋଡିଏ ରୁ ତିରିଶ ଟଙ୍କା କୁ ଯଦି ହିସାବ କୁ ନିଆଯାଏ ତେବେ ଦୈନିକ ଦୋକାନ ପିଛା ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଓ ମାସକୁ ଦେଢ଼ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ଚଢା ଦରରୁ ଲୋକଙ୍କ ଠାରୁ ବେଆଇନ ଭାବେ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି । ଏବଂ ଆଉ ଏକ ଅଭିଯୋଗ ମଧ୍ୟ ରହିଛି କି ଗାଁ ଗହଳିରେ ମଦ ଯୋଗାଣକୁ ନେଇ ଏକ ଗୁରୁତର ଅଭିଯୋଗ ଆସିଛି ଏହି ଠିପି ବନ୍ଦ ବିଦେଶୀ ମଦ ଦୋକାନ-୧ କୁ ନେଇ ମଦ ଦୋକାନରୁ ଗାଁ ଗହଳିରେ ଥିବା କେତେକ ଖୁଚୁରା ବ୍ୟବସାୟୀଙ୍କୁ ବିଦେଶୀ ମଦ ଯୋଗାଇ ଦିଆଯାଉଥିବା ଅଭିଯୋଗ ଆସୁଛି । ଯାହା ଫଳରେ ଗ୍ରାମାଞ୍ଚଳରେ ଅନିୟନ୍ତ୍ରିତ ଭାବେ ମଦ ଉପଲବ୍ଧ ହେବାର ଅଭିଯୋଗ ସାମାଜିକ ଚିନ୍ତାର ବିଷୟ । ବିଶେଷକରି ଯୁବପିଢ଼ି ମଧ୍ୟରେ ମଦ୍ୟପାନର ଅଭ୍ୟାସ ବଢ଼ିଲେ ତାହାର ପ୍ରଭାବ ପରିବାର, ଶିକ୍ଷା, ରୋଜଗାର ଓ ସାମାଜିକ ଜୀବନ ଉପରେ ଏହାର ପ୍ରଭାବ ପଡୁଛି ତେଣୁ ଏଭଳି ଅଭିଯୋଗର ତଦନ୍ତ ସହ ଅବୈଧ ବିକ୍ରି ରୋକିବା ଦିଗରେ ପ୍ରଶାସନର ଦାୟିତ୍ୱ ଅଧିକ ଗୁରୁତ୍ୱପୂର୍ଣ୍ଣ । ତେବେ ଏହି ଅଭିଯୋଗ ଉପରେ ଜିଲ୍ଲା ଅବକାରୀ ବିଭାଗ ଓ ସମ୍ପୃକ୍ତ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ ରହିଛି । ମଦ ବିକ୍ରିକୁ ନେଇ ଉଠୁଥିବା ଏହି ଅଭିଯୋଗ ଉପରେ ଅବକାରୀ ବିଭାଗ କେବେ ତଦନ୍ତ କରିବ ? ଗ୍ରାହକଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ମଦ ମିଳିବ କେବେ ? ଏବଂ ଗାଁ ଗହଳିକୁ ମଦ ଯୋଗାଣ ଅଭିଯୋଗର ସତ୍ୟତା କେବେ ସାମ୍ନାକୁ ଆସିବ ? ତେବେ ଦେଖିବାକୁ ବାକି ରହିଲା ଖବର ପ୍ରକାଶିତ ହେବା ପରେ ଜିଲ୍ଲା ଅବକାରୀ ବିଭାଗ ନିୟମ ଉଲଂଘନ କରିଙ୍କ ବିରୁଦ୍ଧରେ କେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା ଦେଖିବାକୁ ବାକି ରହିଲା

କୋଡ଼ିଏ ଘଣ୍ଟା ପଡ଼ି ରହିଲା ଜାତି ବାସନ୍ଦ ଥିବା ବ୍ୟକ୍ତିଙ୍କ ଶବ
ଶେଷରେ ଚାରି କାନ୍ଧ ଦେଇ ସସମ୍ମାନେ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

ପାଟଣାଗଡ଼ (ମହାଭାରତ) ମଣିଷ ଚନ୍ଦ୍ରପୃଷ୍ଠରେ ପହଞ୍ଚିଲାଣି, ଦୁନିଆ ଡିଜିଟାଲ ଯୁଗରେ ଆଗେଇ ଚାଲିଛି । ହେଲେ ଆଜି ବି ସମାଜରୁ ଜାତିପ୍ରଥା, ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର ହୋଇପାରିନାହିଁ । ଏହାର ଏକ ହୃଦୟବିଦାରକ ଉଦାହରଣ ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକର ଯୁବା ପଞ୍ଚାୟତ ଅନ୍ତର୍ଗତ ଖଲିପଥର ଗାଁରେ ଦେଖିବାକୁ ମିଳିଛି । ଅନ୍ୟ ଜାତିର ମହିଳାଙ୍କୁ ବିବାହ କରିଥିବାରୁ ଜାତି ବାସନ୍ଦର ଶିକାର ହୋଇଥିବା ଗଜାଧର ବାଗଙ୍କ ମୃତ୍ୟୁ ପରେ ତାଙ୍କ ଶବ ପ୍ରାୟ ୨୦ ଘଣ୍ଟା ଧରି ପଡ଼ି ରହିଥିଲା । ଶେଷରେ ପାଟଣାଗଡ଼ ଅଞ୍ଚଳର କିଛି ସ୍ୱେଚ୍ଛାସେବୀ ଆଗକୁ ଆସି ସସମ୍ମାନେ ତାଙ୍କ ଶବ ସତ୍କାର କରିଥିଲେ ।ସୂଚନା ଅନୁଯାୟୀ, ଗତ ୨୮ ଅକ୍ଟୋବର ୨୦୨୬ ତାରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ଖଲିପଥର ଗାଁର ଗଜାଧର ବାଗଙ୍କ ମୃତ୍ୟୁ ହୋଇଥିଲା । ସେ ଅନ୍ୟ ଜାତିର ମହିଳାଙ୍କୁ ବିବାହ କରିଥିବାରୁ ତାଙ୍କ ମୃତ୍ୟୁ ପରେ ଜାତିଭାଇ, ସମ୍ପର୍କୀୟ କିମ୍ବା ଗାଁର ଅନ୍ୟ କୌଣସି ବ୍ୟକ୍ତି ଶବ ସତ୍କାର ପାଇଁ ଆଗକୁ ଆସିନଥିବା ଅଭିଯୋଗ ହୋଇଛି ।ଗଜାଧରଙ୍କ ତିନି ପୁଅ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଇଥିଲେ । ବାପାଙ୍କ ଅସୁସ୍ଥତା ଖବର ପାଇ ବଡ଼ ପୁଅ ଗାଁକୁ ଫେରି ତାଙ୍କ ଚିକିତ୍ସା କରାଉଥିଲେ । ହେଲେ ବାପାଙ୍କ ମୃତ୍ୟୁ ପରେ ଏକାକୀ ଶବ ସତ୍କାର କିପରି କରିବେ, ସେହି ଚିନ୍ତାରେ ପଡ଼ିଯାଇଥିଲେ ବଡ଼ ପୁଅ । ଫଳରେ ଦୀର୍ଘ ପ୍ରାୟ ୨୦ ଘଣ୍ଟା ଧରି ଶବ ପଡ଼ି ରହିଥିଲା ।ଏହି ଘଟଣା ସମ୍ପର୍କରେ ଖବର ପାଇ ଗୁରୁବାର ସକାଳେ ପାଟଣାଗଡ଼ ଅଞ୍ଚଳର କିଛି ସ୍ୱେଚ୍ଛାସେବୀ ଗଜାଧରଙ୍କ ଘରେ ପହଞ୍ଚିଥିଲେ । ମାନବିକତାର ପରିଚୟ ଦେଇ ସେମାନେ ମୃତକଙ୍କ ଶବକୁ ଚାରି କାନ୍ଧ ଦେଇ ପ୍ରାୟ ଦୁଇ କିଲୋମିଟର ଦୂରରେ ଥିବା ପୈତୃକ ଜମିକୁ ନେଇ ସସମ୍ମାନେ ଶବ ସତ୍କାର କରିଥିଲେ ।ଏହି ମହତ କାର୍ଯ୍ୟରେ ସମାଜସେବୀ ଗିରିରାଜ ଭୋଇ, କନକ ଟିଭିର ସାମ୍ବାଦିକ ପ୍ରବୀଣ ପୁରୋହିତ, ନିରୋଜ ଡି. ପଟେଲ, ରଘୁନାଥ ରଣା ଓ ଦିଲ୍ଲୀପ କୁମୁରା ସାମିଲ ହୋଇଥିଲେ । ସ୍ୱେଚ୍ଛାସେବୀମାନେ କହିଛନ୍ତି ଯେ, ମଣିଷ ବଞ୍ଚିଥିବା ସମୟରେ ମତଭେଦ ଓ ବିବାଦ ହୋଇପାରେ । କିନ୍ତୁ ମୃତ୍ୟୁ ପରେ ମଧ୍ୟ ଜାତିଭେଦ ଓ ଅହଂକାର ଆଧାରରେ ଜଣେ ବ୍ୟକ୍ତିଙ୍କ ଶବକୁ ଅସମ୍ମାନ କରିବା କେତେଦୂର ଯୁକ୍ତିଯୁକ୍ତ ? ମାନବିକତାଠାରୁ ଜାତିପ୍ରଥା ବଡ଼ ହୋଇପାରିବ ନାହିଁ । ଏଭଳି ଘଟଣା ସମାଜ ପାଇଁ ଏକ କଳଙ୍କ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ, ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ବର୍ଷା ଓ ପବନ ଲାଗି ରହିଥିବା ସତ୍ତ୍ୱେ ସ୍ୱେଚ୍ଛାସେବୀମାନେ ନିଜ କର୍ତ୍ତବ୍ୟରୁ ପଛଘୁଞ୍ଚା ଦେଇନଥିଲେ । ସେମାନଙ୍କ ଏହି ମାନବିକ ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରୁଛନ୍ତି । ଜାତି, ଧର୍ମ ଓ ସାମାଜିକ ଭେଦଭାବଠାରୁ ଉପରେ ମାନବିକତା ଓ ସମ୍ମାନ ଯେ ସବୁଠାରୁ ବଡ଼, ଏହି ଘଟଣା ପୁଣିଥରେ ତାହା ପ୍ରମାଣିତ କରିଛି ।

ଦଶପଲ୍ଲା ରେଳ ଷ୍ଟେସନରେ ଅବୈଜ୍ଞାନିକ ରାମ୍ପ ନିର୍ମାଣ

ଦିବ୍ୟାଙ୍ଗଙ୍କ ସୁବିଧା ବଦଳରେ ବଢ଼ିଲା ବିପଦ, ଅସନ୍ତୋଷ ତୀବ୍ର

ଦଶପଲ୍ଲା,(ମହାଭାରତ):ପୂର୍ବତଟ ରେଳପଥ ଅନ୍ତର୍ଗତ ଦଶପଲ୍ଲା ରେଳ ଷ୍ଟେସନରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ସୁଗମ ଯାତାୟାତ ନିମନ୍ତେ ନିର୍ମାଣ ଚାଲିଥିବା ରାମ୍ପ (ଚଲାପଥ) ଏବେ ତୀବ୍ର ବିବାଦ ଘେରକୁ ଟାଣି ହୋଇଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ଚାଲିଥିବା ଏହି ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ଷ୍ଟେସନର ମୁଖ୍ୟ ପ୍ରବେଶ ପଥ ସଂକୀର୍ଣ୍ଣ ହୋଇପଡ଼ିଥିବା ବେଳେ ସାଧାରଣ ଯାତ୍ରୀଙ୍କ ଗମନାଗମନରେ ଘୋର ବ୍ୟାହତ ସୃଷ୍ଟି ହୋଇଛି । ସୁବିଧା ପରିବର୍ତ୍ତେ ଏହି ନିର୍ମାଣ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗ ଅନୁସାରେ, ନିର୍ମାଣାଧୀନ ରାମ୍ପଟିକୁ ଅତ୍ୟନ୍ତ ଅବୈଜ୍ଞାନିକ ତଥା ଅଙ୍କାବଙ୍କା ଭାବେ ତିଆରି କରାଯାଉଛି । ଫଳରେ ଜଣେ ଦୃଷ୍ଟିବାଧିତ କିମ୍ବା ହୁଇଲ୍‌ଚେୟାର ଆଶ୍ରିତ ଭିନ୍ନକ୍ଷମ ଯାତ୍ରୀ ଏହା ଦେଇ ଷ୍ଟେସନ ଭିତରକୁ ପ୍ରବେଶ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଏ ସମ୍ପର୍କରେ ଡିଜାବୁଲ୍ ରିଲିଫ୍ ଅର୍ଗାନାଇଜେସନ୍‌ର ସମ୍ପାଦକ ତଥା ଦିବ୍ୟାଙ୍ଗ କର୍ମୀ ଲକ୍ଷ୍ମୀଧର ବେହେରା ନିଜ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, 'ରେଳ ବିଭାଗ ଦିବ୍ୟାଙ୍ଗଙ୍କ ସୁବିଧା ନାଁରେ କେବଳ ଅର୍ଥ ବରବାଦ କରୁଛି । ରାମ୍ପର ଗଠନ ଏତେ ଜଟିଳ ଓ ବିପଜ୍ଜନକ ଯେ ଏହାକୁ ବ୍ୟବହାର କରି ଜଣେ ଭିନ୍ନକ୍ଷମ ସୁରକ୍ଷିତ ଭାବେ ଯିବା କାଠିକର ପାଠ ।' ସେହିପରି ନିର୍ମାଣ କାର୍ଯ୍ୟର ମାନ ଅତ୍ୟନ୍ତ ନିମ୍ନ ଧରଣର ହୋଇଥିବାରୁ ଆଗାମୀ ବର୍ଷା ଦିନରେ ଏହା ଦବିଯିବା ସହ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବାର ଆଶଙ୍କା ଉପୁଜିଛି । ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ବୈଷୟିକ ଜ୍ଞାନର ଅଭାବ ଯୋଗୁଁ ଏଭଳି ହାସ୍ୟାସ୍ପଦ ନିର୍ମାଣ ହୋଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି । ଏହି ରାମ୍ପ ଦେଇ ଜଣେ ସୁସ୍ଥ ବ୍ୟକ୍ତି ଗଲେ ମଧ୍ୟ ଦୁର୍ଘଟଣାର ଶିକାର ହୋଇ ଫେରିବେ ବୋଲି ସ୍ଥାନୀୟ ଲୋକେ କଟାକ୍ଷ କରିଛନ୍ତି । କେବଳ ସରକାରୀ ରାଜକୋଷ ଲୁଟ୍ ନୁହେଁ, ବରଂ ଯାତ୍ରୀଙ୍କ ଜୀବନ ସହ ଖେଳ ଖେଳାଯାଉଥିବାରୁ ରେଳ ପ୍ରଶାସନ ଉପରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି । ପୂର୍ବତଟ ରେଳବାଇର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହିତ ରାମ୍ପର ଢାଞ୍ଚାରେ ସଂଶୋଧନ ଆଣି ସୁରକ୍ଷିତ ନିର୍ମାଣ କରିବାକୁ ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି ।

ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ

ବାଣ ବ୍ୟାନ୍ ସପକ୍ଷରେ ନାହାନ୍ତି ସୁପ୍ରିମକୋର୍ଟ

ବିରାଟ କୋହଲିଙ୍କ ଭଳି ଲୋକପ୍ରିୟ ହସ୍ତୀଙ୍କ ସହାୟତା ନିଅ



ନୂଆଦିଲ୍ଲୀ,୨୯।୧୦: ଦିଲ୍ଲୀ-ଘଉଜରେ ପ୍ରଦୂଷଣକୁ ନେଇ ପୁଣି ଚିନ୍ତା ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ତେବେ ପାର୍ବଣ ସମୟରେ ବାଣ ଫୁଟାଇବା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲଗାଇବା ସପକ୍ଷରେ ନାହାନ୍ତି ବୋଲି କୋର୍ଟ କହିଛନ୍ତି। ଏହା ସହ ଏକ ସନ୍ତୁଳିତ ନିର୍ଦ୍ଦେଶ ଜାରି କରାଯିବ ବୋଲି ମଧ ସ୍ପଷ୍ଟ କରିଛନ୍ତି। କୋର୍ଟଙ୍କ କହିବା ଅନୁସାରେ, ପାର୍ବଣ ସମୟରେ ଲୋକଙ୍କ ଉତ୍ସାହକୁ ବାଧା ଦେବାକୁ ଚାହୁଁନାହାନ୍ତି। କିନ୍ତୁ ନିୟମ ଉଲ୍ଲଂଘନ କରି ବାଣ ବିକ୍ରି କରୁଥିବା ଲୋକଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବା ଆବଶ୍ୟକ। ବାଣ ଫୁଟାଇବା ଦ୍ୱାରା ହେଉଥିବା ପ୍ରଦୂଷଣ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ବିରାଟ କୋହଲିଙ୍କ ଭଳି ଲୋକପ୍ରିୟ ହସ୍ତୀଙ୍କ ସହାୟତା ନେବାକୁ ମଧ କୋର୍ଟ ପରାମର୍ଶ ଦେଇଛନ୍ତି। ପ୍ରତିବର୍ଷ ବାଣ ଓ ପ୍ରଦୂଷଣକୁ ନେଇ ନିର୍ଦ୍ଦେଶ ଜାରି କରିବାକୁ ପଡୁଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି।

କୋର୍ଟଙ୍କ ମତରେ, ଆଦେଶ ପାଳନ କମ୍ ହେଉଥିବା ବେଳେ ଉଲ୍ଲଂଘନ ଅଧିକ ହେଉଛି। କେବଳ ନିଷେଧାଦେଶ ଲଗାଇଦେଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଉଚ୍ଚସ୍ତରରେ ଯୋଜନାବଦ୍ଧ ପଦକ୍ଷେପ ନେବା ଜରୁରୀ ବୋଲି କୋର୍ଟ କହିଛନ୍ତି। ଶୁଣାଣି ସମୟରେ ଦିଲ୍ଲୀ ସରକାର କହିଛନ୍ତି ଯେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାର ଗମ୍ଭୀର ଅଛନ୍ତି। ଏଥିପାଇଁ ବାହାର ରାଜ୍ୟର ବିଏସ-୬ ଯାନବାହନ ଉପରେ କଟକଣା, ସରକାରୀ କାର୍ଯ୍ୟାଳୟର ସମୟ ପରିବର୍ତ୍ତନ ଏବଂ ସ୍ମଗ୍ ଗନ୍ ବ୍ୟବହାର ଭଳି ପଦକ୍ଷେପ ନେବାକୁ ବିଚାର କରାଯାଉଛି। କୋର୍ଟଙ୍କୁ ସହାୟତା କରୁଥିବା ଆମିକସ୍ କ୍ୟୁରି କହିଛନ୍ତି ଯେ ବାଣ ଫୁଟାଇବା ଦ୍ୱାରା ବହୁ ପରିମାଣରେ କ୍ଷୁଦ୍ର କଣିକା ବାହାରିଥାଏ। ପିଏମ୍ ୨.୫ ଭଳି ସୂକ୍ଷ୍ମ କଣିକା ଶ୍ୱାସକ୍ରିୟା ମାଧ୍ୟମରେ ଫୁସଫୁସରେ ପହଞ୍ଚିବା ସହ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରିପାରେ।

ଜ୍ଞାନେଶ କୁମାରଙ୍କୁ ବହିଷ୍କାର ଦାବି

ଖଡ୍‌ଗେଙ୍କ ବାସଭବନରେ 'ଗଣ ମହାଭିଯୋଗ' କାର୍ଯ୍ୟକ୍ରମ

୧ ରେ ଦିଲ୍ଲୀ ରାମଲୀଳା ମୈଦାନରେ ବିଶାଳ ରାଲି

ନୂଆଦିଲ୍ଲୀ,୨୯।୧୦: ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଯୋଜନା କରୁଛି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ। ନଭେମ୍ବର ୧ ତାରିଖରେ ଦିଲ୍ଲୀର ରାମଲୀଳା ମୈଦାନରେ ହେବାକୁ ଥିବା ବିଶାଳ ରାଲି ପୂର୍ବରୁ ଅକ୍ଟୋବର ୩୦ ତାରିଖରେ ଆୟୋଜନ 'ପବ୍ଲିକ୍ ଇମ୍ପିଚ୍‌ମେଣ୍ଟ' (ଗଣ ମହାଭିଯୋଗ) କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହା ଜରିଆରେ ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀ ଓ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ନେଇ ବିରୋଧୀ ନିଜର ଅସନ୍ତୋଷ ପ୍ରକାଶ କରିବେ।

ପ୍ରଥମେ ଏହି କାର୍ଯ୍ୟକ୍ରମ ପାଇଁ ଅଶୋକା ହୋଟେଲ ଓ ରାମଲୀଳା ମୈଦାନକୁ ବାଛିଥିଲେ ବିରୋଧୀ କିନ୍ତୁ ଏହି ଦୁଇଟି ସ୍ଥାନରେ ଅନୁମତି ମିଳିନଥିବା କଂଗ୍ରେସ ଦର୍ଶାଇଛି। ଏହା ପରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଦିଲ୍ଲୀସ୍ଥିତ ବାସଭବନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବାସଭବନରେ ପୂର୍ବରୁ ଇଣ୍ଡିଆ ବ୍ଲକର ଅନେକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓ ରଣନୀତି ପ୍ରସ୍ତୁତି ହୋଇଛି। ଅଖିଳେଶ ଯାଦବ, ତେଜସ୍ୱୀ ଯାଦବ ଓ ଓମାର ଅବଦୁଲ୍ଲାଙ୍କ ପରି ପ୍ରମୁଖ ବିରୋଧୀ ନେତା ମଧ ଏଠାରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଛନ୍ତି।

ଅକ୍ଟୋବର ୩୦ ତାରିଖ ଅପରାହ୍ନ ୩ଟା ୩୦ରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଏଥିରେ ଇଣ୍ଡିଆ ବ୍ଲକର ସାଂସଦଙ୍କ ସହ ନାଗରିକ ସମାଜର ପ୍ରତିନିଧି ଓ ଆଇନ କ୍ଷେତ୍ରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବେ। କେତେକ ପୂର୍ବତନ ବିଚାରପତି ମଧ ଏଥିରେ ସାମିଲ ହେବାର ସମ୍ଭାବନା ରହିଛି। କାର୍ଯ୍ୟକ୍ରମରେ ସମୟାନୁସାରେ ଉପସ୍ଥିତ ରହିବାକୁ ବିରୋଧୀ ସାଂସଦମାନଙ୍କୁ ସୂଚନା ଦିଆଯାଇଛି। ଏହି ବୈଠକରେ ଜ୍ଞାନେଶ କୁମାରଙ୍କ ବିରୋଧରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଏକ ପ୍ରସ୍ତାବ ଉପସ୍ଥାପନ କରାଯିବ। ବିଶେଷକରି ଏସଆଇଆର ପ୍ରକ୍ରିୟା ଏବଂ ଏହା ମାଧ୍ୟମରେ ବହୁ ସଂଖ୍ୟକ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବାର ଆଶଙ୍କା ଉପରେ ଆଲୋଚନା ହେବ। ଭୋଟରଙ୍କ ଅଧିକାର ଓ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ମଧ ବିରୋଧୀ ଦଳର ନେତା ନିଜ ବକ୍ତବ୍ୟ ରଖିବେ।

ମହାଭିଯୋଗ ପ୍ରସ୍ତାବରେ ଜ୍ଞାନେଶ କୁମାରଙ୍କ ଉପରେ ମନମୁଖି ନିଷ୍ପତ୍ତି ନେବା ସହ ଅନ୍ୟ ଦୁଇ ନିର୍ବାଚନ କମିସନରଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ ନ କରିବା ଭଳି ଅଭିଯୋଗ ଉଠାଯିବ। ଏଭଳି ପରିସ୍ଥିତିରେ ସେ ମୁଖ୍ୟ ନିର୍ବାଚନ କମିସନର ପଦରେ ରହିବା ଉଚିତ ନୁହେଁ ବୋଲି ବିରୋଧୀ ଯୁକ୍ତି ଦର୍ଶାଇବେ। ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ କହିବା ଅନୁଯାୟୀ, ଏହା କୌଣସି 'ମକ୍ ପାର୍ଲାମେଣ୍ଟ' ନୁହେଁ; ବରଂ ଏକ 'ଗଣ ମହାଭିଯୋଗ'। ଏଥିରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି ଓ ପୂର୍ବତନ ବିଚାରପତିଙ୍କୁ ସାମିଲ କରି ନିର୍ବାଚନ କମିସନ ଏବଂ ଏସଆଇଆର ପ୍ରକ୍ରିୟା ସମ୍ପର୍କିତ ପ୍ରସଙ୍ଗଗୁଡ଼ିକୁ ବ୍ୟାପକ ଭାବେ ଉପସ୍ଥାପନ କରାଯିବ। ନଭେମ୍ବର ୧ ତାରିଖରେ ହେବାକୁ ଥିବା ବିଶାଳ ରାଲି ପୂର୍ବରୁ ଏହି କାର୍ଯ୍ୟକ୍ରମ ଜରିଆରେ ବିରୋଧୀ ନିଜର ଏକତା ଓ ରାଜନୈତିକ ଶକ୍ତି ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ନାଗପୁରରେ ବିଜେପିକୁ ବଡ଼ ଝଟ୍‌କା

ଏମଏଲସି ଆସନ ଛଡ଼ାଇନେଲା କଂଗ୍ରେସ

ନୂଆଦିଲ୍ଲୀ,୨୯।୧୦: ଦେଶର ବିଭିନ୍ନ ରାଜ୍ୟ ଯଥା ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରେ ହୋଇଥିବା ବିଧାନ ପରିଷଦ (ଗଖଉ) ନିର୍ବାଚନର ଚିତ୍ର ସ୍ପଷ୍ଟ ହୋଇଛି। ଏହି ରାଜ୍ୟଗୁଡ଼ିକର ମୋଟ ୨୮ଟି ଆସନରେ ଏମଏଲସି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ବୁଧବାର ରାତି ସୁଦ୍ଧା ଆସିଥିବା ଫଳାଫଳରେ କଂଗ୍ରେସ କୌଣସି ରାଜ୍ୟରେ ଖାତା ଖୋଲିପାରି ନଥିଲେ ହେଁ, ଶେଷରେ ମହାରାଷ୍ଟ୍ରର ପ୍ରମୁଖ ନାଗପୁର ଆସନରେ ବିଜୟୀ ହୋଇ ଦଳ ନିଜର ଖାତା ଖୋଲିଛି । ନାଗପୁର ଡିଭିଜନ ଗ୍ରାଜୁଏଟ୍ସ ନିର୍ବାଚନମଣ୍ଡଳୀ ଆସନରେ ଏକ କଡ଼ା ଟକ୍କର ଦେଖିବାକୁ ମିଳିଥିଲା । କଂଗ୍ରେସ ପ୍ରାର୍ଥୀ ତଥା ସାମ୍ପ୍ରତିକ ଏମଏଲସି ଅଭିଜୀତ ବଞ୍ଜାରୀ ବିଜେପି ପ୍ରାର୍ଥୀଙ୍କୁ ୩,୨୭୧ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି । ମଙ୍ଗଳବାର ସକାଳୁ ଆରମ୍ଭ ହୋଇଥିବା ଏହି ଭୋଟ୍ ଗଣନା ଗୁରୁବାର ଭୋର ପର୍ଯ୍ୟନ୍ତ ଚାଲିଥିଲା । କଂଗ୍ରେସ ପ୍ରାର୍ଥୀ ଅଭିଜୀତ ବଞ୍ଜାରୀଙ୍କୁ ମୋଟ ୬୭,୨୩୧ ଭୋଟ୍ ମିଳିଥିବା ବେଳେ, ବିଜେପି ପକ୍ଷରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ବିଧାୟକ ସୁଧାକର କୋହାଲେ ୬୩,୯୬୦ ଭୋଟ୍ ପାଇଛନ୍ତି । ନାଗପୁର ଆସନରେ କଂଗ୍ରେସର ଏହି ବିଜୟ ବିଜେପି ପାଇଁ ଏକ ବଡ଼ କ୍ଷତି ବୋଲି ବିବେଚନା କରାଯାଉଛି । କାରଣ ଏହା ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀସ ଏବଂ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ନିଜସ୍ୱ ସହର । ଉଭୟ ବରିଷ୍ଠ ନେତା ସୁଧାକର କୋହାଲେଙ୍କ ପାଇଁ ଜୋରଦାର ପ୍ରଚାର କରିଥିଲେ । ଏହାଛଡ଼ା ନାଗପୁରରେ ହିଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଜଝଝ) ର ମୁଖ୍ୟାଳୟ ମଧ ଅବସ୍ଥିତ। ପ୍ରଥମ ପସନ୍ଦର ଭୋଟ୍ ଗଣନାର ଦ୍ୱିତୀୟ ପର୍ଯ୍ୟନ୍ତ ସୁଧାକର କୋହାଲେ ଆଗୁଆ ଥିଲେ, ମାତ୍ର କୌଣସି ପ୍ରାର୍ଥୀ ଆବଶ୍ୟକୀୟ କୋଟା ହାସଲ କରିପାରି ନଥିବାରୁ ଗଣନା 'ଦ୍ୱିତୀୟ ପସନ୍ଦ' ର ଭୋଟ୍ ପର୍ଯ୍ୟନ୍ତ ଯାଇଥିଲା । ଶେଷ ପର୍ଯ୍ୟନ୍ତ କଡ଼ା ସଂଘର୍ଷ ପରେ ନିର୍ବାଚନ ଅଧିକାରୀ କଂଗ୍ରେସ ପ୍ରାର୍ଥୀ ଅଭିଜୀତ ବଞ୍ଜାରୀଙ୍କୁ ବିଜୟୀ ବୋଲି ଘୋଷଣା କରିଥିଲେ । ସୂଚନାଯୋଗ୍ୟ, ଏହି ଆସନରୁ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ମଧ ଦୀର୍ଘ ସମୟ ଧରି ପ୍ରତିନିଧିତ୍ୱ କରିଆସିଥିଲେ ।

ପୂର୍ବତନ ରେଳମନ୍ତ୍ରୀ ଲାଲୁ ଯାଦବଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆଶ୍ୱସ୍ତି

ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ନୋଟିସ୍

ନୂଆଦିଲ୍ଲୀ,୨୯।୧୦: ଆରଜେଡି ମୁଖ୍ୟ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ଆଇଆରସିଟିସି ଦୁର୍ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ଦିଲ୍ଲୀ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି । ଲାଲୁ ଯାଦବଙ୍କ ବିରୋଧରେ ମନି ଲଣ୍ଡରିଂ ଅଭିଯୋଗ ଗଠନକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କୁ ଜବାବ ମାଗିବା ପାଇଁ ନୋଟିସ ଜାରି କରିଛି । ମାମଲାର ଶୁଣାଣି କରୁଥିବା ଜଷ୍ଟିସ ସଚିନ ଦତ୍ତାଙ୍କ ଖଣ୍ଡପୀଠ ଲାଲୁ ଯାଦବଙ୍କୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଟ୍ରାଏଲ୍ କୋର୍ଟ କାର୍ଯ୍ୟକୁ ସ୍ଥଗିତ ରଖିବା ପାଇଁ ଅନୁମତି ମଧ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୩ ରେ ହେବ । ଲାଲୁ ଯାଦବ ହାଇକୋର୍ଟରେ ଟ୍ରାଏଲ୍ କୋର୍ଟର ସେପ୍ଟେମ୍ବର ୧୦ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଛନ୍ତି । ଏହି କ୍ରମରେ, ଲାଲୁ ଯାଦବ, ତାଙ୍କ ପତ୍ନୀ ରାବ୍ରୀ ଦେବୀ ଏବଂ ପୁଅ ତେଜସ୍ୱୀ ଯାଦବଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ବିରୁଦ୍ଧରେ ମନି ଲଣ୍ଡରିଂ ଅଭିଯୋଗ ଗଠନ କରାଯାଇଥିଲା । ଲାଲୁ ଯାଦବଙ୍କ ଆବେଦନ ଉପରେ ହାଇକୋର୍ଟ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଠାରୁ ଜବାବ ମାଗିଛନ୍ତି । ଇଡି ତାଙ୍କ ପକ୍ଷ ଉପସ୍ଥାପନ କରିବା ପରେ ଆଇନଗତ ପ୍ରକ୍ରିୟା ଆଗକୁ ବଢ଼ିବ । ଏହି ସମ୍ପୂର୍ଣ୍ଣ ମାମଲାରେ ରେଳ ହୋଟେଲ ପାଇଁ ଟେଣ୍ଡର ଏବଂ ପାଟନାରେ ଜମି ହସ୍ତାନ୍ତରକୁ ନେଇ ଅଭିଯୋଗ ହୋଇଛି । ଟ୍ରାଏଲ୍ କୋର୍ଟଙ୍କ ଅନୁଯାୟୀ, କେନ୍ଦ୍ରରେ ଲାଲୁ ପ୍ରସାଦ ଯାଦବ ରେଳମନ୍ତ୍ରୀ ଥିବା ସମୟରେ, ରାଞ୍ଚି ଏବଂ ପୁରୀରେ ରେଳ ହୋଟେଲ ଲିଜ୍ ପାଇଁ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ହୋଇଛି ଯେ ପାଟନାରେ ଜମି ହସ୍ତାନ୍ତର ଲାଲୁ ଯାଦବଙ୍କ ନିକଟତର ଲୋକଙ୍କ ସହ ଜଡିତ ଚ୍ୟାନେଲ ମାଧ୍ୟମରେ କରାଯାଇଥିଲା । ଟ୍ରାଏଲ କୋର୍ଟ ତାଙ୍କ ଆଦେଶରେ କହିଛନ୍ତି ଯେ, ରାବ୍ରୀ ଦେବୀ ଏବଂ ତେଜସ୍ୱୀ ଯାଦବଙ୍କ ବେଆଇନ ଉପାୟରେ ଅଧିଗ୍ରହଣ କରାଯାଇଥିବା ଜମିର ମାଲିକାନା ବିଷୟରେ ଗମ୍ଭୀର ସନ୍ଦେହ ରହିଛି। କୋର୍ଟଙ୍କ ଅନୁଯାୟୀ, ଏହି ପାଟନା ଜମିର ହସ୍ତାନ୍ତର ସେହି ସମୟରେ ହୋଇଥିଲା ଯେତେବେଳେ ଲାଲୁ ଯାଦବ କେନ୍ଦ୍ର ରେଳମନ୍ତ୍ରୀ ଥିଲେ । ତଥାପି, ଏଗୁଡ଼ିକ କେବଳ ଅଭିଯୋଗ, ଏବଂ ମାମଲାରେ ଚୂଡ଼ାନ୍ତ ଦୋଷାରୋପ ଏବେ ବି ବିଚାରାଧୀନ ଅଛି । ଟ୍ରାଏଲ କୋର୍ଟଙ୍କ ଅନୁଯାୟୀ, ରେଳ ହୋଟେଲର ଲିଜ୍ ସମ୍ପର୍କିତ ଅନିୟମିତତା ପରେ, ଜମି ଏବଂ କମ୍ପାନୀ ସେୟାର କାରବାର ମଧ୍ୟରେ ଏକ ଲିଙ୍କ ଦେଖାଦେଇଛି। ଅଭିଯୋଗ ହୋଇଛି ଯେ ହୋଟେଲ ଗୁଡ଼ିକର ନିର୍ଦ୍ଦେଶକ ମାନେ ଲାଲୁ ଯାଦବଙ୍କ ନିକଟତର ସହଯୋଗୀ ସରଳା ଗୁପ୍ତାଙ୍କୁ ପାଟନା ଜମି ହସ୍ତାନ୍ତର କରିଥିଲେ । ତା'ପରେ ସେୟାର ଗୁଡ଼ିକୁ ରାବ୍ରୀ ଦେବୀଙ୍କୁ ବହୁତ କମ୍ ମୂଲ୍ୟରେ ବିକ୍ରି କରାଯାଇଥିଲା ।

ଜିମ ଟ୍ରେନରଙ୍କ ସହ ମିଶି ସ୍ୱାମୀଙ୍କୁ ୧୨ ଥର ଛୁରୀ ମାଡ଼

ନୂଆଦିଲ୍ଲୀ,୨୯।୧୦: ଦ୍ୱିତୀୟ ବିବାହ କରିଥିଲେ ହେଁ ନୂଆ ପ୍ରେମ ପାଇଁ ସ୍ୱାମୀଙ୍କୁ କରୁ ନଥିଲେ ପସନ୍ଦ। ଜମି ଟ୍ରେନରଙ୍କ ସହ ଚାଲିଥିଲା ରୋମାନ୍ସ। ଆଉ ଏହି ଅନୈତିକ ପ୍ରେମ ସମ୍ପର୍କ ପାଇଁ ଭୟଙ୍କର କାଣ୍ଡ ଘଟାଇଛନ୍ତି ଜଣେ ମହିଳା। ସେ ଜିମ ଟ୍ରେନରଙ୍କ ମିଶି ସ୍ୱାମୀଙ୍କ ଉପରେ କରିଛନ୍ତି ପ୍ରାଣଘାତୀ ଆକ୍ରମଣ। ୧୨ ଥର ଛୁରୀ ମାଡ଼ ସତ୍ତ୍ୱେ ସ୍ୱାମୀ ବର୍ତ୍ତି ଯାଇଥିଲେ ହେଁ ପତ୍ନୀ ଓ ଜିମ ଟ୍ରେନରଙ୍କ ସବୁ ଷଡ଼ଯନ୍ତ୍ରର ଗୁମର ଖୋଲି ଯାଇଛି। ଉତ୍ତର ପ୍ରଦେଶର ଗାଜିଆବାଦରୁ ଏପରି ଗୋଟିଏ ଘଟଣା ସାମ୍ନାକୁ ଆସିଛି। ମହିଳା ଓ ତାଙ୍କ ଜିମ ଟ୍ରେନର କେମିତି ସ୍ୱାମୀ ଶଶାଙ୍କ କଣ୍ଡାରିଆଙ୍କ ବିରୋଧରେ ଷଡ଼ଯନ୍ତ୍ର କରିଥିଲେ, ତା'ର ସିସିଟିଭି ଦୃଶ୍ୟ ମଧ ସାର୍ବଜନୀନ ହୋଇଛି। ଅକ୍ଟୋବର ୨୬ ଭୋର ସମୟ। ବସୁନ୍ଧରା ସ୍ଥିତି ଆପାର୍ଟମେଣ୍ଟରୁ ହଠାତ୍ ବାହାରି ଯାଇଥିଲେ ଶଶାଙ୍କଙ୍କ ପତ୍ନୀ ପ୍ରିୟା ଶର୍ମା। ଏହାର କିଛି ମିନିଟ ପରେ ତାଙ୍କ ଜିମ ଟ୍ରେନର ପ୍ରତାପ ସିଂହ ସେଠାରେ ପହଞ୍ଚି ଶଶାଙ୍କଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଦେହରେ ୧୨ ଥର ଛୁରୀ ଭୁଷି ଥିଲେ ପ୍ରତାପ। ପୁଲିସ୍ ଏହି ଘଟଣାରେ ପ୍ରତାପ ଓ ପ୍ରିୟାଙ୍କୁ ଗିରଫ କରିଛି। ସାମ୍ନାକୁ ଆସିଥିବା ସିସିଟିଭି ଦୃଶ୍ୟରେ ଦେଖିବାକୁ ମିଳୁଛି ଯେ ଅକ୍ଟୋବର ୨୬ ତାରିଖ ଭୋର ୫.୧୭ରେ ପ୍ରିୟା ବସୁନ୍ଧରା ସେକ୍ଟର ୧ ସ୍ଥିତ ଜାଗ୍ରିତି ରେସିଡେଣ୍ଟ ୱେଲଫେୟାର ଆସୋସିଏସନ ସୋସାଇଟୀରୁ ବାହାରିଥିଲେ। ସେ ନିଜ କାରରେ ସେଠାରୁ ବାହାରି ଯାଇଥିଲେ। ପ୍ରିୟା ଯିବାର ୩ ମିନିଟ ପରେ ପ୍ରତାପ ସେଠାରେ ପହଞ୍ଚି ସୋସାଇଟୀ ଭିତରକୁ ଦୌଡ଼ି ଦୌଡ଼ି ପ୍ରବେଶ କରିଥିଲେ ଓ ସିଧା ପ୍ରିୟାଙ୍କ ଫ୍ଲାଟକୁ ଯାଇଥିଲେ। ଫ୍ଲାଟର ରୁମରେ ଶଶାଙ୍କ ଶୋଇଥିବା ବେଳେ ପ୍ରତାପ ତାଙ୍କୁ ଛୁରୀ ଭୁଷି ଚାଲିଥିଲେ।

ୟୁକ୍ରେନ୍ ରେଳ ଷ୍ଟେସନ ଉପରେ ରୁଷର ଡ୍ରୋନ ଆକ୍ରମଣ: ୧୩ ମୃତ

ନୂଆଦିଲ୍ଲୀ,୨୯।୧୦: ୟୁକ୍ରେନର ଡନିପ୍ରୋ ସହରରେ ରୁଷ ଏକ ବଡ଼ ଡ୍ରୋନ୍ ଆକ୍ରମଣ କରିଛି, ଯେଉଁଥିରେ ୧୩ ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ୧୦ ରୁ ଅଧିକ ଆହତ ହୋଇଛନ୍ତି। ଆକ୍ରମଣ ପରେ, ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ଏହାକୁ ଡନିପ୍ରୋ ରେଳ ଷ୍ଟେସନରେ ରୁଷ ଦ୍ୱାରା ଏକ ଭୟଙ୍କର ଆକ୍ରମଣ ବୋଲି କହିଛନ୍ତି । ରୁଷୀୟ ମାନେ ସେହି ପ୍ଲାଟଫର୍ମରେ ଏକ ଡ୍ରୋନ୍ ଆକ୍ରମଣ କରିଥିଲେ ଯେଉଁଠାରେ ଏକ ନିୟମିତ ଯାତ୍ରୀବାହୀ ଟ୍ରେନ୍ ଏବଂ ପାସେଞ୍ଜର ମାନେ ଅଟକିଥିଲେ । ସେ କହିଛନ୍ତି,'ଦୁର୍ଭାଗ୍ୟବଶତଃ, ଏପର୍ଯ୍ୟନ୍ତ ୧୩ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି। ମୁଁ ସେମାନଙ୍କ ପରିବାର ଏବଂ ପ୍ରିୟଜନଙ୍କ ପ୍ରତି ମୋର ସମବେଦନା ପ୍ରକାଶ କରୁଛି । ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି । ସମସ୍ତ ଜରୁରୀକାଳୀନ ସେବା ଘଟଣାସ୍ଥଳକୁ ପ୍ରତିକ୍ରିୟା ଦେଉଛନ୍ତି।'ରାଷ୍ଟ୍ରପତି କହିଛନ୍ତି, 'ଉତ୍ତେଜନା ହ୍ରାସ କରିବା ପରିବର୍ତ୍ତେ, କିଛି ରୁଷୀୟ ଅଲିଗାର୍ଚ୍ ଏବଂ ରୁଷୀୟ ଶକ୍ତି କ୍ଷେତ୍ର ଉପରେ ପ୍ରତିବନ୍ଧକ ଉଠାଇବା ପରଠାରୁ ରୁଷ ଆମ ଲୋକଙ୍କ ବିରୁଦ୍ଧରେ କେତେ ଆତଙ୍କବାଦୀ ଆକ୍ରମଣ କରିଛି ?' ଏହି କାରଣରୁ ୟୁକ୍ରେନ ଲଗାତାର ଭାବରେ ବଜାୟ ରଖିଛି ଯେ ରୁଷର ଆକ୍ରମଣର ଜବାବରେ ଆମେରିକା ଏବଂ ୟୁରୋପ ଉପଯୁକ୍ତ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ । ସେ ଆହୁରି ମଧ କହିଛନ୍ତି, 'ଯେପର୍ଯ୍ୟନ୍ତ ଏହି ରୁଷ ଯୁଦ୍ଧ ଜାରି ରହିବ, ସେପର୍ଯ୍ୟନ୍ତ ମସ୍କୋ ଏବଂ ଏହାର ଯୁଦ୍ଧ ଯନ୍ତ୍ର ବିରୁଦ୍ଧରେ କୌଣସି ପ୍ରକାରର କଟକଣା ଛାଡ଼ କରାଯିବା ଉଚିତ୍ ନୁହେଁ । ଏବେ ସମୟ ଆସିଛି ଯେ ରଟ, ଟଝ ଏବଂ ଏ୭ ନୂତନ ଏବଂ କଠୋର କଟକଣା ଲାଗୁ କରିବେ । ଯେଉଁମାନେ ଏହି ଦିଗରେ ସାହାଯ୍ୟ କରିବାକୁ ଇଚ୍ଛୁକ, ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି।

ଇରାନ ଯୁଦ୍ଧରେ ଆମେରିକାର ୪୭.୧ ଅରବ ଡଲାର ଖର୍ଚ୍ଚ

ଟ୍ରମ୍ପଙ୍କ ଉପରେ ବଢ଼ିଲା ଆର୍ଥିକ ଚାପ !

ନୂଆଦିଲ୍ଲୀ,୨୯।୧୦ : ଇରାନ ସହ ଚାଲିଥିବା ଯୁଦ୍ଧ ଆମେରିକା ପାଇଁ ଅଧିକରୁ ଅଧିକ ମହଙ୍ଗା ସାବ୍ୟସ୍ତ ହେଉଛି । ଗତ ଫେବ୍ରୁଆରୀ ମାସରୁ ଆରମ୍ଭ ହୋଇଥିବା ଏହି ସଂଘର୍ଷରେ ଆମେରିକା ଏଯାଏଁ ମୋଟ ୪୭.୧ ଅରବ ଡଲାର ଅର୍ଥାତ୍ ଲକ୍ଷ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିସାରିଲାଣି । ଏହା ଆମେରିକାର ରାଷ୍ଟ୍ରପତି

ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପାଇଁ ଏକ ବଡ଼ ଆର୍ଥିକ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଆମେରିକାର ପ୍ରତିରକ୍ଷା ବିଭାଗ 'ପେଣ୍ଟାଗନ' ଗତ ସପ୍ତାହରେ ସଂସଦକୁ ଏହି ସତ୍ୟତା ସମ୍ପର୍କରେ ଅବଗତ କରାଇଛି । ବିଭାଗୀୟ ରିପୋର୍ଟ ମୁତାବକ, ଗତ ଅକ୍ଟୋବର ୧୬ ତାରିଖ ସୁଦ୍ଧା କେବଳ ଇରାନ ଯୁଦ୍ଧର ବାବଦକୁ ମୋଟ ଖର୍ଚ୍ଚ ୪୭.୧ ଅବ୍‌ଡ ଡଲାରରେ ପହଞ୍ଚିଛି । ବିଶେଷଜ୍ଞଙ୍କ ମତରେ, ଗତ କିଛି ମାସ ପୂର୍ବର ଆକଳନ ତୁଳନାରେ ଏହି ବ୍ୟୟ ପ୍ରାୟ ୨୫ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ୬୦ ପ୍ରତିଶତ ଅର୍ଥ ହତିଆର ପଛରେ: ମୋଟ ଖର୍ଚ୍ଚର ପ୍ରାୟ ୬୦ ପ୍ରତିଶତ ଅଂଶ କେବଳ ଘାତକ ବୋମା, ଅତ୍ୟାଧୁନିକ ମିସାଇଲ୍ ଏବଂ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର କ୍ରୟ ଓ ପ୍ରୟୋଗରେ ଶେଷ ହୋଇଛି । ବାୟୁସେନାର ଅଧିକ ଖର୍ଚ୍ଚ: ଆମେରିକୀୟ ବାୟୁସେନା କେବଳ ଯୁଦ୍ଧାସ୍ତ୍ର ଏବଂ ବମ୍ବର ବିମାନଗୁଡ଼ିକର ପରିଚାଳନା ପାଇଁ ୭.୬ ଅବ୍‌ଡ ଡଲାର ଖର୍ଚ୍ଚ କରିଛି ।

ଶସ୍ତା ହେଲା କର୍କଟ ରୋଗ ଔଷଧ

ନୂଆଦିଲ୍ଲୀ,୨୯।୧୦: କର୍କଟ ରୋଗର ଚିକିତ୍ସାକୁ ଅଧିକ ସୁଲଭ କରିବା ଲକ୍ଷ୍ୟରେ ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନ୍‌ପିପିଏ) ପକ୍ଷରୁ ୫୪୩ଟି ବ୍ରାଣ୍ଡର କର୍କଟ ଔଷଧର ସଂଶୋଧିତ ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍‌ଆରପି) ତାଲିକା ପ୍ରକାଶ କରାଯାଇଛି। ଏହି ନୂତନ ଦର ଆସନ୍ତା ନଭେମ୍ବର ୯ରୁ ଲାଗୁ ହେବ। ଔଷଧ ନିର୍ମାତା କମ୍ପାନୀଗୁଡ଼ିକଠାରୁ ଅକ୍ଟୋବର ୨୭ ସୁଦ୍ଧା ମିଳିଥିବା ତଥ୍ୟ ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଅଧୀନ ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ ପକ୍ଷରୁ ପ୍ରକାଶିତ ତାଲିକାରେ ବିଭିନ୍ନ କର୍କଟ ରୋଗ ଔଷଧର ପୂର୍ବ ଓ ସଂଶୋଧିତ ମୂଲ୍ୟ ଦର୍ଶାଯାଇଛି। ଏଥିରେ ଅନାସ୍ଟ୍ରୋଜୋଲ୍ ଔଷଧର ଅନାର୍ଜୋଲ୍ ବ୍ରାଣ୍ଡର ୧୦ଟି ବଟିକା ପ୍ୟାକେଟ୍‌ର ଦାମ୍ ୬୯୫.୭୬ ଟଙ୍କାରୁ ୭୩ ଟଙ୍କାକୁ ହ୍ରାସ ପାଇଛି। ସେହିପରି ଡା. ରେଡ୍ଡିଜ୍ ଲାବୋରେଟୋରିଜ୍‌ର ଆଜାସିଟିଡିନ୍ ଇଞ୍ଜେକ୍ସନ୍‌ର ଦାମ୍ ୬,୩୩୭ ଟଙ୍କାରୁ ୧,୪୯୫ ଟଙ୍କାକୁ କମିଛି। ଆବଟ୍ ହେଲ୍‌ଥକେୟାରର ବେଭାସିଜୁମାବ୍ ଇଞ୍ଜେକ୍ସନ୍‌ର ଦାମ୍ ୨୧,୭୬୭ ଟଙ୍କାରୁ ୫,୯୩୦ ଟଙ୍କାକୁ ହ୍ରାସ କରାଯାଇଛି। ଏହା ପୂର୍ବରୁ ଅକ୍ଟୋବର ୧୭ରେ ଏନ୍‌ପିପିଏ ସାଧାରଣ ଜନସ୍ୱାର୍ଥ ଦୃଷ୍ଟିରୁ ୧୩୭ଟି ଅଣ-ସୂଚୀଭୁକ୍ତ କର୍କଟ ଔଷଧର ବାଣିଜ୍ୟିକ ଲାଭାଂଶ ଯୁକ୍ତିସଙ୍ଗତ କରିବା ନେଇ ଘୋଷଣା କରିଥିଲା। ଔଷଧର ଅତ୍ୟଧିକ ଲାଭାଂଶ ହ୍ରାସ କରିବା ସହ କର୍କଟ ଚିକିତ୍ସାକୁ ଅଧିକ ସୁଲଭ କରିବା ଏହାର ଉଦ୍ଦେଶ୍ୟ।

ସୁପ୍ରିମକୋର୍ଟଙ୍କୁ କ୍ଷମା ମାଗିଲେ ସଞ୍ଜୟ ରାଉତ

ନୂଆଦିଲ୍ଲୀ,୨୯।୧୦: ଶିବସେନା ୟୁବିଟି ସାଂସଦ ସଞ୍ଜୟ ରାଉତ ସୁପ୍ରିମକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି । କୋର୍ଟ ଦ୍ୱାରା ଜାରି ଅବମାନନା ନୋଟିସର ଜବାବରେ ରାଉତ କ୍ଷମା ପ୍ରାର୍ଥନା କରିଛନ୍ତି । ସଞ୍ଜୟ କହିଛନ୍ତି, କୋର୍ଟଙ୍କୁ ସମ୍ମାନ କରନ୍ତି ଏବଂ ଭବିଷ୍ୟତରେ ନ୍ୟାୟପାଳିକା ବିଷୟରେ ବୟାନ ଦେବା ସମୟରେ ସତର୍କତା ଏବଂ ସଂଯମତା ଅବଲମ୍ବନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସୁପ୍ରିମକୋର୍ଟ ୧୭ ନଭେମ୍ବରରେ ବ୍ୟକ୍ତିଗତ ଭାବରେ ହାଜର ହେବାକୁ ସଞ୍ଜୟ ରାଉତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ରାହୁଲ ଗାନ୍ଧୀଙ୍କ ସମେତ ବିରୋଧୀ ନେତାଙ୍କ ସହ ସାକ୍ଷାତ କରିବାକୁ ଅନୁମତି ନଦେବା ପରେ ରାଉତ ନ୍ୟାୟପାଳିକା ବିଷୟରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ । ଏହି କାରଣରୁ ସୁପ୍ରିମକୋର୍ଟ ବାର ଆସୋସିଏସନ ତାଙ୍କ ବିରୁଦ୍ଧରେ ଅବମାନନା ଆବେଦନ ଦାଖଲ କରିଛନ୍ତି । ସଞ୍ଜୟ ରାଉତଙ୍କ ପକ୍ଷରୁ ଜାରି ସତ୍ୟପାଠ ଦାଖଲ କରାଯିବା ପରେ ବୁଧବାର ଶୁଣାଣି ବେଳେ କୋର୍ଟ ରେକର୍ଡରେ ଏହି କ୍ଷମା ଆବେଦନ ଦାଖଲ କରାଯାଇନଥିଲା । ଶୁଣାଣି ବେଳେ ରାଉତଙ୍କ ପକ୍ଷରୁ ଓକିଲ ମଧ ହାଜର ହୋଇନଥିଲେ । ଏବେ ରାଉତଙ୍କୁ ଧାର୍ଯ୍ୟ ତାରିଖ ଉପରେ ନିଜେ କୋର୍ଟରେ ହାଜର ହେବାକୁ ପଡିବ । ସୁପ୍ରିମକୋର୍ଟ ତାଙ୍କ ସତ୍ୟପାଠ ଓ ମାମଲା ସମ୍ପର୍କିତ ତଥ୍ୟ ଉପରେ ବିଚାର କରିବେ ।

ଭାରତକୁ ଘାଇଲା କରିବ ଏଲ୍‌ନିନୋ

ମାର୍ଚ୍ଚ ସୁଦ୍ଧା ଯାଇପାରେ ୫୫ ହଜାର ଲୋକଙ୍କ ଜୀବନ

ନୂଆଦିଲ୍ଲୀ,୨୯।୧୦: ଭାରତରେ ସାଂଘାତିକ ସ୍ଥିତି ସୃଷ୍ଟି କରିପାରେ ଏଲ୍‌ନିନୋ। ଦେଶକୁ ସାମ୍ନା କରିବାକୁ ପଡ଼ିପାରେ ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ। ଏଲ୍‌ନିନୋ ଯୋଗୁ ମାର୍ଚ୍ଚ ସୁଦ୍ଧା ଭାରତରେ ୫୫ ହଜାର ଲୋକଙ୍କ ମୃତ୍ୟୁ ମଧ ହୋଇପାରେ। ଅନେକ ପାଣିପାଗ ବିଜ୍ଞାନୀ ଓ ଅନ୍ତର୍ଜାତୀୟ ସଂସ୍ଥା ଏପରି ଆକଳନ କରିଛନ୍ତି। ଏହାର ରିପୋର୍ଟ ସାମ୍ନାକୁ ଆସିବା ପରେ ସମସ୍ତଙ୍କ ଛାତି ଧଡ଼ଧଡ଼ ହେବାରେ ଲାଗିଛି। ପୃଥିବୀର ପାଣିପାଗ ଅନେକ ପ୍ରାକୃତିକ ଜଳବାୟୁ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହୋଇଥାଏ। ଏହି ପ୍ରକ୍ରିୟା ମଧ୍ୟରେ ରହିଛି ଏଲ୍‌ନିନୋ। ଚଳିତ ବର୍ଷ ଏଲନିନୋ ତାଣ୍ଡବ ରଚିବାର ଆଶଙ୍କା ରହିଛି। ଏଲନିନୋ ଯୋଗୁ ସମୁଦ୍ରରେ ଉତ୍ତାପ ବଢ଼ିବାରେ ଲାଗିଛି। ଏଥିଯୋଗୁ କେଉଁଠି ମରୁଡ଼ି ତ କେଉଁଠି ବନ୍ୟା ଓ ଭୟଙ୍କର ଝଡ଼ ସୃଷ୍ଟି ହେଉଛି। ଆଗକୁ ମଧ ଏହି ପ୍ରକ୍ରିୟା ଜାରି ରହିପାରେ।

ରିପୋର୍ଟ ଅନୁସାରେ, ସେପ୍ଟେମ୍ବର ସୁଦ୍ଧା କେନ୍ଦ୍ରୀୟ ଓ ପୂର୍ବ ଭୂମଧ୍ୟ ପ୍ରଶାନ୍ତ ମହାସାଗରର ତାପମାତ୍ରା ୩.୦୮ ଡିଗ୍ରୀ ବୃଦ୍ଧି ପାଇଥିଲା। ଏହା ଏଲନିନୋର ସବୁଠାରୁ ସାଂଘାତିକ ପ୍ରଭାବ। କେତେକ ବିଶେଷଜ୍ଞ ଏହାକୁ 'ସୁପର ଏଲ୍ ନିନୋ' ବୋଲି କହିଛନ୍ତି। ଏପରି ଜଳବାୟୁ ପରିବର୍ତ୍ତନ ଯୋଗୁ ଅନେକ ସ୍ଥାନରେ ଖରା ଯୋଗୁ ଅନେକ ଲୋକଙ୍କ ମୃତ୍ୟୁ ଘଟିବ ବୋଲି ଆକଳନ କରିଛି କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍। ଏନେଇ ସଂସ୍ଥା ଗୋଟିଏ ମାନଚିତ୍ର ମଧ ଜାରି କରିଛି। 'ଏଲ୍ ନିନୋ ହିଟ୍ ମର୍ଟାଲିଟି ଟ୍ରାକର' ନାମକ ସଂସ୍ଥା ଅନୁଯାୟୀ, ଆସନ୍ତା ୬ ମାସ ମଧ୍ୟରେ ଅତ୍ୟଧିକ ଉତ୍ତାପ ଯୋଗୁ ପୂରା ବିଶ୍ୱରେ ଅତିରିକ୍ତ ୩ ଲକ୍ଷ ୭୩ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇପାରେ। ସେହିପରି ଭାରତରେ ଏହି ସଂଖ୍ୟା ୫୫ ହଜାରରୁ ଅଧିକ ରହିବ। କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍‌ର ସହ-ପ୍ରତିଷ୍ଠାତା ମାଇକେଲ୍



ଗ୍ରୀନ୍‌ଷ୍ଟୋନ୍ କହିଛନ୍ତି, "ଅତ୍ୟଧିକ ଗରମର ମାରାତ୍ମକ ପ୍ରଭାବକୁ ଆଗୁଆ ଅନୁମାନ କରିପାରିବା ଗୋଟିଏ ବଡ଼ ଘଟଣା। ଏହାଦ୍ୱାରା କେଉଁ ଅଞ୍ଚଳର ଲୋକ ସର୍ବାଧିକ ବିପଦରେ ଅଛନ୍ତି, ତାହା ଚିହ୍ନଟ କରିବା ସହ ଜୀବନହାନିକୁ ରୋକିବାକୁ ପଦକ୍ଷେପ ନିଆଯାଇ ପାରିବ। ବର୍ତ୍ତମାନ ଆମେ ଗୋଟିଏ ସୁପର ଏଲ୍ ନିନୋର ସାମ୍ନା କରୁଛୁ।" ସଂସ୍ଥାର କହିବା କଥା ଯେ ଏଲନିନୋ ଯୋଗୁ ଅତ୍ୟଧିକ ଗରମ ଅନୁଭୂତ ହେବ। ଗ୍ଲୋବାଲ୍ ସାଉଥ୍‌ରେ ଅଧିକାଂଶ ଲୋକ ଏଥିଯୋଗୁ ପ୍ରାଣ ହରାଇ ପାରନ୍ତି। ଏହି ତାଲିକାରେ ଭାରତ ମଧ ପ୍ରଭାବିତ ହେବାର ଆଶଙ୍କା ରହିଛି। ଅକ୍ଟୋବରରୁ ମାର୍ଚ୍ଚ ମଧରେ ଭାରତରେ ଅତ୍ୟଧିକ ଗରମ ଯୋଗୁ ପ୍ରାୟ ୫୫ ହଜାର ଅତିରିକ୍ତ ମୃତ୍ୟୁ ଘଟିପାରେ। ଏଥିମଧରୁ ଅଧିକାଂଶ ମୃତ୍ୟୁ ମାର୍ଚ୍ଚ ମାସରେ ହେବାର ଆଶଙ୍କା କରିଛି ସଂସ୍ଥା।

ଭାରତ ବ୍ୟତୀତ ନାଇଜେରିଆରେ ମଧ ୫୬ ହଜାର ଲୋକଙ୍କ ମୃତ୍ୟୁ ହୋଇପାରେ। ଦକ୍ଷିଣ-ପୂର୍ବ ଏସିଆ ମଧ ଏହି ଜଳବାୟୁ ପରିବର୍ତ୍ତନର ଏକ ପ୍ରମୁଖ ପ୍ରଭାବିତ ଅଞ୍ଚଳ ହୋଇ ରହିବ। ଇଣ୍ଡୋନେସିଆରେ ଏଲ୍ ନିନୋ ଜନିତ ଗରମ ଯୋଗୁ ପ୍ରାୟ ୨୯ ହଜାର ଲୋକଙ୍କ ମୃତ୍ୟୁ ହୋଇପାରେ। ସେହିପରି ବ୍ରାଜିଲ୍‌ରେ ପ୍ରାୟ ୧୯ ହଜାର ଲୋକଙ୍କ ମୃତ୍ୟୁ ଆଶଙ୍କା କରାଯାଇଛି।

ଆଜି ଚତୁର୍ଥ ଟ୍ୱେଣ୍ଟି-୨୦ : ପରୀକ୍ଷାନିରୀକ୍ଷା କରିପାରେ ଭାରତ

ଅକ୍‌ଲାଣ୍ଡ: ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ଭ୍ରମଣକାରୀ ଭାରତ ୩-୦ରେ ଆଗୁଆ ଜିତି ସାରିଛି। ଚତୁର୍ଥ ମୁକାବିଲା ଶୁକ୍ରବାର ଖେଳାଯିବାକୁ ଥିଲା ବେଳେ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ସୁଯୋଗ ଦେବାକୁ ଚିନ୍ତା କରୁଛି। ବ୍ୟାଟିଂରେ ଦୃଢ଼ତା ରଖିବା ପାଇଁ ଭାରତ ଏପର୍ଯ୍ୟନ୍ତ ଅଷ୍ଟମ ସ୍ଥାନ ପର୍ଯ୍ୟନ୍ତ ବ୍ୟାଟରଙ୍କୁ ନେଇ ଖେଳୁଛି। ତେଣୁ କୁଲଦୀପ ଓ ବରୁଣଙ୍କୁ ବେଞ୍ଚରେ ବସିବାକୁ ପଡ଼ିଛି। ଭାରତର ଏହି ରଣନୀତି ବି ସଫଳ ହୋଇଛି। ଶୃଙ୍ଖଳା ଜିତି ସାରିବାରୁ ଶେଷ ଦୁଇ ମ୍ୟାଚ୍‌ରେ ଦଳ ପରୀକ୍ଷାନିରୀକ୍ଷା କରିପାରେ। ମଧ୍ୟଭାଗ ଓଭରରେ କୁଲଦୀପ ଭଲ କରୁଥିବାରୁ ସୁଯୋଗ ନ ମିଳିଲେ ତାଙ୍କ ଆତ୍ମବିଶ୍ୱାସ ଉପରେ ପ୍ରଭାବ ପଡ଼ିପାରେ। ବ୍ୟାଟିଂ ଉପରେ ସାଲିସ କରି ତାଙ୍କୁ ଅକ୍‌ଲାଣ୍ଡରେ ଭାରତ ସୁଯୋଗ ଦେଇପାରେ। କିନ୍ତୁ ଗତ ମ୍ୟାଚ୍‌ଗୁଡ଼ିକରେ ସ୍ପିନ୍ ଅଲ୍‌ରାଉଣ୍ଡର ଭାବେ ଖେଳିଥିବା ନମନ ଧୀର ବୋଲିଂ ପାଇନାହାନ୍ତି। ସ୍ପିନ୍ ଅଲ୍‌ରାଉଣ୍ଡର ଅକ୍ଷର ପଟେଲ ବୋଲିଂ ସୁଯୋଗ ପାଇଥିଲେ ମଧ୍ୟ ଇକୋନୋମି ୯.୫୮ ରହିଛି। ବହୁ ଦିନ ପରେ ଦଳକୁ ଫେରିଥିବା ଭୁବନେଶ୍ୱର କୁମାର ମଧ୍ୟ ପ୍ରଭାବଶୂନ୍ୟ ରହୁଛନ୍ତି। ମୟଙ୍କ ଯାଦବଙ୍କ ବଦଳରେ ପ୍ରିନ୍ସ ଯାଦବ ସୁଯୋଗ ପାଇଥିଲେ

ସେମିତି କିଛି କରି ପାରିନାହାନ୍ତି। ତେଣୁ ମୟଙ୍କ ଫେରିବାର ସମ୍ଭାବନା ରହିଛି। ସେହିପରି ଆହତ ଯୋଗୁଁ ଗତ ୨ ମ୍ୟାଚ୍‌ରୁ ବାଦ୍ ପଡ଼ିଥିବା ଈଶାନ କିଶାନ ସୁସ୍ଥ ହୋଇ ନଥିବାରୁ ଫେରିବା ସମ୍ଭାବନା କମ୍ ରହିଛି। ତେଣୁ ପୂର୍ବ ଭଳି ବୈଭବ ପୁଣି ଥରେ ସୁଯୋଗ ପାଇବେ। ନୀତୀଶ ରେଡ୍ଡୀଙ୍କ ସ୍ଥାନରେ ଶିବମ ଦୁବେଙ୍କୁ ଖେଳାଇବା ନେଇ ମଧ୍ୟ ଦଳ ଭାବୁଛି।

ଅନ୍ୟପକ୍ଷରେ ଭାରତର ଆକ୍ରମଣ ବ୍ୟାଟିଂକୁ ନେଇ ନ୍ୟୁଜିଲାଣ୍ଡ ଚିନ୍ତାରେ ରହିଛି। ଅଧିନାୟକ ମିଚେଲ ସାଣ୍ଟନର କେବଳ ଭଲ କରୁଥିଲା ବେଳେ ଅନ୍ୟ ବୋଲରମାନେ ଆଶାନୁଯାୟୀ ପ୍ରଦର୍ଶନ ଦେଇ ପାରୁନାହାନ୍ତି। ଏହା ଭିତରେ ମ୍ୟାଟ୍ ହେନରି ଓ ଲୋକି ଫର୍ଗୁସନ ଆହତ ଯୋଗୁଁ ଦଳରୁ ବାଦ୍ ପଡ଼ିବା ଦଳକୁ ଆଉ ଏକ ଝଟକା ଦେଇଛି। ତଥାପି ଘରୋଇ ଦଳ ଚତୁର୍ଥ ଟ୍ୱେଣ୍ଟି-୨୦ ଜିତି ପ୍ରତ୍ୟାବର୍ତ୍ତନ କରିବା ଆଶାରେ ରହିଛି।

ଭାରତ (ସମ୍ଭାବ୍ୟ ଏକାଦଶ): ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନ୍ (ୱିକେଟ୍‌ରକ୍ଷକ), ବୈଭବ ସୂର୍ଯ୍ୟବଂଶୀ, ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ନୀତୀଶ କୁମାର ରେଡ୍ଡୀ/ଶିବମ ଦୁବେ, କୁଲଦୀପ ଯାଦବ/ବରୁଣ ଚକ୍ରବର୍ତ୍ତୀ, ନମନ ଧୀର, ଭୁବନେଶ୍ୱର କୁମାର, ପ୍ରିନ୍ସ ଯାଦବ/ମୟଙ୍କ ଯାଦବ , ଅର୍ଶଦୀପ ସିଂହ।

ନ୍ୟୁଜିଲାଣ୍ଡ (ସମ୍ଭାବ୍ୟ ଏକାଦଶ): ଫିନ୍ ଆଲେନ, ଟିମ୍ ସେଫର୍ଟ (ୱିକେଟ୍‌କିପର), ବେଭନ ଜାକବ୍ସ/ଡେଭନ କନୱେ, ଗ୍ଲେନ୍ ଫିଲିପ୍ସ, ଡାରିଲ ମିଚେଲ, ମାଇକେଲ ବ୍ରେସ୍‌ୱେଲ, ମିଚେଲ ସାଣ୍ଟନର (ଅଧିନାୟକ), ନାଥନ ସ୍ମିଥ୍, କାଇଲ ଜାମିସନ, ଆଦମ ମିଲ୍‌ନେ, ଜାକବ ଡଫି।

ବିଶ୍ୱ କୁସ୍ତିରେ ରୌପ୍ୟ ଜିତିଲେ କାଜଲ, ନୀଲମ

ଆସ୍ତାନା, ୨୯।୧୦: ଭାରତୀୟ କୁସ୍ତିବିତ୍ କାଜଲ ଢୋଚାକ ଓ ନୀଲମ ସିରୋହି ଏଠାରେ ଚାଲିଥିବା ବିଶ୍ୱ କୁସ୍ତି ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତି ଇତିହାସ ରଚିଛନ୍ତି। ପ୍ରଥମ ଥର ଲାଗି ଗୋଟିଏ ସଂସ୍କରଣରେ ୨ ଜଣ ଭାରତୀୟ ମହିଳା ରୌପ୍ୟ ପଦକ ଜିତିବାର ଗୌରବ ପାଇଛନ୍ତି। ପୂର୍ବରୁ ଏକ ମାତ୍ର ଭାରତୀୟ ମହିଳା କୁସ୍ତିବିତ୍ ଭାବେ ଅଂଶୁ ମଲ୍ଲିକ ୨୦୨୧ ସଂସ୍କରଣରେ ଫାଇନାଲ୍‌ରେ ପହଞ୍ଚିଥିଲେ।ମହିଳା ୭୬ କିଲୋଗ୍ରାମ ଫାଇନାଲ୍‌ରେ ବରିଷ୍ଠ ବିଶ୍ୱପ୍ରତିଯୋଗିତାରେ ପଦାର୍ପଣ କରିଥିବା ୧୮ ବର୍ଷୀୟା କାଜଲ କଡ଼ା ସଂଘର୍ଷ କରି ୬-୮ରେ ତିନି ଥର ୟୁରୋପୀୟ ବିଜୟିନୀ ୟୁକ୍ରେନ୍‌ର ଆନାସ୍ତାସିୟା ଆଲ୍‌ପେୟେଭାଙ୍କଠୁ ହାରି ଯାଇଥିଲେ।ସେମିଫାଇନାଲ୍‌ରେ ସେ ୧-୭ରେ ପଛରେ ରହିବାର ପରେ ପ୍ରତ୍ୟାବର୍ତ୍ତନ କରି ୧୦-୭ରେ କିର୍ଗିଜସ୍ତାନର ଅଇପେରି ମେଦେତ କିଜିଙ୍କୁ ହରାଇଥିଲେ। ସେହିଭଳି ୫୦ କିଲୋଗ୍ରାମ୍‌ରେ ୨୬ ବର୍ଷୀୟା ନୀଲମ ୦-୫ରେ ୪ ଥର ବିଶ୍ୱ ବିଜୟିନୀ ଜାପାନର ୟୁଇ ସୁସାକିଙ୍କଠୁ ହାରି ଯାଇଥିଲେ। ସେମିରେ ସେ କାଜାଖସ୍ତାନର ଜିନେପ ବେୟାନୋଭାଙ୍କୁ ୭-୩ରେ ମାତ୍ ଦେଇଥିଲେ।

ଡବ୍‌ଲିନ୍ ବିମାନବନ୍ଦରରେ ସାଙ୍ଗାକାରଙ୍କୁ ଅସମ୍ମାନ

ଡବଲିନ୍, ୨୯।୧୦: ଶ୍ରୀଲଙ୍କାର ପୂର୍ବତନ କ୍ରିକେଟର୍ କୁମାର ସାଙ୍ଗାକାରାଙ୍କୁ ଡବଲିନ୍ ବିମାନବନ୍ଦରଠାରେ ଅସମ୍ମାନ କରାଯାଇଛି। ପରିବାର ସହ ଯାତ୍ର ସମୟରେ ରିୟାନଏୟାର କର୍ମଚାରୀ ତାଙ୍କ ପ୍ରତି 'ଭେଦଭାବପୂର୍ଣ୍ଣ' ଓ 'ଧମକପୂର୍ଣ୍ଣ' ଆଚରଣ କରିଥିବା ନେଇ ସେ ଅଭିଯୋଗ କରିଛନ୍ତି।୪୯ ବର୍ଷ ବୟସରେ ପାଦ ଥାପିଥିବା ସାଙ୍ଗାକାରା ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି, "ଡବଲିନ୍‌ରେ ରିୟାନଏୟାରର କର୍ମଚାରୀଙ୍କ ଭେଦଭାବପୂର୍ଣ୍ଣ ଆଚରଣ କେହି ଅନୁଭବ କରିଛନ୍ତି କି ମୁଁ ପରିବାର ସହ ଏହାର ସମ୍ମୁଖୀନ ହେଲି। ଅନୁଭୂତି ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା।" ଏହି ବିମାନ କର୍ମଚାରୀଙ୍କ କଥା କହିବା ଶୈଳୀ ଓ ଧମକପୂର୍ଣ୍ଣ ଆଚରଣକୁ ନିନ୍ଦା କରିବା ସହ ସେ ପୁଣି କହିଛନ୍ତି ଯେ ''ଏଭଳି ବ୍ୟବହାର କୌଣସି ଯାତ୍ରୀଙ୍କ ପ୍ରତି ଗ୍ରହଣୀୟ ନୁହେଁ। ଡବଲିନ୍‌ରେ ଏହା ମୋର ପ୍ରଥମ ଖରାପ ଅନୁଭୂତି''। ସୂଚନାଯୋଗ୍ୟ ଯେ ଶ୍ରୀଲଙ୍କାର ଏହି ପୂର୍ବତନ ୱିକେଟ୍‌କିପର ପ୍ରଥମ ଅଣ ବ୍ରିଟିସ୍ ବ୍ୟକ୍ତି ଭାବେ ମେରିଲେବୋନ୍ କ୍ରିକେଟ୍ କ୍ଲବ୍ (ଏମ୍‌ସିସି)ର ଅଧ୍ୟକ୍ଷ ରହିଥିଲେ। ସେ ଏହି ଦାୟିତ୍ୱରେ ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ରହିଥିଲେ।

ରଣଜୀରେ ମୁଶୀରଙ୍କ ବିରଳ ରେକର୍ଡ

ମୁମ୍ବାଇ, ୨୯।୧୦:ରଣଜୀ ଟ୍ରଫିରେ ବିରଳ ରେକର୍ଡ କରିଛନ୍ତି ମୁଶୀର ଖାନ। ଏକବୀଂଶ ଶତାବ୍ଦୀରେ କୌଣସି କ୍ରିକେଟର ଯାହା କରିପାରି ନଥିଲେ, ସେକଥା କରିଛନ୍ତି ମୁଶୀର। ସେ ରଣଜୀ ଟ୍ରଫିରେ ନିଜର ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରିଛନ୍ତି।ବ୍ୟାଟରେ ଶତକ ହାସଲ କରିବା ସହ ବୋଲିଂରେ ନେଇଛନ୍ତି ୬ ୱିକେଟ। ଏଥିଯୋଗୁ ହରିୟାଣା ବିପକ୍ଷ ମ୍ୟାଚ୍‌ର ପ୍ରଥମ

ଇନିଂସରେ ମୁମ୍ବାଇ ହାସଲ କରି ନେଇଛି ବିଶାଳ ୧୬୦ ରନର ଲିଡ୍। ୨୧ ବର୍ଷୀୟ ମୁଶୀର ହେଉଛନ୍ତି ଭାରତ ପାଇଁ ପ୍ରତିନିଧିତ୍ୱ କରି ସାରିଥିବା ବ୍ୟାଟର ସର୍ଫରାଜ ଖାନଙ୍କ ସାନ ଭାଇ। ସେ ହରିୟାଣା ବିପକ୍ଷ ରଣଜୀ ଟ୍ରଫି ମୁକାବିଲାରେ ୮୫ ରନ ଦେଇ ନେଇଛନ୍ତି ୬ଟି ୱିକେଟ। ହରିୟାଣା ଇନିଂସରେ ଝଡ଼ିଥିବା ପ୍ରଥମ ୫ ୱିକେଟ ମୁଶୀରଙ୍କ ଖାତାକୁ ଯାଇଛି। ତେବେ ନିଶାନ୍ତ ସାନ୍ଧୁ ଭ୍ରମଣକାରୀ ହରିୟାଣା ପାଇଁ ଲଢେଇ କରି ଅପରାଜିତ ୧୦୫ ରନ କରିପାରିଛନ୍ତି।

ମୁଶୀରଙ୍କ ଘାତକ ବୋଲିଂ ଯୋଗୁ ମୁମ୍ବାଇର ଫଲୋଅନ ଦେବା ସହ ବୋନସ ପଏଣ୍ଟ ସହ କ୍ରମାଗତ ତୃତୀୟ ବିଜୟ ଲକ୍ଷ୍ୟରେ ରହିଛି। ମୁମ୍ବାଇ ୪୩୦ ରନ ଜବାବରେ ହରିୟାଣା ପ୍ରଥମ ଇନିଂସରେ କେବଳ ୨୭୦ ରନ କରିପାରିଥିଲେ। ଫଲୋଅନ ପରେ ପୁଣି ବ୍ୟାଟିଂ କରି ହରିୟାଣା ୨୭୦ ରନ କରିପାରିଛି।

ତେବେ ଏହି ମ୍ୟାଚ୍‌ରେ ମୁଶୀର ନିଜର ଜଲୱା ଦେଖାଇଛନ୍ତି। ସେ ଏକବିଂଶ ଶତାବ୍ଦୀରେ ମୁମ୍ବାଇର ପ୍ରଥମ ଖେଳାଳି ଭାବେ ସମାନ ମ୍ୟାଚ୍‌ରେ ଶତକ ଓ ୫ କିମ୍ବା ତା' ଠାରୁ ଅଧିକ ୱିକେଟ ନେଇପାରିଛନ୍ତି। ପୂର୍ବରୁ ସମାନ କୀର୍ତ୍ତିମାନ ୧୯୯୦-୯୧ରେ ରବି ଶାସ୍ତ୍ରୀ ହାସଲ କରିଥିଲେ।

ମୁଶୀର ହରିୟାଣା ବିପକ୍ଷ ମ୍ୟାଚ୍‌ରେ ୩ ନମ୍ବରରେ ମୁମ୍ବାଇ ପାଇଁ ବ୍ୟାଟିଂ କରିବାକୁ ଆସିଥିଲେ। ଏହି ସମୟରେ ସେ ୧୮୫ ବଲରେ ୧୦୯ ରନର ଇନିଂସ ଖେଳିଥିଲେ। ଏହା ମଧ୍ୟରେ ଥିବା ୧୨ଟି ଚୌକା ଓ ଗୋଟିଏ ଛକା। ତାଙ୍କ ବଡ଼ ଭାଇ ସର୍ଫରାଜ ଖାନ ଏହି ମ୍ୟାଚ୍‌ରେ କେବଳ ୪୦ ରନ କରିପାରିଥିଲେ। ମୁମ୍ବାଇ ପ୍ରଥମ ଇନିଂସରେ ୪୩୦ ରନ କରିବା ପରେ ହରିୟାଣା ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ୬୧ ରନ ଯାଏ କୌଣସି ୱିକେଟ ହରାଇ ନଥିଲା। କିନ୍ତୁ ମୁଶୀର ବୋଲିଂ କରିବାକୁ ଆସିବା କ୍ଷଣି ହରିୟାଣାର ବ୍ୟାଟିଂ ଲାଇନଅପ୍ ଛିନଛତ୍ର ହୋଇଯାଇଥିଲା।ସେ ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ନିଶାନ୍ତ ସାନ୍ଧୁ(ଅପରାଜିତ ୧୦୫ ରନ)ଙ୍କୁ ଛାଡ଼ି ହରିୟାଣାର ପ୍ରଥମ ୫ ୱିକେଟ ଦଖଲ କରିଥିଲେ। ଏହାପରେ ତନୁଷ କୋଟିଆନଙ୍କୁ ମିଳିଥିଲା ୬ଷ୍ଠ ୱିକେଟ।

ହରିୟାଣର ୯ମ ୱିକେଟ ଦଖଲ କରି ମୁଶୀର ଖାନ ନିଜର ୬ଷ୍ଠ ସଫଳତା ପାଇଥିଲେ। କୋଟିଆନ ହରିୟାଣର ଶେଷ ୱିକେଟ ଦଖଲ କରି ଦଳକୁ ୨୭୦ ରନରେ ଅଲଆଉଟ କରି ଦେଇଥିଲେ।

ରୋନାଲ୍‌ଡୋଙ୍କୁ ପ୍ରଥମ 'ବୋଟ୍' ପୁରସ୍କାର

ପ୍ୟାରିସ୍, ୨୯।୧୦: ଫ୍ରାନ୍ସ ଫୁଟ୍‌ବଲ୍ ପକ୍ଷରୁ ପ୍ରଥମ ଥର ଲାଗି ଆରମ୍ଭ ହୋଇଥିବା 'ସର୍ବକାଳୀନ ବାଲନ ଓ'ଡିଓର୍' (ବୋଟ୍) ପୁରସ୍କାର ପର୍ତ୍ତୁଗାଲ ତାରକା କ୍ରିଷ୍ଟିଆନୋ ରୋନାଲ୍‌ଡୋ ଜିତି ନେଇଛନ୍ତି। ମାଞ୍ଚେଷ୍ଟର ୟୁନାଇଟେଡ୍ ପକ୍ଷରୁ ୨୦୦୮ରେ ତାଙ୍କ ପ୍ରଦର୍ଶନକୁ ବାଲନ୍ ଡି'ଓର୍ ଇତିହାସର ଶ୍ରେଷ୍ଠ ବ୍ୟକ୍ତିଗତ ବର୍ଷ ଭାବେ ପ୍ରଶଂସକମାନେ ମାନ୍ୟତା ଦେଇଛନ୍ତି। ଏହି ପୁରସ୍କାର ଦୌଡ଼ରେ ଥିବା ତାଙ୍କର ବହୁଦିନର ପ୍ରତିଦ୍ୱନ୍ଦ୍ୱୀ ଆର୍ଜେଣ୍ଟିନା ତାରକା ତଥା ରେକର୍ଡ ୮ ଥର ବାଲନ ଡି'ଓର୍ ପୁରସ୍କାର ପାଇଥିବା ଲିଓନେଲ୍ ମେସିଙ୍କୁ ସେ ପଛରେ ପକାଇ ଦେଇଛନ୍ତି। ୨୦୧୨ରେ ମେସି ରେକର୍ଡ ୯୧ ଗୋଲ୍ କରିଥିଲେ ମଧ୍ୟ ୫ ଥର ବାଲନ ଡି'ଓର୍ ବିଜେତା ରୋନାଲ୍‌ଡୋଙ୍କ ୨୦୦୮ ବର୍ଷ ପ୍ରଦର୍ଶନକୁ ଅଧିକ ଭୋଟ୍ ମିଳିଥିଲା। ସାଧାରଣତଃ ବାଲନ୍ ଡି'ଓର୍ ପୁରସ୍କାର ବିଜେତାଙ୍କୁ ସାମ୍ବାଦିକମାନେ ବାଛୁଥିବା ବେଳେ 'ବୋଟ୍' ବିଜେତାଙ୍କୁ ପ୍ରଶଂସକମାନେ ଡିଜିଟାଲ୍ ଭୋଟ୍ ମାଧ୍ୟମରେ ବାଛିଛନ୍ତି।ପ୍ରତି ଭୋଟ୍ ପାଇଁ ଏକ ୟୁରୋ ଦେବାକୁ ପଡ଼ିଥିଲେ ମଧ୍ୟ ୫,୦୦୦ରୁ ଅଧିକ ପ୍ରଶଂସକ ଖୁସିର ସହ ଏକାଧିକ ଥର ଭୋଟ୍ ଦେଇଥିଲେ। ସୂଚନାଯୋଗ୍ୟ ଯେ ମେସି ଓ ରୋନାଲ୍‌ଡୋଙ୍କ ବାଦ୍ ଏକାଧିକ ଥର ବାଲନ ଡି'ଓର୍ ପୁରସ୍କାର ବିଜେତା ଜୋହାନ କ୍ରୁଇଫ, ମିଚେଲ ପ୍ଲାଟିନି, ମାର୍କ ଭାନ୍ ବାଷ୍ଟେନ, କାର୍ଲ-ହେଞ୍ଜ୍ ରୁମେନିଗେ, କେଭିନ କିଗାନ, ଫ୍ରାଞ୍ଜ ବେକେନବର, ଅଲଫ୍ରେଡୋ ଡି ଷ୍ଟିଫାନୋ ଓ ରୋନାଲ୍‌ଡୋ ନାଜାରିଓ 'ବୋଟ୍' ପୁରସ୍କାର ଦୌଡ଼ରେ ଥିଲେ।

ଡବ୍ଲୁପିଏଲ୍ ନିଲାମରେ ସୋଫି ମୋଲିନ୍ୟୁ ସବୁଠୁ ଦାମୀ ଖେଳାଳି

ନୂଆଦିଲ୍ଲୀ, ୨୯।୧୦: ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ) ୨୦୨୭ ନିଲାମ ପ୍ରକ୍ରିୟା ଶେଷ ହୋଇଥିବାବେଳେ ଏଥିରେ କେତେକ ଖେଳାଳିଙ୍କ ଭାଗ୍ୟ ଚମକିଛି ଏବଂ ସେମାନେ ନୂତନ ଜର୍ସିରେ ନଜର ଆସିବେ। ଚଳିତଥରର ଅକ୍ସନରେ ବିଦେଶୀ ଖେଳାଳିଙ୍କ କ୍ଷେତ୍ରରେ ଅଷ୍ଟ୍ରେଲିଆର ଅଲରାଉଣ୍ଡର ସୋଫି ମୋଲିନ୍ୟୁ ସର୍ବାଧିକ ଚର୍ଚ୍ଚାରେ ରହିଛନ୍ତି। ୟୁପି ୱାରିୟର୍ସ ତାଙ୍କୁ ୧.୧୦ କୋଟି ଟଙ୍କା ବ୍ୟୟ କରି ଦଳରେ ସାମିଲ କରିଛି। ସେହିପରି ଭାରତୀୟ ବ୍ୟାଟ୍ସମ୍ୟାନ୍ କିରଣ ନଭଗିରେଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୭୫ ଲକ୍ଷ ଟଙ୍କାରେ କିଣିଛି। ଆସନ୍ତୁ ଜାଣିବା ଏହି ନିଲାମରେ ସବୁଠାରୁ ଅଧିକ ମୂଲ୍ୟ ପାଇଥିବା ଶ୍ରେଷ୍ଠ ୫ ଖେଳାଳିଙ୍କ ସମ୍ପୂର୍ଣ୍ଣ ବିବରଣୀ।



ଅଷ୍ଟ୍ରେଲିଆର ଦକ୍ଷ ଅଲରାଉଣ୍ଡର ସୋଫି ମୋଲିନ୍ୟୁ ଡବ୍ଲୁପିଏଲ୍ ୨୦୨୭ ଅକ୍ସନର ସବୁଠାରୁ ମହଙ୍ଗା ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କର ମୂଳ ଦର ୫୦ ଲକ୍ଷ ଟଙ୍କା ଥିବାବେଳେ ୟୁପି ୱାରିୟର୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଶେଷରେ ୟୁପି ଫ୍ରାଞ୍ଚାଇଜ୍ ସବୁଠାରୁ ବଡ଼ ବୋଲି ଲଗାଇ ୧.୧୦ କୋଟି ଟଙ୍କାରେ ତାଙ୍କୁ ନିଜ ଦଳକୁ ଆଣିବାରେ ସଫଳ ହୋଇଛି।

ଭାରତୀୟ ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ କିରଣ ନଭଗିରେ ଏହି ନିଲାମର ଦ୍ୱିତୀୟ ସବୁଠାରୁ ମହଙ୍ଗା ଖେଳାଳି ଭାବେ ବାହାରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୭୫ ଲକ୍ଷ ଟଙ୍କା ଦେଇ କିଣିଛି, ଯେତେବେଳେ କି ତାଙ୍କର ବେସ୍ ପ୍ରାଇସ୍ ୪୦ ଲକ୍ଷ ଟଙ୍କା ଥିଲା। ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ତାଙ୍କୁ କିଣିବା ଦୌଡ଼ରେ ଥିଲା, କିନ୍ତୁ ଶେଷରେ ଦିଲ୍ଲୀ ବାଜି ମାରିନେଇଛି।

ପ୍ରତିଭାଶାଳୀ ଭାରତୀୟ ୱିକେଟ୍ କିପର୍-ବ୍ୟାଟ୍ସମ୍ୟାନ୍ ଜି. କମଳିନୀଙ୍କୁ ଗୁଜରାଟ ଜାଏଣ୍ଟ୍ସ ୪୦ ଲକ୍ଷ ଟଙ୍କା ଦେଇ ନିଜ ଦଳରେ ସାମିଲ କରିଛି। ତାଙ୍କର ମୂଳ ଦର ମଧ୍ୟ ୪୦ ଲକ୍ଷ ଟଙ୍କା ଥିଲା। ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ସହ ଜଡ଼ିତ ଥିବା କମଳିନୀ ଏବେ ଆଗାମୀ ସିଜିନରେ ଗୁଜରାଟ ପାଇଁ ପଡ଼ିକୁ ଓହ୍ଲାଇବେ।

ଅଷ୍ଟ୍ରେଲିଆର ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ୍ ଗ୍ରେସ ହାରିସ ପୁଣିଥରେ ଉପୀ ୱାରିୟର୍ସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫ୍ରାଞ୍ଚାଇଜ୍ ତାଙ୍କୁ ୩୦ ଲକ୍ଷ ଟଙ୍କାର ମୂଳ ଦରରେ କିଣିଛି। ତାଙ୍କର ଆଗମନ ଦଳର ବ୍ୟାଟିଂ ବିଭାଗକୁ ଆହୁରି ଅଧିକ ମଜଭୁତ ଏବଂ ଅଭିଜ୍ଞ କରିବ ବୋଲି ଆଶା କରାଯାଉଛି।ଅଭିଜ୍ଞ ଭାରତୀୟ ଅଲରାଉଣ୍ଡର ସ୍ନେହ ରାଣାଙ୍କୁ ମଧ୍ୟ ଉପୀ ୱାରିୟର୍ସ ୩୦ ଲକ୍ଷ ଟଙ୍କା ବିନିମୟରେ କିଣିଛି। ତାଙ୍କର ମୂଳ ଦର ମଧ୍ୟ ଏତିକି ଥିଲା। ସ୍ନେହ ନିଜର ଦମଦାର୍ ବୋଲିଂ ସାଙ୍ଗକୁ ଆବଶ୍ୟକ ସମୟରେ ବ୍ୟାଟିଂରେ ମଧ୍ୟ ଦଳକୁ ବଡ଼ ସହଯୋଗ ଯୋଗାଇ ଦେବାର କ୍ଷମତା ରଖିଛନ୍ତି।

କର୍ଣ୍ଣାଟକର ଯୁବ ଅଲରାଉଣ୍ଡର ଉମା କାଶ୍ମୀ ଏକ ବଡ଼ ଇତିହାସ ରଚିଛନ୍ତି। ମାତ୍ର ୧୫ ବର୍ଷ ବୟସରେ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୧୦ ଲକ୍ଷ ଟଙ୍କାର ମୂଳ ମୂଲ୍ୟ ଦେଇ କିଣିଛି। ଏହି କ୍ରୟ ସହିତ ସେ ମହିଳା ପ୍ରିମିୟର ଲିଗ୍ ଇତିହାସରେ ସବୁଠାରୁ କମ୍ ବୟସରେ ଚୁକ୍ତିବଦ୍ଧ ହୋଇଥିବା ପ୍ରଥମ ଖେଳାଳି ହୋଇପାରିଛନ୍ତି। ଉମା କାଶ୍ମୀ ହେଉଛନ୍ତି କର୍ଣ୍ଣାଟକର ଜଣେ ପ୍ରତିଭାବାନ ଯୁବ କ୍ରିକେଟର। ସେ ଜଣେ ଡାହାଣହାତୀ ବ୍ୟାଟ୍ସମ୍ୟାନ୍ ଏବଂ ଡାହାଣହାତୀ ଅଫ୍-ସ୍ପିନ୍ ବୋଲର୍ ଅଟନ୍ତି। ସେ ଘରୋଇ କ୍ରିକେଟରେ କର୍ଣ୍ଣାଟକ ଅଣ୍ଡର-୧୫ ଦଳର ଅଧିନାୟକତ୍ୱ କରିସାରିଛନ୍ତି। ଅଣ୍ଡର-୧୫ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସେ ଚମତ୍କାର ପ୍ରଦର୍ଶନ କରି ୫୧୬ ରନ୍ ସଂଗ୍ରହ କରିଥିଲେ, ଯାହା ପରେ ସେ ଚର୍ଚ୍ଚାକୁ ଆସିଥିଲେ। ଏହା ବ୍ୟତୀତ ସେ ଭାରତୀୟ ଅଣ୍ଡର-୧୯ ଦଳ ପକ୍ଷରୁ ଶ୍ରୀଲଙ୍କା ବିପକ୍ଷରେ ମଧ୍ୟ ପ୍ରତିନିଧିତ୍ୱ କରି ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି।

ଏହି ନିଲାମରେ କେବଳ ବିଦେଶୀ ତାରକା ନୁହେଁ ବରଂ ଭାରତୀୟ ଖେଳାଳିମାନଙ୍କ ଉପରେ ମଧ୍ୟ ଫ୍ରାଞ୍ଚାଇଜ୍ ଗୁଡ଼ିକ ପ୍ରଚୁର ଭରସା ପ୍ରକଟ କରିଛନ୍ତି। ଏବେ ଏହି ଖେଳାଳିମାନେ ଆଗାମୀ ଉତଖ ସିଜିନରେ ନିଜ ନିଜ ଦଳର ଆଶା ଓ ଭରସାକୁ କିପରି ସାକାର କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

ମୁମ୍ବାଇ ଇଣ୍ଡିଆନ୍ସରୁ ମାଲିଙ୍ଗା ବିଦାୟ

ମୁମ୍ବାଇ, ୨୯।୧୦: ୨୦୨୭ ଆଇପିଏଲ ପୂର୍ବରୁ କୋଚିଂ ସେଟ୍ ଅପରେ ନବକଳେବର କରିବାକୁ ଯାଉଛି ୫ ଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ। ନିକଟରେ ଦଳର ମୁଖ୍ୟ କୋଚ ପଦରୁ ବିଦାୟ ନେଇଥିଲେ ଶ୍ରୀଲଙ୍କାର କିମ୍ବଦନ୍ତୀ ଖେଳାଳି ମାହେଲା ଜୟବର୍ଦ୍ଧନେ। ଏହାପରେ କାଏରନ ପୋଲାର୍ଡଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ମୁଖ୍ୟ କୋଚ କରିଥିଲା। ଏବେ ଦଳର କୋଚିଂ ସେଟ୍‌ଅପ୍‌ରେ ଥିବା ଲସିତ ମାଲିଙ୍ଗା, ପାରସ ମହାମ୍ବ୍ରେ ଓ କାର୍ଲ ହୋପକିନସନ ମଧ୍ୟ ବିଦାୟ ନେଇଛନ୍ତି।



ମାଲିଙ୍ଗା ଓ ପାରସ ମୁମ୍ବାଇ ଇଣ୍ଡିଆନ୍ସର ଦ୍ରୁତ ଓ ସ୍ପିନ ବୋଲିଂ କୋଚ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ହୋପକିନସନ ଥିଲେ ଦଳର ଫିଲ୍ଡିଂ କୋଚ। ଏହି ୩ ଜଣ ଏବେ ବିଦାୟ ନେଇଥିବାରୁ ୨୦୨୭ ଆଇପିଏଲ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ନୂଆ ସଦସ୍ୟଙ୍କୁ ନିଜର କୋଚିଂ ସେଟଅପ୍‌ରେ ସାମିଲ କରିବ।

ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ସୋଶାଲ ମିଡିଆରେ ମାଲିଙ୍ଗା, ପାରସ ଓ ହୋପକିନସନଙ୍କ ବିଦାୟ ଖବରକୁ ନିଶ୍ଚିତ କରାଯାଇଛି। ସେହିପରି ସେମାନେ ଦୀର୍ଘ ସମୟ ଧରି ଟିମର ସଫଳତାରେ ସାମିଲ ଥିବାରୁ ତାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ କୃତଜ୍ଞତା ଜଣାଇଛି।

ମୁମ୍ବାଇ ଇଣ୍ଡିଆନ୍ସ ସହ ମାଲିଙ୍ଗାଙ୍କ ସମ୍ପର୍କ ବେଶ ପୁରୁଣା। ମାଲିଙ୍ଗା ଏକଦା ମୁମ୍ବାଇ ପାଇଁ ଆଇପିଏଲ ଖେଳୁଥିଲେ। ତାଙ୍କ ସମୟରେ ଦଳ ୪ଥର ଚାମ୍ପିୟନ ହୋଇଛି। ୨୦୧୧ ଚାମ୍ପିୟନ୍ସ ଲିଗ ଟି-୨୦ରେ ମଧ୍ୟ ମୁମ୍ବାଇ ଟ୍ରଫି ଜିତିବା ବେଳେ ମାଲିଙ୍ଗା ରହିଥିଲେ। ଏତେ ସବୁ ସଫଳତା ପରେ ମୁମ୍ବାଇ ଇଣ୍ଡିଆନ୍ସକୁ ମାଲିଙ୍ଗା ମେଣ୍ଟୋର ଓ ପରେ କୋଚ ଭାବେ କମବ୍ୟାକ କରିଥିଲେ। ୨୦୨୪ ଆଇପିଏଲ ପୂର୍ବରୁ ମାଲିଙ୍ଗା ବୋଲିଂ କୋଚ ଭାବେ ମୁମ୍ବାଇକୁ ଫେରିଥିଲେ। ଏହାପୂର୍ବରୁ ଶେନ ବଣ୍ଡ ଦଳର ବୋଲିଂ କୋଚ ଭାବେ ଦୀର୍ଘ ୯ ବର୍ଷ କାମ କରିଥିଲେ। ୨୦୨୧ରେ ଆଇପିଏଲରୁ ଅବସର ନେବା ପରେ ୨୦୨୨ ଓ ୨୦୨୩ରେ ସେ ରାଜସ୍ଥାନ ରୟାଲ୍ସର ବୋଲିଂ କୋଚ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

୨୦୨୧ରେ ମାଲିଙ୍ଗା ଅବସର ନେଇଥିଲେ। କିନ୍ତୁ ୨୦୧୮ରେ ମୁମ୍ବାଇରେ ମେଣ୍ଟୋର ଭାବେ ମଧ୍ୟ ସେବା ଯୋଗାଇ ଥିଲେ। ଗୋଟିଏ ବର୍ଷ ମେଣ୍ଟୋର ହେବା ପରେ ୨୦୧୯ରେ ସେ ପୁଣି ମୈଦାନକୁ ଓହ୍ଲାଇ ଯଶପ୍ରୀତ ବୁମ୍ରାଙ୍କ ସହ ମୁମ୍ବାଇର ପେସ ବୋଲିଂ କମାଣ ସମ୍ଭାଳିଥିଲେ। ମୁମ୍ବାଇ ସେହିବର୍ଷ ଚାମ୍ପିୟନ ମଧ୍ୟ ହୋଇଥିଲା। ପାରସ ଦୁଇଟି ପର୍ଯ୍ୟାୟରେ ମୁମ୍ବାଇ ସହ କାମ କରିଛନ୍ତି। ପ୍ରଥମେ ସେ ୨୦୧୦ରୁ ୨୦୧୭ ଓ ପରେ ୨୦୨୫ ଓ ୨୦୨୬ ସଂସ୍କରଣରେ ସେ ମୁମ୍ବାଇ କୋଚିଂ ସେଟଅପରେ ରହିଥିଲେ। ୨୦୨୧ ନଭେମ୍ବରରୁ ୨୦୨୪ ଜୁଲାଇ ଯାଏ ପାରସ ଭାରତୀୟ ଟିମର ବୋଲିଂ କୋଚ ରହିଥିଲେ। ଏହି ସମୟରେ ଦଳ ୨୦୨୪ ଟି-୨୦ ବିଶ୍ୱକପ ଜିତିଥିଲା।

ସିରିଜ ମୂଳପୋଛ

ଭଦୋଦରା ୨୯।୧୦(ଏଜେନ୍ସି): ବୈଷ୍ଣବୀ ଶର୍ମାଙ୍କ ଘାତକ ବୋଲିଂ ଏବଂ ପ୍ରତୀକା ରାୱଲ ଓ ଶେଫାଳି ବର୍ମାଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଜିମ୍ବାୱେକୁ ଏଠାରେ ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନିକିଆରେ ୮ ୱିକେଟ୍‌ରେ ହରାଇଦେଇଛି ଭାରତ। ଏହି ସହଜ ବିଜୟ ସହ ସ୍ମୃତି ମନ୍ଧାନାଙ୍କ ଦଳ ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାକୁ ୩-୦ରେ ପୋଛିନେଇଛି। ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୩୯.୫ ଓଭରରେ ମାତ୍ର ୧୩୧ ରନ୍ କରିଥିଲା। ବୈଷ୍ଣବୀ ଶର୍ମା ୩୯ ରନ୍ ଦେଇ ୫ ୱିକେଟ୍ ନେଇଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ପ୍ରଥମ ୫ ୱିକେଟ୍ ସଫଳତା। କ୍ରାନ୍ତି ଗୌଡ଼ ଓ ସାୟଲି ସତଘରେ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଜିମ୍ବାୱେ ପକ୍ଷରୁ ମୋଡେଷ୍ଟର ମୁପାଚିକୱା ସର୍ବାଧିକ ୩୭ ରନ୍ କରିଥିଲେ। ୧୩୨ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ମାତ୍ର ୧୭ ଓଭରରେ ୨ ୱିକେଟ୍ ହରାଇ ହାସଲ କରିଥିଲା। ପ୍ରତୀକା ରାୱଲ ୫୬ ବଲ୍‌ରୁ ଅପରାଜିତ ୫୯ ରନ୍ କରିଥିବା ବେଳେ ଶେଫାଳି ବର୍ମା ମାତ୍ର ୨୬ ବଲ୍‌ରୁ ଅପରାଜିତ ୫୧ ରନ୍ କରିଥିଲେ। ବୈଷ୍ଣବୀ ମ୍ୟାଚ୍‌ର (୫/୩୯) ଓ ପ୍ରତୀକା ରାୱଲ (୨୨୦ ରନ୍) ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଦିନିକିଆରୁ ପ୍ରସିଦ୍ଧ କ୍ରିଷ୍ଣା ଆଉଟ !

ନୂଆଦିଲ୍ଲୀ, ୨୯।୧୦(ଏଜେନ୍ସି): ଭାରତୀୟ କ୍ରିକେଟ ଦଳ ବର୍ତ୍ତମାନ ନ୍ୟୁଜିଲ୍ୟାଣ୍ଡ ଗସ୍ତରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳୁଛି। ଏହା ପରେ ନଭେମ୍ବର ୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍। ହେଲେ ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ୍ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଶିବିରରୁ ଏକ ନିରାଶାଜନକ ଖବର ସାମ୍ନାକୁ ଆସିଛି। ଦଳର ତାରକା ଦ୍ରୁତ ବୋଲର ପ୍ରସିଦ୍ଧ କୃଷ୍ଣା ଆଘାତ ସମସ୍ୟା ଯୋଗୁଁ ସମ୍ପୂର୍ଣ୍ଣ ଦିନିକିଆ ସିରିଜ୍‌ରୁ ବାହାର ହୋଇଥିବା ସୂଚନା ମିଳିଛି। ପୂର୍ବରୁ ବିସିସିଆଇ ଦଳ ଘୋଷଣା କରିବା ସମୟରେ ସ୍ପଷ୍ଟ କରିଥିଲା ଯେ, ପ୍ରସିଦ୍ଧଙ୍କ ଖେଳିବା ନିର୍ଭର କରିବ ତାଙ୍କ ଫିଟନେସ୍ ଉପରେ। ତେବେ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ସେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି।

ହ୍ୟାମଷ୍ଟ୍ରିଙ୍ଗ୍ ସମସ୍ୟାରୁ ମୁକ୍ତି ପାଇବା ପାଇଁ ପ୍ରସିଦ୍ଧ କୃଷ୍ଣା ବର୍ତ୍ତମାନ ପୁନରୁଦ୍ଧାର ପ୍ରକ୍ରିୟା ଦେଇ ଗତି କରୁଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇର ରିପୋର୍ଟ ଅନୁଯାୟୀ, ପ୍ରସିଦ୍ଧଙ୍କୁ ପ୍ରଥମ ୩ଟି ଦିନିକିଆ ପାଇଁ ସ୍କ୍ୱାଡ୍‌ରେ ସାମିଲ କରାଯାଇଥିଲା, ହେଲେ ସେ ପୂରା ସିରିଜ୍‌ରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଛି।ବିସିସିଆଇର ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ଯେ, 'ପ୍ରସିଦ୍ଧ ବେଶ୍ ଦ୍ରୁତ ଗତିରେ ସୁସ୍ଥ ହେଉଛନ୍ତି। ନଭେମ୍ବର ୧ ଓ ୨ ତାରିଖରେ ବେଙ୍ଗାଲୁରୁସ୍ଥିତ 'ସେଣ୍ଟର ଅଫ୍ ଏକ୍ସଲେନ୍ସ'ରେ ତାଙ୍କର ମ୍ୟାଚ୍ ସିମୁଲେସନ୍ ଏବଂ ଫିଟନେସ୍ ଟେଷ୍ଟ କରାଯିବ।'

ଅଧିକାରୀଜଣକ ଆହୁରି ମଧ୍ୟ କହିଛନ୍ତି ଯେ, ଆଗାମୀ ଟେଷ୍ଟ କ୍ରିକେଟ୍‌ରେ ପ୍ରସିଦ୍ଧଙ୍କ ଆବଶ୍ୟକତା ଦିନିକିଆ ତୁଳନାରେ ଯଥେଷ୍ଟ ଅଧିକ। ତେଣୁ ସେ ଯେପରି ଟେଷ୍ଟ ସିରିଜ୍ ପାଇଁ ଶତପ୍ରତିଶତ ଫିଟ୍ ରହିବେ, ସେଥିପ୍ରତି ଟିମ୍ ମ୍ୟାନେଜମେଣ୍ଟ ଏବଂ ଜାତୀୟ ଚୟନ କମିଟି ଅଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରସିଦ୍ଧ ସିରିଜ୍‌ରୁ ବାହାରିବା ପରେ ଏବେ ବଡ଼ ପ୍ରଶ୍ନ ଉଠୁଛି ଯେ, ତାଙ୍କ ସ୍ଥାନରେ କେଉଁ ଖେଳାଳିଙ୍କୁ ସୁଯୋଗ ମିଳିବ ଏହି ଦୌଡ଼ରେ ଜମ୍ମୁ-କାଶ୍ମୀରର ଯୁବ ଦ୍ରୁତ ବୋଲର ଆକିବ ନବୀଙ୍କ ନାଁ ସବୁଠୁ ଆଗରେ ରହିଛି। ଆକିବ ପ୍ରଥମରୁ ହିଁ ଶେଷ ଦୁଇଟି ଦିନିକିଆ ପାଇଁ ଭାରତୀୟ ଦଳର ଅଂଶବିଶେଷ ଅଛନ୍ତି। ସମ୍ପ୍ରତି ନ୍ୟୁଜିଲ୍ୟାଣ୍ଡ-ଏ ବିପକ୍ଷ ଅନୌପଚାରିକ ଟେଷ୍ଟ ମ୍ୟାଚ୍‌ରେ ଇଣ୍ଡିଆ-ଏ ପକ୍ଷରୁ ଖେଳି ଆକିବ ଚମତ୍କାର ପ୍ରଦର୍ଶନ କରିଥିଲେ। ସେହି ମ୍ୟାଚ୍‌ର ଉଭୟ ଇନିଂସରେ ୩-୩ଟି ଲେଖାଏଁ ୱିକେଟ୍ ନେଇ ମୋଟ ୬ଟି ୱିକେଟ୍ ହାସଲ କରିଥିଲେ।

ଓଡ଼ିଶା-ସର୍ଭିସେସ୍ ରଣଜୀ ମ୍ୟାଚ୍ ଡ୍ର

ଭୁବନେଶ୍ୱର, ୨୯।୧୦(ଏଜେନ୍ସି): ଓଡ଼ିଶା ଓ ସର୍ଭିସେସ୍ ମଧ୍ୟରେ ସ୍ଥାନୀୟ କିଟ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ରଣଜୀ ଟ୍ରଫି ତୃତୀୟ ରାଉଣ୍ଡ୍ ମ୍ୟାଚ୍ ବର୍ଷା ଯୋଗୁଁ ଡ୍ର' ରହିଛି। ଆଜି ଚତୁର୍ଥ ତଥା ଅନ୍ତିମ ଦିବସରେ ଅଳ୍ପ କିଛି ଓଭର ଖେଳାଯାଇଥିଲା। ସର୍ଭିସେସ୍ ୧୩/୦ରୁ ଆରମ୍ଭ କରି ୧୨ ଓଭର ସୁଦ୍ଧା ୪୦ ରନ୍ କରି କୌଣସି ୱିକେଟ ହରାଇ ନ ଥିଲା। ଏହି ସମୟରେ ପୁଣି ବର୍ଷା ହେବାରୁ ଆଉ ଖେଳ ସମ୍ଭବ ହୋଇପାରିନଥିଲା। ଫଳରେ ମ୍ୟାଚ୍ ଡ୍ର' ରଖିବାକୁ ପଡିଲା। ଡ୍ର ସହ ଉଭୟ ଦଳକୁ ୧ ଲେଖାଏଁ ପଏଣ୍ଟ ପାଇଥିଲେ। ଫଳରେ ଓଡ଼ିଶା-ସର୍ଭିସେସ୍ ଖାତା ଖୋଲିଛନ୍ତି। ଓଡ଼ିଶା ପ୍ରଥମେ ବ୍ୟାଟିଂ ୧୯୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ତେବେ ଦ୍ୱିତୀୟ, ତୃତୀୟ ଦିନ ଗୋଟିଏ ଲେଖା ବଲ୍ ପଡିନଥିଲା। ଗତକାଲି ତୃତୀୟ ଦିନ ଖେଳ ଘୂର୍ଣ୍ଣିଝଡ଼ 'ଅର୍ଣ୍ଣବ' ଜନିତ ଲଗାଣ ବର୍ଷା ପାଇଁ ବାତିଲ ହୋଇଯାଇଛି। ସକାଳୁ ବର୍ଷା ଲାଗି ରହିବାରୁ ବୁଧବାର ଗୋଟିଏ ହେଲେ ବି ବଲ୍ ପଡ଼ି ନଥିଲା କିମ୍ବା ଖେଳାଳି ବାହାରକୁ ବାହାରି ନଥିଲେ। ସଂପୂର୍ଣ୍ଣ ଷ୍ଟାଡିୟମ୍‌କୁ ଦିନ ତମାମ ପାଲରେ ଘୋଡ଼ାଇ ରଖା ଯାଇଥିଲା।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର